୬ ▶ ୫୭ ବର୍ଷର ପୁରୁଣା ରେକର୍ଡ ଭାଙ୍ଗିଲେ ବୈଭବ ସୂର୍ଯ୍ୟବଂଶୀ




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

The Sambad Kalika

TM

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹2.00

● ବର୍ଷ–୩୩ ● ସଂଖ୍ୟା–୨୧୨ ● ୧ ସେପ୍ଟେମ୍ବର ୨୦୨୬ ମଙ୍ଗଳବାର ● ଭୁବନେଶ୍ୱର ● Vol -33 ● Issue-212 ● 1st September 2026, Tuesday ● Bhubaneswar RNI Regd.No. : 52640/94 Postal Regd.No. : BN-60/25-27



CBC 14129/13/0011/2627

GOVERNMENT OF INDIA

BRICS INDIA 2026

ସ୍ଥିରତା, ନବସୃଜନ, ସହଯୋଗ ଏବଂ ସ୍ଥାୟୀତ୍ୱ ପାଇଁ ନିର୍ମାଣ

ବ୍ରିକ୍ସ ଶିଖର ସମ୍ମିଳନୀ

୧୨-୧୩ ସେପ୍ଟେମ୍ବର ୨୦୨୬ ନୂଆଦିଲ୍ଲୀ, ଭାରତ

ଜନ-କୈନ୍ଦ୍ରିକ ଆଭିମୁଖ୍ୟ

'ସର୍ବପ୍ରଥମେ ମାନବତା'ର ଭାବନା




## ଏସ୍‌ସିଓ ଶିଖର ସମ୍ମିଳନୀ ଅବସରରେ

# ମୋଦୀ-ପୁଟିନ ସାକ୍ଷାତ୍, ଇରାନ ରାଷ୍ଟ୍ରପତିଙ୍କ ସହ ମଧ୍ୟ ଆଲୋଚନା

**ବିସ୍‌କେକ୍, ୩୧ ।୮**

ସାଂଘାଇ ସହଯୋଗ ସଂଗଠନ (ଏସସିଓ) ଶିଖର ସମ୍ମିଳନୀ ଅବସରରେ କିର୍ଗିଜସ୍ତାନର ରାଜଧାନୀ ବିସକେକ୍‌ରେ ସୋମବାର ପ୍ରଧାନମନ୍ତ୍ରୀ ମୋଦୀ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କୁ ସାକ୍ଷାତ୍ କରିଛନ୍ତି । ଏହା ସହ ମୋଦୀ ଇରାନ ରାଷ୍ଟ୍ରପତି ମସୁଦ ପେଜେସ୍କିଆନଙ୍କୁ ମଧ୍ୟ ଭେଟିଛନ୍ତି । ଦୁଇଟି ଦ୍ୱିପାକ୍ଷିକ ବୈଠକରେ ଭାରତର ରୁଷ୍ ଓ ଇରାନ ସହ ସମ୍ପର୍କ ସମେତ ଆଞ୍ଚଳିକ ଓ ବିଶ୍ୱସ୍ତରୀୟ ପ୍ରସଙ୍ଗ ଉପରେ ଆଲୋଚନା ହୋଇଛି । ମୋଦୀ-ପୁଟିନ ସାକ୍ଷାତ୍ ଏସ୍‌ସିଓ ସମ୍ମିଳନୀର ପାର୍ଶ୍ୱରେ ହୋଇଥିଲା । ରୁଷ୍ ପକ୍ଷରୁ ଭାରତ ସହ ସମ୍ପର୍କ ଆହୁରି ମଜଭୁତ ହେଉଥିବା ନେଇ ପୁଟିନ ମତ ଦେଇଥିଲେ । ଏହି ସାକ୍ଷାତ୍‌ରେ ଦୁଇ ଦେଶର ସହଯୋଗର



ବିଭିନ୍ନ ଦିଗ ଉପରେ ଚର୍ଚ୍ଚା ହୋଇଥିଲା । ଏହା ସହ ଏସ୍‌ସିଓରେ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ୍ ମଧ୍ୟ ଉପସ୍ଥିତ ଥିଲେ । ପୁଟିନ ଓ ସି ଜିନପିଙ୍ଗ୍‌ଙ୍କ ମଧ୍ୟରେ ମଧ୍ୟ ପାର୍ଶ୍ୱ ବୈଠକ ହୋଇଥିଲା ।

ଏହା ପୂର୍ବରୁ ମୋଦୀ ଇରାନ ରାଷ୍ଟ୍ରପତି ପେଜେସ୍କିଆନଙ୍କୁ ଭେଟିଥିଲେ । ଦୁଇ ବର୍ଷ ପରେ ଏହା ଦୁଇ ନେତାଙ୍କ ପ୍ରଥମ ସାକ୍ଷାତ୍ । ବୈଠକରେ ଭାରତ-ଇରାନ ଦ୍ୱିପାକ୍ଷିକ ସମ୍ପର୍କ ଓ ପଶ୍ଚିମ ଏସିଆର ବର୍ତ୍ତମାନ ସ୍ଥିତି ନେଇ ଆଲୋଚନା ହୋଇଥିଲା । ମୋଦୀ କହିଛନ୍ତି ଯେ, ଆଗାମୀ ଦିନରେ ଭାରତ ଇରାନ ସହ ବାଣିଜ୍ୟ ସମ୍ପର୍କକୁ ବଢ଼ାଇବା ସହ ଏହାକୁ ଆହୁରି ବହୁମୁଖୀ କରିବାକୁ ଚାହୁଁଛି । ପେଜେସ୍କିଆନ କହିଛନ୍ତି ଯେ ଦୀର୍ଘସ୍ଥାୟୀ ଯୁଦ୍ଧ କାହାରି ସ୍ୱାର୍ଥରେ ନୁହେଁ ଏବଂ ଆଲୋଚନା ଓ *(ପୃଷ୍ଠା ୭ରେ)*

## ରାଜ୍ୟସ୍ତରୀୟ ସ୍ୱାୟତ୍ତ ଶାସନ ଦିବସରେ

# ୨୮ଟି ନୂଆ ଏନ୍‌ଏସି ପାଇଁ ୫୬୦ କୋଟି ଟଙ୍କାର ସ୍ୱତନ୍ତ୍ର ପ୍ୟାକେଜ୍ ଘୋଷଣା

**ଭୁବନେଶ୍ୱର, ୩୧ ।୮**

**ନ୍ୟୁଜ୍ ବ୍ୟୁରୋ**

ଆମ ସହର କେବଳ ବାସ ସ୍ଥାନ ନୁହେଁ, ସହର ହେଉଛି ରୋଜଗାର, ଉଦ୍ୟମ, ଶିକ୍ଷା ଓ ସମୃଦ୍ଧିର କେନ୍ଦ୍ର । ସହର ଗୁଡ଼ିକୁ ଆମକୁ ଏଭଳି ଅର୍ଥନୈତିକ କେନ୍ଦ୍ର ଭାବେ ଗଢ଼ିବାକୁ ହେବ, ଯେଉଁଠି ଯୁବ ପିଢ଼ି ନୂଆ ସୁଯୋଗ ପାଇବେ, ଉଦ୍ୟୋଗୀମାନେ ଆଗକୁ ବଢ଼ିବେ ଏବଂ ନୂଆ ରୋଜଗାର ସୃଷ୍ଟି ହେବ ବୋଲି ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ୱାୟତ୍ତ ଶାସନ ଦିବସ- ୨୦୨୬ ପାଳନ ଅବସରରେ କହିଛନ୍ତି ।

ଭୁବନେଶ୍ୱର ଓୟୁଏଟି କୃଷି ଶିକ୍ଷା ସଦନ ଠାରେ ଆୟୋଜିତ ଏହି ରାଜ୍ୟସ୍ତରୀୟ ସମାରୋହରେ ମୁଖ୍ୟମନ୍ତ୍ରୀ ନବଗଠିତ ୨୮ଟିଏନଏସି ରେ ବିଭିନ୍ନ ଭିତ୍ତିଭୂମି ଉନ୍ନୟନ କାର୍ଯ୍ୟ ପାଇଁ ୫୬୦ କୋଟି ଟଙ୍କାର ସ୍ୱତନ୍ତ୍ର ପ୍ୟାକେଜ୍ ଘୋଷଣା କରିଛନ୍ତି । ପ୍ରତ୍ୟେକ ଏନଏସି ପାଇଁ ୨୦ କୋଟି ଟଙ୍କା ଲେଖାଏଁ ଯୋଗାଇ ଦିଆଯିବ । ଏଥିରେ ସମ୍ପୃକ୍ତ ଅଞ୍ଚଳ ଗୁଡ଼ିକରେ ରାସ୍ତା, ଡ୍ରେନ୍, ମାର୍କେଟ ଏବଂ



ଅନ୍ୟାନ୍ୟ ଭିତ୍ତିଭୂମି କାର୍ଯ୍ୟ ସମ୍ପନ୍ନ ହେବ । ଏଥିସହିତ ୬୨ଟି ପୌରାଞ୍ଚଳ ପାଇଁ ୩୨୩ କୋଟି ଟଙ୍କା ବିନିଯୋଗରେ ୫୯୩ଟି ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ସୋମବାର ଶୁଭାରମ୍ଭ କରିଛନ୍ତି । ଏହି ପ୍ରକଳ୍ପ ଗୁଡ଼ିକ 'ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା' ଅଧିନରେ କାର୍ଯ୍ୟକାରୀ ହେବ । ଏଥିରେ ୧୦୨ କୋଟି ଟଙ୍କା ମୂଲ୍ୟର ୪୨୩ଟି ପ୍ରକଳ୍ପର ଉଦ୍‌ଘାଟନ ହୋଇଥିବା ବେଳେ, ୨୨୧ କୋଟି ଟଙ୍କା ମୂଲ୍ୟର ୧୭୦ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି ।

ପୌର ସଂସ୍ଥାକୁ ବିଭିନ୍ନ କାର୍ଯ୍ୟରେ ଆସୁଥିବା ନାଗରିକମାନଙ୍କୁ ସମ୍ମାନର ସହ ସେବା ଯୋଗାଇଦେବା ପାଇଁ ପୌର ପ୍ରଶାସନର ଅଧିକାରୀ, କର୍ମଚାରୀମାନଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ପୌର ସଂସ୍ଥା ଗୁଡ଼ିକରେ ପ୍ରଯୁକ୍ତି ବିଦ୍ୟାର ବ୍ୟାପକ ବ୍ୟବହାର, କାର୍ଯ୍ୟପଦ୍ଧତିର ସରଳୀକରଣ ଓ ସମୟବଦ୍ଧ ସମାଧାନକୁ ଗୁରୁତ୍ୱ ଦେଇ କାର୍ଯ୍ୟ ସଂସ୍କୃତିରେ ପରିବର୍ତ୍ତନ *(ପୃଷ୍ଠା ୭ରେ)*


1001/137/2627



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଚଳିତ ବନ୍ୟାରେ
କ୍ଷତିଗ୍ରସ୍ତ ଚାଷୀ ଭାଇଭଉଣୀଙ୍କ ପାଇଁ
ମୁଖ୍ୟମନ୍ତ୍ରୀଙ୍କ
ସ୍ୱତନ୍ତ୍ର ପ୍ୟାକେଜ୍



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

- ବନ୍ୟା ପ୍ରଭାବିତ ଚାଷୀମାନଙ୍କୁ କୃଷି ଇନପୁଟ୍ ସବ୍‌ସିଡି ବାବଦକୁ ସରକାରଙ୍କ ପକ୍ଷରୁ ସହାୟତା ରାଶି ପ୍ରଦାନ
  - ୩୩ ପ୍ରତିଶତ ଓ ତାହାଠାରୁ ଅଧିକ ଫସଲ କ୍ଷତି ହୋଇଥିବା ଚାଷୀମାନଙ୍କୁ ୨ ହେକ୍ଟର ପର୍ଯ୍ୟନ୍ତ ଅଣଜଳସେଚିତ ଅଞ୍ଚଳରେ ହେକ୍ଟର ପିଛା ୮,୫୦୦ ଟଙ୍କା
  - ଜଳସେଚିତ ଅଞ୍ଚଳରେ ହେକ୍ଟର ପିଛା ୧୭,୦୦୦ ଟଙ୍କା
  - ସମସ୍ତ ପ୍ରକାର ବାରମାସୀ ଫସଲ ପାଇଁ ହେକ୍ଟର ପିଛା ୨୨,୫୦୦ ଟଙ୍କା
- କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ବିଭିନ୍ନ ପ୍ରଜାତିର ଧାନ ଓ ବିରି ବିହନ କିଣିବା ନିମନ୍ତେ ଡିବିଟି (DBT) ମାଧ୍ୟମରେ ଆର୍ଥିକ ସହାୟତା ପ୍ରଦାନ
- ସରକାରଙ୍କ ତରଫରୁ ଚାଷୀମାନଙ୍କୁ ସରକାରୀ ଓ ଘରୋଇ ବିକ୍ରେତା ମାଧ୍ୟମରେ ଆବଶ୍ୟକ ବିହନ କିଣିବା ପାଇଁ ବ୍ୟବସ୍ଥା
- କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ମାଗଣାରେ ପନିପରିବା ମିନିକିଟ୍ ପ୍ରଦାନ
- ବନ୍ୟା ପରବର୍ତ୍ତୀ ଫସଲର ରୋଗ ପୋକ ପରିଚାଳନା ପାଇଁ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ଆବଶ୍ୟକୀୟ କୀଟନାଶକ କ୍ରୟ ନିମନ୍ତେ ୭୫ ପ୍ରତିଶତ ସବ୍‌ସିଡି ପ୍ରଦାନ

ଅଧିକ ସୂଚନା ପାଇଁ ନିକଟସ୍ଥ କୃଷି କାର୍ଯ୍ୟାଳୟ କିମ୍ବା କୃଷି ସମୃଦ୍ଧି ହେଲ୍ପଲାଇନ୍ ନମ୍ବର୍ ୧୫୫୩୩୩ରେ ଯୋଗାଯୋଗ କରନ୍ତୁ

ବନ୍ୟା କ୍ଷତିଗ୍ରସ୍ତ ଅଞ୍ଚଳରେ ସମସ୍ତ ସୁବିଧା ସୁଯୋଗ ପାଇଁ ଆମ ସରକାର ପ୍ରତିଶ୍ରୁତିବଦ୍ଧ

OIPR : 1001/1102/2/26-27/0008

କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର





# ନୂଆ କୋଠାରେ ଝୁଲୁଛି ତାଲା:ଅବକାରୀ ଥାନା କାର୍ଯ୍ୟକ୍ଷମ ହେବ କେବେ ?

**ଝାରସୁଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

ବର୍ଷେ ହେଲାଣି ନୂଆ କୋଠାରେ ଝୁଲୁଛି ତାଲା। ଝାରସୁଗୁଡ଼ା ଜିଲ୍ଲାର କୋଲାବିରା ବ୍ଲକ ସଦର ତହସିଲ ଅଫିସ ନିକଟରେ ଅବକାରୀ ଥାନା ପାଇଁ ନିର୍ମାଣ ହୋଇଥିବା ନୂତନ କୋଠା ଦୀର୍ଘଦିନ ହେଲା କାର୍ଯ୍ୟକ୍ଷମ ନ ହୋଇ ପଡ଼ିରହିଛି। ପ୍ରାୟ ବର୍ଷେ ତଳେ କୋଠା ନିର୍ମାଣ ଶେଷ ହୋଇଥିବା ବେଳେ ଏହାର ପାଚେରୀ, ପାଣି ଓ ବିଦ୍ୟୁତ୍ ବ୍ୟବସ୍ଥା ସହ ରଙ୍ଗମରା କାମ ମଧ୍ୟ ସମ୍ପୂର୍ଣ୍ଣ ହୋଇସାରିଛି। ତଥାପି ଥାନା କାର୍ଯ୍ୟକ୍ଷମ ହୋଇନଥିବାରୁ ନୂଆ କୋଠାର ମୁଖ୍ୟ ଫାଟକରେ ଏବେ ବି ବଡ଼ ତାଲା ଝୁଲୁଛି। କୋଲାବିରା ବ୍ଲକ ଅଞ୍ଚଳରେ ଦୀର୍ଘଦିନ ଧରି ବେଆଇନ ମଦ କାରବାର ନେଇ ଅଭିଯୋଗ ହୋଇଆସୁଛି। ବିଭିନ୍ନ ଢାବା ଓ ହୋଟେଲରେ ଖୋଲାଖୋଲି ଭାବେ ମଦ ବିକ୍ରି ହେଉଥିବା ସହ ଅନେକ ସ୍ଥାନରେ କୁଚିଆ ମଦ ବେପାର ଚାଲୁଥିବା ଅଭିଯୋଗ ରହିଛି। ଏହାଛଡ଼ା ଜଙ୍ଗଲ ଅଞ୍ଚଳର ବିଭିନ୍ନ ଗାଁରେ ବେଆଇନ ଦେଶୀ ମଦ ପ୍ରସ୍ତୁତି ମଧ୍ୟ ଚାଲିଥିବା ନେଇ ଅଭିଯୋଗ ହେଉଛି। ଏପରି ପରିସ୍ଥିତିରେ କୋଲାବିରାରେ ଅବକାରୀ ଥାନା ଶୀଘ୍ର କାର୍ଯ୍ୟକ୍ଷମ କରାଗଲେ ଅଞ୍ଚଳରେ ବେଆଇନ ମଦ ଓ ନିଶା କାରବାର ଉପରେ ଅଧିକ ପ୍ରଭାବଶାଳୀ ଭାବେ ଅଙ୍କୁଶ ଲଗାଯାଇପାରିବ ବୋଲି ଅଞ୍ଚଳବାସୀ ଆଶା ପ୍ରକାଶ କରିଛନ୍ତି। ନିର୍ମାଣ ସରି ଭିତିଭୂମି ପ୍ରସ୍ତୁତ ଥିବା ସତ୍ତ୍ୱେ ଥାନା କାର୍ଯ୍ୟକ୍ଷମ ନ ହେବାକୁ ନେଇ ବୁଦ୍ଧିଜୀବୀ ମହଲରେ ମଧ୍ୟ ପ୍ରଶ୍ନ ଉଠିଛି। ଅବକାରୀ ବିଭାଗ ପକ୍ଷରୁ ନୂତନ ଥାନା କେବେଠାରୁ କାର୍ଯ୍ୟକ୍ଷମ ହେବ ଏବଂ ଏଥିପାଇଁ କେଉଁ ପ୍ରକ୍ରିୟା ବାକି ରହିଛି, ସେନେଇ ବିଭାଗୀୟ କର୍ତ୍ତୃପକ୍ଷ ସ୍ପଷ୍ଟ ସୂଚନା ଦେବା ସହ ଶୀଘ୍ର ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଯାଜପୁର ଜିଲ୍ଲା ବନ୍ୟା ପରିସ୍ଥିତି : ରିଲିଫ ଓ ଉଦ୍ଧାରକାର୍ଯ୍ୟ ସମୀକ୍ଷା

**ଯାଜପୁର, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ଜିଲ୍ଲାରେ ବନ୍ୟା ପରିସ୍ଥିତି ରିଲିଫ ଓ ଉଦ୍ଧାର କାର୍ଯ୍ୟକୁ ନେଇ ଜିଲ୍ଲାପାଳ ଅମ୍ବର କୁମାର କର ବରିଷ୍ଠ ଅଧିକାରୀ, ବିଡ଼ିଓ, ତହସିଲଦାରଙ୍କ ସହ ଆଭାସୀ ବୈଠକରେ ସମୀକ୍ଷା କରିଥିଲେ। ବୈତରଣୀ ଓ କାଣୀ, ବ୍ରାହ୍ମଣୀ ନଦୀର ଘାଇ ଯୋଗୁ ଜିଲ୍ଲାର ୧୦ଟି ବ୍ଲକ, ୧୨୩ଟି ଗ୍ରାମ ପଞ୍ଚାୟତ ଓ ୪୦୫ଟି ଗାଁ ଜଳମଗ୍ନ ହୋଇଛି। ଏହାଦ୍ୱାରା ପ୍ରାୟ ୪,୩୪,୬୩୨ ଜଣ ଜନସାଧାରଣ ପ୍ରଭାବିତ ହୋଇଥିବା ବେଳେ ୯୯,୭୫୭ ଜଣ ଲୋକ ବନ୍ୟା ପାଣି ଘେରରେ ରହିଛନ୍ତି। ବିଶେଷ କରି ଦଶରଥପୁର ବ୍ଲକର ତରପଦା ପଞ୍ଚାୟତର ପାଟଣା ଗ୍ରାମ ନିକଟରେ କାଣୀ ନଦୀର ଦକ୍ଷିଣ ଘାଇ ଏବଂ ବିଞ୍ଝାରପୁର ବ୍ଲକର ଜରୀ ପଞ୍ଚାୟତର ନଉବାଙ୍କ ଗ୍ରାମ ନିକଟରେ ବୈତରଣୀ ନଦୀର ଘାଇ ଦେଇ ବନ୍ୟା ଜଳ ପ୍ରବାହିତ ହେଉଛି। ବନ୍ୟା ପରିସ୍ଥିତିର ମୁକାବିଲା, ଉଦ୍ଧାର ଓ ରିଲିଫ୍ କାର୍ଯ୍ୟକୁ ଦୃତଗାମୀ କରିବା ପାଇଁ ସମସ୍ତ ଗ୍ରାମପଞ୍ଚାୟତ ନୋଡାଲ ଅଧିକାରୀ ଙ୍କୁ ନେଇ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକଙ୍କ ଅଧ୍ୟକ୍ଷତାରେ ଦଶରଥପୁର ବ୍ଲକ ଠାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଶୁଖିଲା ଓ ରନ୍ଧା ଖାଦ୍ୟ ଯୋଗାଣ,ରିଲିଫ୍ ସାମଗ୍ରୀ, ବିଶୁଦ୍ଧ ପାନୀୟ ଜଳ ଓ ସ୍ୱାସ୍ଥ୍ୟ ସେବା, ପଶୁଖାଦ୍ୟ ଯୋଗାଣ,ସମ୍ପର୍କରେ ସମୀକ୍ଷା ହୋଇଥିଲା।ପ୍ରଶାସନ ପକ୍ଷରୁ ବନ୍ୟାଞ୍ଚଳରେ ଉଦ୍ଧାର ଓ ଆଶ୍ରୟ କାର୍ଯ୍ୟ ସ୍ୱାଭାବିକ କରାଯାଇଛି। ବର୍ତ୍ତମାନ ସୁଦ୍ଧା ୧,୩୧,୪୯୪ ଜଣ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇ ୩୬୮ଟି ଆଶ୍ରୟସ୍ଥଳୀରେ ରଖାଯାଇଛି। ବନ୍ୟା ପୀଡ଼ିତଙ୍କ ପାଇଁ ୩୬୩ଟି ରନ୍ଧାଖାଦ୍ୟ କେନ୍ଦ୍ର ଜରିଆରେ ଲୋକଙ୍କୁ ଖାଦ୍ୟ ଯୋଗାଇ ଦିଆଯାଉଛି। ଉଦ୍ଧାର କାର୍ଯ୍ୟରେ ୩ଟି ଓଡ୍ରାଫ୍, ୨ଟି ଏନ,ଡି.ଆ.ଏଫ୍ ୧୨ଟି ଅଗ୍ନିଶମ ବାହିନୀ ଓ ୧୨ଟି ପୋଲିସ/ସିଭିଲ ଡିଫେନ୍ସ ଟିମ୍ ନିୟୋଜିତ ଅଛନ୍ତି। ୧୪ଟି ଡଙ୍ଗା ମାଧ୍ୟମରେ ୩୭୮ ଜଣ ଲୋକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି ଏବଂ ୩୮ ଜଣ ଜରୁରୀକାଳୀନ ରୋଗୀଙ୍କୁ ସ୍ଥାନାନ୍ତର କରାଯାଇଛି। ବନ୍ୟା ପ୍ରଭାବିତ ଅଞ୍ଚଳରେ ୧୨ଟି ସ୍ୱାସ୍ଥ୍ୟ ଟିମ୍ ୧୮ଟି ମେଡିକାଲ କ୍ୟାମ୍ପ ଜରିଆରେ ଚିକିତ୍ସା ସେବା ଯୋଗାଇ ଦେଇଛନ୍ତି। ଜଳବାହିତ ରୋଗ ବ୍ୟାପିବା ରୋକିବା ପାଇଁ ନଳକୂପକୁ ବିଶୋଧନ କରାଯାଇଛି। ଏହି ବନ୍ୟା ଫଳରେ ଜିଲ୍ଲାର ପ୍ରାଣୀସମ୍ପଦ ମଧ୍ୟ ଗୁରୁତର ଭାବେ ପ୍ରଭାବିତ ହୋଇଛନ୍ତି। ନଦୀଗୁଡ଼ିକର ଜଳସ୍ତର ହ୍ରାସ ପାଇବା ପରେ ଭଙ୍ଗା ଘାଇ ଗୁଡ଼ିକର ସ୍ଥାୟୀ ମରାମତି କାର୍ଯ୍ୟ ଆରମ୍ଭ ହେବ ବୋଲି ଜିଲ୍ଲା ଜରୁରୀକାଳୀନ ବିଭାଗ ପକ୍ଷରୁ ସୂଚନା ମିଳିଛି।

# ଯାଜପୁର ସର୍କଲର ପ୍ରଥମ ପରାମର୍ଶଦାତା କମିଟି ବୈଠକ ଅନୁଷ୍ଠିତ

**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**

ଧବଳଗିରିସ୍ଥ ରାଜ୍ୟ ଦ୍ରବ୍ୟ ଓ ସେବାକର ତରଫରୁ ଅନୁଷ୍ଠିତ ହୋଇଥିବା ବୈଠକରେ ଯାଜପୁର ଜିଲ୍ଲା ଟିକସ ଓକିଲ ସଂଘ ଦିଆଯାଇ ଥିବା ପୁର୍ବ ଦାବି ୧୫ ଦିନ ମଧ୍ୟରେ ପୂରଣ ନ ହେଲେ ସଂଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି। ସଂଘର ସଭାପତି ବିବେକାନନ୍ଦ ମହାନ୍ତି ଚଳିତ ଆର୍ଥିକ ବର୍ଷର ପ୍ରଥମ ସର୍କଲ ଲେବଲ ପରାମର୍ଶଦାତା କମିଟି ବୈଠକ ରେ ଯୋଗ ଦେଇ ପୁର୍ବ ମିଟିଂରେ ଥିବା ବରିଷ୍ଠ ଅଧିକାରୀ ଦେଇଥିବା ପ୍ରତିଶ୍ରୁତି କୁଆଡେ ଗଲା ବୋଲି ପ୍ରଶ୍ନ କରିଥିଲେ। ପଦ୍ମ ଘୁଞ୍ଚି ଘୁଞ୍ଚି ଯାଉଛି ଭଳି ପନ୍ଦର ଦିନ ମଧ୍ୟରେ ରେ ସବୁ ସମସ୍ୟା ସମାଧାନ ହେବାକୁ ଥିବା ତିନିମାସରୁ ଊର୍ଦ୍ଧ୍ୱ ହେଲେବେ ଏ ପର୍ଯ୍ୟନ୍ତ କାର୍ଯ୍ୟକାରି ନ ହେବାରୁ କ୍ଷୋଭ ପ୍ରକାଶ କରିଥିଲେ। ବାର୍ଷିକ ଦୁଇ ହଜାର କୋଟିରୁ ଊର୍ଦ୍ଧ୍ୱ ଆଦାୟ କରୁଥିବା କାର୍ଯ୍ୟଳୟ ଅତ୍ୟନ୍ତ ଦୟନୀୟ ଓ ବିପର୍ଯ୍ୟସ୍ତ ହେଇଥିବାରୁ ନୂତନ କାର୍ଯ୍ୟାଳୟର ଆବଶ୍ୟକତାକୁ ଦେଖି ଦାବୀ ମୁତାବକ ପାଣିକୋଇଲି ପୂର୍ତ୍ତି ବିଭାଗକୁ ଦାୟିତ୍ୱ ଦିଆଗଲା। ପୂର୍ତ୍ତିବିଭାଗ ବି ଟେଣ୍ଡର କରି ଠିକାଦାରଙ୍କୁ ଛ ମାସରୁ ଉର୍ଦ୍ଧ୍ୱ କାର୍ଯ୍ୟାଦେଶ ଏବଂ ଚୁକ୍ତି ପ୍ରଦାନ କରି ଦେଇ ହାତ ଗୋଡ଼ ବାନ୍ଧି ବସିଛନ୍ତି। ବିଭାଗୀୟ ଅଧିକାରୀ ବି ଅଧୁରା କାର୍ଯ୍ୟ ଆରମ୍ଭର ଅସହାୟତା ପ୍ରକାଶ କରିଛନ୍ତି। ଏପରି ସ୍ଥିତିରେ ସଂଘ ଟିକସ ଆଦାୟ ପରିଚାଳନାରେ ଅସହଯୋଗ ସହିତ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବାକୁ ବାଧ ହେବେ ବୋଲି ସଭାପତି ମହାନ୍ତି ଦୁଃଖ ର ସହିତ କହିଥିଲେ। ଏଥିସହିତ ରାଜ୍ୟ ଦ୍ରବ୍ୟ ଓ ସେବା କର ର ମୁଖ୍ୟ କମିଶନର ଯାମିନୀ ଷଡଙ୍ଗୀଙ୍କୁ ୧୫ ଦିନିଆ ଦାବୀ ତଥା ନୋଟିସ ଯୁଗ୍ମ କମିଶନର ବିଶ୍ୱାଳଙ୍କ ମାଧ୍ୟମ ରେ ସଂଘ ତରଫରୁ ଦାବୀ ପତ୍ର ପ୍ରଦାନ କରାଯାଇଛି। ସଭପତି ବିବେକାନନ୍ଦ ମହାନ୍ତିଙ୍କ ନେତୃତ୍ୱରେ ସଂଘର ଉପସଭାପତି ସସ୍ମିତା ସ୍ୱାଇଁ, ସମ୍ପାଦକ ଧନେଶ୍ୱର ବାରିକ୍, କୋଷାଧକ୍ଷ ଅକ୍ଷୟ କୁମାର ବାରିକ୍, ବରିଷ୍ଠ ସଦସ୍ୟ ଜିତେନ୍ଦ୍ର କୁମାର ଦାସ, ରାମାକାନ୍ତ ନନ୍ଦ, ଚିତ୍ତ ରଞ୍ଜନ ମହାନ୍ତି, ରାଜେନ୍ଦ୍ର କୁମାର, ଧୀର ସାମନ୍ତ, ବିଦ୍ୟାଧର ମହାନ୍ତି, ପ୍ରବୀର କୁମାର ରାଉତ, ଧର୍ମରଞ୍ଜନ ପତି, ଦୀପ୍ତିକାନ୍ତ ବାରିକ୍, ଶିବାନନ୍ଦ ଦାସ, କିଶୋର ଦାସ, ଚାଟାର୍ଡ ଆକାଉଣ୍ଟାଣ୍ଟ ଦେବକାନ୍ତ ବଳ, ବୀରଭଦ୍ର ସାହୁ, ରୋହ୍ନକ ଅଗ୍ରୱାଲ ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ। ନିଜସ୍ୱ ସମ୍ମିଳନୀ ଗୃହ ରେ ଅନୁଷ୍ଠିତ ହୋଇ ଥିବା ଉକ୍ତ ବୈଠକ ରେ ଯାଜପୁର ରେଞ୍ଜର ଭାରପ୍ରାପ୍ତ ଆଡିସନାଲ କମିଶନର ମୁକ୍ତି ରଞ୍ଜନ ଆଚାର୍ଯ୍ୟ ଅଧକ୍ଷତା କରି ଉପସ୍ଥିତ ସଭ୍ୟଙ୍କୁ ସ୍ୱାଗତ କରିଥିଲେ। ଯାଜପୁର ସର୍କଲର ମୁଖ୍ୟ ଜଏଣ୍ଟ କମିଶନର ଲାଲ୍ ବାହାଦୂର ବିଶ୍ୱାଳ ଜିଏସଟିର ବିଭିନ୍ନ ନୂତନ ସଂଶୋଧନକୁ ସଭାରେ ଉତଥାପନ କରିଥିଲେ। ବୈଠକରେ ବିଭିନ୍ନ ପ୍ରସଙ୍ଗ ଆଲୋଚନା ସହିତ ବିଶେଷ କରି ଖାଲି ଥିବା ଏବଂ ଭାରପ୍ରାପ୍ତ ରେ ଚାଲିଥିବା ଏଡିସନଲ କମିଶନର ପଦକୁ ତୁରନ୍ତ ରେଗୁଲାର ପୋଷ୍ଟିଂ କରାଇବା, ଆଡିସନାଲ କମିଶନର ଆପିଲ ପୋଷ୍ଟକୁ ତୁରନ୍ତ ପୂରଣ କରିବା, ବିପଦ ପୁର୍ଣ୍ଣ ଓ ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ନୂତନ ସର୍କଲ ଅଫିସର ତୁରନ୍ତ କାର୍ଯ୍ୟ ଆରମ୍ଭ କରିବା, ଦଶ ବର୍ଷରୁ ଉର୍ଦ୍ଧ୍ୱ ଟିକସ ଦାତାମାନଙ୍କର ବ୍ୟବସାୟ ପଞ୍ଜୀକରଣ ବେଳେ ଥିବା ସିକ୍ୟୁରିଟିକୁ ତୁରନ୍ତ ଫେରସ୍ତ ସହିତ ଜିଏଷ୍ଟିର କାର୍ଯ୍ୟ ପ୍ରଣାଳୀକୁ ସରଳି କରଣ କରିବାକୁ ପ୍ରସ୍ତାବ ସହିତ ସଭ୍ୟମାନେ ଦୃଢ଼ ଦାବୀ ରଖିଥିଲେ । ବୈଠକରେ ଯାଜପୁରର ଟିକସ ଓକିଲଙ୍କ ସହିତ, ବିଭିନ୍ନ ଯାଜପୁର ରୋଡ଼, ଯାଜପୁର ଟାଉନ୍, ଜାରକାର ଅଧିକାରୀ ଗଣ, ବ୍ୟବସାୟୀ ସଂଗଠନର ପ୍ରତିନିଧି ସମ୍ପାଦକ ସଦାଶିବ ଦାଶ, ଡାବୁ ମସ୍କରା, ଚାଟାର୍ଡ ଆକାଉଣ୍ଟାଣ୍ଟଙ୍କ ସହିତ ଶତାଧିକ ବିଭିନ୍ନ ବ୍ୟବସାୟ, କଳ କାରଖାନାଙ୍କ ପ୍ରତିନିଧିମାନେ ଯୋଗ ଦେଇଥିଲେଏବଂ ନିୟମିତ ଭାବେ ଟିକସ ସଚେତନତା କାର୍ଯ୍ୟକ୍ରମ, ସେମିନାର ଓ କର୍ମଶାଳା କରିବାକୁ ଆଶା ପୋଷଣ କରିଥିଲେ ।

# ନ୍ୟାୟ ପ୍ରଦାନ ବ୍ୟବସ୍ଥାରେ କୃତ୍ରିମ ବୁଦ୍ଧିମତାର ବ୍ୟବହାର ଉପରେ ଗୁରୁତ୍ୱାରୋପ

**ଉମରକୋଟ, ନ୍ୟୁଜ୍ ବ୍ୟୁରୋ**

ଉମରକୋଟ ତାଲୁକ ଆଇନ ସେବା କମିଟି ପକ୍ଷରୁ ଉମରକୋଟ ବାର ଆସୋସିଏସନ ହଲରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ନ୍ୟାୟିକ ବ୍ୟବସ୍ଥାରେ ହେଉଥିବା ନୂତନ ପରିବର୍ତ୍ତନ, ଆଧୁନିକ ପ୍ରଯୁକ୍ତି ଏବଂ ଡିଜିଟାଲ ନ୍ୟାୟିକ ସେବା ସମ୍ପର୍କରେ ଆଇନଜୀବୀମାନଙ୍କୁ ଅବଗତ କରାଇବା ଏହି ଶିବିରର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ସୁନିତା ପଟ୍ଟନାୟକ, ବରିଷ୍ଠ ସିଭିଲ ଜଜ୍ ଚିନ୍ମୟ କୁମାର ପାଢ଼ୀ ଏବଂ ଜେଏମଏଫସି ଇପ୍ସିତା ଭୋଇ ଅତିଥି ଭାବେ ଯୋଗଦେଇ ଆଇନଜୀବୀମାନଙ୍କ ସହ ବିଭିନ୍ନ ନ୍ୟାୟିକ ବିଷୟରେ ଆଲୋଚନା କରିଥିଲେ। ନ୍ୟାୟ ପ୍ରଦାନ ବ୍ୟବସ୍ଥାରେ କୃତ୍ରିମ ବୁଦ୍ଧିମତ୍ତାର ବଢୁଥିବା ବ୍ୟବହାର ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ବିଶେଷକରି 'ସୁଭାଷ ଇଓ' ଆପ୍ଲିକେସନ ମାଧ୍ୟମରେ ଆଞ୍ଚଳିକ ଭାଷାରେ ଅଦାଲତଙ୍କ ରାୟ ବୁଝିବାର ସୁବିଧା ସମ୍ପର୍କରେ ସୂଚନା ଦିଆଯାଇଥିଲା। ଏଥିସହିତ 'ହାଇବ୍ରିଡ୍ କେସ୍ ମ୍ୟାନେଜମେଣ୍ଟ ମେଥଡ୍' ମାଧ୍ୟମରେ ମାମଲା ଓ ବିଭିନ୍ନ ରେକର୍ଡ ସମ୍ପର୍କିତ ତଥ୍ୟ ପାଇବାର ସୁବିଧା ନେଇ ଆଲୋଚନା କରାଯାଇଥିଲା। କାଗଜବିହୀନ ଅଦାଲତ ବ୍ୟବସ୍ଥାର ବିଭିନ୍ନ ଡିଜିଟାଲ ପଦକ୍ଷେପର ଉପକାରିତା ସମ୍ପର୍କରେ ଆଇନଜୀବୀମାନଙ୍କୁ ଅବଗତ କରାଯାଇଥିଲା। ବରିଷ୍ଠ ସିଭିଲ ଜଜ୍ ଚିନ୍ମୟ କୁମାର ପାଢ଼ୀ ଡିଜିଟାଇଜେସନ, ମଧ୍ୟସ୍ଥତା, ଭିଡିଓ କନଫରେନ୍ସିଂ, ପୋର୍ଟେବଲ ଭିଡିଓ କନଫରେନ୍ସିଂ ଏବଂ ବ୍ୟବହାରିକ ଦିଗ ସମ୍ପର୍କରେ ବୁଝାଇଥିଲେ। ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ସୁନିତା ପଟ୍ଟନାୟକ ଆଇନଜୀବୀମାନଙ୍କ ପ୍ରଶ୍ନର ଉତ୍ତର ଦେବା ସହ ବିଭିନ୍ନ ଆଇନଗତ ବିଷୟରେ ସେମାନଙ୍କ ସନ୍ଦେହ ଦୂର କରିଥିଲେ। କାର୍ଯ୍ୟକ୍ରମରେ ବାର ଆସୋସିଏସନ ସଭାପତି ଅରୁଣ ପଟ୍ଟନାୟକ, ସମ୍ପାଦକ କୃଷ୍ଣଚନ୍ଦ୍ର ନନ୍ଦ, ସରକାରୀ ଆଇନଜୀବୀ ଅଶୋକ ପାଢ଼ୀ ଓ ଶ୍ରୀକୃଷ୍ଣ ରାୟ, ବରିଷ୍ଠ ଆଇନଜୀବୀ ଝଡେଶ୍ୱର ମହାନ୍ତି, ଶ୍ରୀନିବାସ ପଟ୍ଟନାୟକ, ଶାନ୍ତନୁ ବାହିନୀପତି, କୃଷ୍ଣ ପ୍ରସାଦ ପଟ୍ଟନାୟକ, ବିଜୟ କେତନ ସିଂହ, ରବି ପଟ୍ଟନାୟକ, ଯୋଗେନ୍ଦ୍ର ମାଝୀ, କମଳ ଗେନ୍ ପ୍ରମୁଖଙ୍କ ସମେତ ମହିଳା ଆଇନଜୀବୀ ଭାବନା ତ୍ରିପାଠୀ, ବିଜୟଲକ୍ଷ୍ମୀ ପାଣିଗ୍ରାହୀ ଓ ନିବେଦିତା ହାଲଦାରଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ। ଏହି ଶିବିର ମାଧ୍ୟମରେ ଆଇନଜୀବୀମାନେ ନ୍ୟାୟିକ ବ୍ୟବସ୍ଥାରେ ନୂତନ ଡିଜିଟାଲ ପ୍ରଯୁକ୍ତିର ବ୍ୟବହାର ଏବଂ ଏହା ଦ୍ୱାରା ନ୍ୟାୟ ପ୍ରଦାନ ବ୍ୟବସ୍ଥାକୁ ଅଧିକ ସହଜ, ସ୍ୱଚ୍ଛ ଓ ଦକ୍ଷ କରିବାର ବିଭିନ୍ନ ଦିଗ ସମ୍ପର୍କରେ ଅବଗତ ହୋଇଥିଲେ।




# ଭୁଶୁଡ଼ିଗଲାଣି ଟ୍ରାଫିକ୍ ବ୍ୟବସ୍ଥା କନ୍ଦାଉଛି ଅସଜଡ଼ା ଭିତ୍ତିଭୂମି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପୂର୍ବଭଳି ଆଉ ଟ୍ରାଫିକ୍ ଛକଗୁଡ଼ିକରେ ଗାଡ଼ି ଭିଡ଼ ହେବନି। ଲୋକେ ବେଶି ସମୟ ଟ୍ରାଫିକ୍‌ରେ ଅଟକିବେ ନାହିଁ। ଆମ୍ବୁଲାନ୍ସ ସମେତ ଜରୁରୀକାଳୀନ ସେବା ଯୋଗାଉଥିବା ଯାନବାହାନ ପାଇଁ ରାସ୍ତାର ବାମପାର୍ଶ୍ୱ ଅବରୋଧମୁକ୍ତ ରହିବ। ଫଳରେ ଟ୍ରାଫିକ୍ ପରିଚାଳନା ସହଜ ହେବ। ଏଭଳି ସୁନେଲି ସ୍ୱପ୍ନ ଦେଖାଇ ଟ୍ରାଫିକ୍ ବ୍ୟବସ୍ଥାରେ ବ୍ୟାପକ ପରିବର୍ତ୍ତନ କରାଗଲା। ଏଥିପାଇଁ ଭୁବନେଶ୍ୱରର ପ୍ରାୟ ୪୦ଟି ଛକରେ ରାସ୍ତାର ବାମପାର୍ଶ୍ୱରେ ବୋଲାର୍ଡ ଲାଗିଥିଲା। ଟ୍ରାଫିକ୍‌କୁ ସ୍ମାର୍ଟ କରିବା ଲାଗି ପ୍ରସ୍ତାବ ଦିଆଗଲା, କାର୍ଯ୍ୟକାରୀ ବି ହେଲା। ଏଥିପାଇଁ କୋଟି କୋଟି ଟଙ୍କା ବ୍ୟୟରେ ଟ୍ରାଫିକ୍ ପୋଷ୍ଟଠାରୁ ଆରମ୍ଭ କରି ସିଗ୍ନାଲ ପର୍ଯ୍ୟନ୍ତ ଭିତ୍ତିଭୂମିରେ ନବୀକରଣ ହେଲା। ମାନୁଆଲ୍ ଟ୍ରାଫିକ୍‌କୁ ହଟାଇ ପାଖାପାଖି ୫୦ଟି ଟ୍ରାଫିକ୍ ପୋଷ୍ଟ୍‌ରେ ସ୍ୱୟଂଚାଳିତ ସିଗ୍ନାଲ ବ୍ୟବସ୍ଥା ଲାଗୁ କରାଗଲା। ହେଲେ ଏତେ ସବୁ ଯୋଜନା ଏବେ ଏକ ପ୍ରହସନରେ ପରିଣତ ହୋଇଛି। କେଉଁଠି ସିଗ୍ନାଲ୍ କାମ କରୁନି ତ କେଉଁଠି ବୋଲାର୍ଡ ଭାଙ୍ଗି ରାସ୍ତାରେ ମିଶିଗଲାଣି। କେଉଁଠି ସିସି କ୍ୟାମେରା କାମ କରୁନି। ଅସଜଡ଼ା ଭିତ୍ତିଭୂମି ପାଇଁ ଲୋକେ ଟ୍ରାଫିକ୍ ଭିଡ଼ରେ ରୀତିମତ କଲବଲ ହେଉଛନ୍ତି। ଏମିତିକି ଆମ୍ବୁଲାନ୍ସ, ଦମକଳ ଭଳି ଜରୁରୀକାଳୀନ ସେବା ମଧ୍ୟ ବାଧାପ୍ରାପ୍ତ ହେଉଛି। ଉଦ୍‌ବେଗର ବିଷୟ, ନିଜ ତ୍ରୁଟି ଲୁଚାଇବାକୁ ଯାଇ କମିସନରେଟ୍ ପୁଲିସ ଓ ବିଏସ୍‌ସିଏଲ୍ ପରସ୍ପର ଦୋଷ ଲଦାଲଦି ହେଉଛନ୍ତି।

ଏବେ ଗୋଟିଏ ଟ୍ରାଫିକ୍ ଛକକୁ ଅତିକ୍ରମ କରିବାକୁ ହେଲେ ଲୋକଙ୍କୁ ଅତିକମ୍‌ରେ ତିନି ତିନି ଥର ଅପେକ୍ଷା କରିବାକୁ ପଡୁଛି। ଟ୍ରାଫିକ୍‌ରେ ଅଟକି ଥିବା ଗାଡ଼ି ଷ୍ଟାର୍ଟ କରୁ କରୁ ସବୁଜ ବତି ନାଲି ହୋଇଯାଉଛି। ପାଦେ ଆଗେଇବା ପରେ ପୁଣି ଗାଡ଼ି ଷ୍ଟାର୍ଟ ବନ୍ଦ କରି ଟ୍ରାଫିକ୍‌ରେ ଅପେକ୍ଷା କରିବାକୁ ପଡୁଛି। ରାଜଧାନୀର ଜନପଥରେ ଥିବା ଆଇଡିବିଆଇ ଛକଠାରୁ ଆରମ୍ଭ କରି ବିଗ୍‌ବଜାର ଟ୍ରାଫିକ୍, ରାମମନ୍ଦିର, ଶ୍ରୀୟା, ମାଷ୍ଟରକ୍ୟାଣ୍ଟିନ ଛକ ସବୁଠି ଏଭଳି ସ୍ଥିତି। ସେହିପରି ସିଆରପିରୁ ନେଇ ଷ୍ଟିୱାର୍ଟ ସ୍କୁଲ ଛକ, ଡିଏଭି, ପାୱାରହାଉସ୍, ଦ ୱାଲର୍ଡ, ଡମଣା, ପଟିଆ, ବିଗ୍‌ବଜାରଛକ ପର୍ଯ୍ୟନ୍ତ ସବୁଠି ସମାନ ଅବସ୍ଥା। ଟ୍ରାଫିକ୍ ପୋଷ୍ଟ ଆସିଲେ କେମିତି ପାର ହେବେ ଚିନ୍ତାରେ ପଡୁଛନ୍ତି। ଅନେକ ଟ୍ରାଫିକ୍‌ରେ ଅଧମିନିଟ୍‌ରୁ କମ୍ ସମୟରେ ନୀଳରୁ ନାଲି ସିଗ୍ନାଲ୍ ପରିବର୍ତ୍ତନ ହେଉଛି। ଫଳରେ ଏହି ସମୟରେ ଜାଣି ନପାରି ଲୋକ ଟ୍ରାଫିକ୍ ଅତିକ୍ରମ ଯୋଗୁ କିଏ ନାଲି ଲାଇଟ୍ ପାଇଁ ତ କିଏ ଜେବ୍ରା କସିଂ ଅତିକ୍ରମ ପାଇଁ ଦଣ୍ଡ ଗଣୁଛନ୍ତି।

## ଜାତୀୟ ପ୍ରତିଯୋଗିତାରେ ବ୍ରହ୍ମପୁର କରାଟେ ଏକାଡ଼େମୀକୁ ୧୨ ପଦକ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ବିଶାଖାପାଟଣା ରେ ଅନୁଷ୍ଠିତ ତୃତୀୟ ଭାରତୀୟ ଓପନ୍ ନ୍ୟାସନାଲ୍ ଚମ୍ପିଆନ୍‌ସିପ୍‌ରେ ବ୍ରହ୍ମପୁର କରାଟେ ଏକାଡ଼େମୀର ଆଠ ଜଣ ପଦକ ହାସଲ କରିଛନ୍ତି। ପ୍ରଶିକ୍ଷକ ତ୍ରିଲୋଚନ ବେହେରାଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ବୟସ ବର୍ଗରେ ପ୍ରତିଯୋଗୀମାନେ ୧୨ଟି ପଦକ ହାସଲ କରିଥିଲେ । ଏକକ କଳାତ୍ମକ ପ୍ରଦର୍ଶନ ରେ ସାନ୍‌ଭି ବ୍ରହ୍ମା, ସମ୍ଭବ ତ୍ରିପାଠୀ, ଅନନ୍ୟା ସରାଫ୍, ବି. ଆୟୁଷ ପାତ୍ର ଏବଂ ସଦ୍ଧାର୍ଥ ପାଢ଼ୀ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ କାବ୍ୟାଂଶ ତ୍ରିପାଠୀ ଓ ପ୍ରସିଦ୍ଧ ତ୍ରିପାଠୀ ରୌପ୍ୟ ପଦକ ପାଇଥିଲେ । ସେହିପରି ସିଦ୍ଧାର୍ଥକୁମାର ପାଢ଼ୀ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ପାୟଲ ଦେଓରା ଓ ଅନ୍ୟାନ୍ୟ ସାରାଫ୍ ରୌପ୍ୟ ପଦକ ଏବଂ ପ୍ରସିଦ୍ଧ ତ୍ରିପାଠୀ ଓ ବି. ଆୟୁଷ କୁମାର ପାତ୍ର କାଂସ୍ୟ ପଦକ ପାଇଥିଲେ। ସଂଘର ଉପସଭାପତି ବିମଳେନ୍ଦୁ ସାହୁ ଓ ଯୁଗ୍ମ ସମ୍ପାଦକ ମନୋଜ କୁମାର ସାହୁ କୃତି ପ୍ରତିଯୋଗୀ ଓ ପ୍ରଶିକ୍ଷକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ବିଜେଡି ଜିଲ୍ଲା ମହିଳା ଉପସଭାନେତ୍ରୀଙ୍କ ଇସ୍ତଫା

**କେନ୍ଦ୍ରାପଡା , ନ୍ୟୁଜ୍ ବ୍ୟୁରୋ**



କେନ୍ଦ୍ରାପଡା ବିଜେଡି ଜିଲ୍ଲା ମହିଳା ଉପସଭାନେତ୍ରୀ ମିନତୀ ପରିଡା ଦଳରେ ତାଙ୍କୁ ଅଣଦେଖା କରିବାରୁ ସେ ତାଙ୍କର ଇସ୍ତଫା ପତ୍ର ରାଜ୍ୟ ମହିଳା ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆଙ୍କ ନିକଟକୁ ପଠାଇଛନ୍ତି। ଶ୍ରୀମତୀ ପରିଡା ଦୀର୍ଘ ୨୪ ବର୍ଷ ଧରି ୨୦୦୨ ମସିହାରୁ ଦଳରେ ରହି ବିଭିନ୍ନ ପଦବୀ ଦାୟିତ୍ୱର ସହ ତୁଲାଇଥିଲେ। ସେ କେନ୍ଦ୍ରାପଡା ବ୍ଲକ ମହିଳା ସଭାନେତ୍ରୀ, ଜିଲ୍ଲା ମହିଳା ସାଧାରଣ ସମ୍ପାଦକ ସହ ବିଭିନ୍ନ ଦାୟିତ୍ୱ ପଦବୀରେ ରହି ଦୀର୍ଘ ୨୪ ବର୍ଷ ଧରି ନିଷ୍ଠାପର ଭାବରେ ଦଳର ସେବା କରି ଆସୁଥିଲେ। ୨୦୨୪ ମସିହା ନିର୍ବାଚନ ପରେ ଦଳର ବରିଷ୍ଠ ନେତାମାନେ ତାଙ୍କୁ ଅଣଦେଖା କରାଯିବାରୁ ସେ ନିଜର ଆତ୍ମସମ୍ମାନ ଓ ଦୀର୍ଘଦିନର ଅନୁଭୂତିକୁ ବିଚାର କରି ବିଜୁ ଜନତା ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ପ୍ରଦାନ କରିଥିବା ସୂଚନା ଦେଇଛନ୍ତି। ୨୦୦୨ ମସିହାରୁ ଆଜି ପର୍ଯ୍ୟନ୍ତ ବିଜୁ ଜନତା ଦଳ ସହିତ ଯେଉଁ ସମ୍ପର୍କ ରହିଛି ତାହା ମୋ ଜୀବନର ଏକ ଅବସ୍ମରଣୀୟ ଅଧ୍ୟାୟ। ଦଳ ମୋତେ ଯେଉଁ ସୁଯୋଗ ଓ ଦାୟିତ୍ୱ ଦେଇଛି ସେଥିପାଇଁ ମୁଁ ସର୍ବଦା କୃତଜ୍ଞ ରହିବି ବୋଲି ପ୍ରକାଶ କରିଛନ୍ତି।

# ଦଶରଥପୁରରେ ୪୭ ଅଭିଯୋଗ ପଞ୍ଜିକୃତ

**ଯାଜପୁର, ନ୍ୟୁଜ୍ ବ୍ୟୁରୋ**




ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଦଶରଥପୁର ବ୍ଲକ୍ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଅମ୍ବର କୁମାର କର ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀ ମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ମୋଟ ୪୭ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୩୬ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କିତ ୦୩ ଗୋଟି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୦୮ ଗୋଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୧୦ ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣିରେ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ପ୍ରଶାନ୍ତ କୁମାର ମାଝୀ, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଅତିରିକ୍ତ ମୁଖ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଲମ୍ବୋଦର ଖୁଣ୍ଟିଆ,ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ନଗେନ୍ଦ୍ର ନାଥ ମହାପାତ୍ର, ଡେପୁଟି କଲେକ୍ଟର, ଅଭିଯୋଗ ପ୍ରକୋଷ୍ଠ ସାରସ୍ୱତ ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦଶରଥପୁର, ଆକାଶ ପଟ୍ଟନାୟକ, ତହସିଲଦାର, ଦଶରଥପୁର, ଶୁଭ୍ରାଂଶୁ ସାହୁ ଓ ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଏହି ଜନ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଚିତ୍ର ମଲ୍ଲିକ ଓ ସଂଯୁକ୍ତା ନାୟକଙ୍କୁ ହୁଇଲ୍ ଚେୟାର ପ୍ରଦାନ କରାଯାଇଥିଲା।

# ଆଠଗଡ଼ରେ ୧୩୨ ଅଭିଯୋଗ ହସ୍ତଗତ



**କଟକ, ନ୍ୟୁଜ୍ ବ୍ୟୁରୋ**

ଆଠଗଡ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ନୂତନ ସମ୍ମିଳନୀ କକ୍ଷଠାରେ ଆଜି ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଜନ ଅଭିଯୋଗ ଶୁଣାଣିରେ ସମୁଦାୟ ୧୩୨ଟି ଅଭିଯୋଗ ହସ୍ତଗତ ହୋଇଥିବାବେଳେ ତନ୍ମଧ୍ୟରେ ୧୨୬ ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୦୬ଟି ସାମୁହିକ ଅଭିଯୋଗ ରହିଥିଲା। ଏହି ଅଭିଯୋଗ ଶୁଣାଣି ସ୍ଥଳରେ , ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ପ୍ରଶାନ୍ତ ନାୟକ, ଉପଜିଲ୍ଲାପାଳ ଆଠଗଡ ପ୍ରହଲ୍ଲାଦ ନାରାୟଣ ଶର୍ମା ଏବଂ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ବିଶ୍ୱଜିତ ମହାନ୍ତିଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏଥିସହ କୃଷି, ଶିକ୍ଷା, ବିଦ୍ୟୁତ, ପାନୀୟ ଜଳ, ଭିନ୍ନକ୍ଷମ ଏବଂ ଅନ୍ୟାନ୍ୟ ଭତ୍ତା ଆଦି ସମ୍ପର୍କିତ ବିଭିନ୍ନ ପଞ୍ଜିକୃତ ଅଭିଯୋଗର ଶୁଣାଣି ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଭିନ୍ନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଠାରେ ସୂଚନାଯୋଗ୍ୟ, ଆସନ୍ତା ଅଗଷ୍ଟ ୩୧ ତାରିଖରେ ମାହାଙ୍ଗା ବ୍ଲକ କାର୍ଯ୍ୟାଳୟ ଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ।

# ବ୍ରହ୍ମକୁମାରୀ ପକ୍ଷରୁ ନିଶାମୁକ୍ତ ସଚେତନତା କାର୍ଯ୍ୟକ୍ରମ

**କେନ୍ଦ୍ରାପଡା, ନ୍ୟୁଜ୍ ବ୍ୟୁରୋ**

ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ କେନ୍ଦ୍ରାପଡା ତରଫରୁ ଜିଲ୍ଲା କାରାଗାରରେ ରକ୍ଷା ବନ୍ଧନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିସହିତ ବିଶ୍ୱବିଦ୍ୟାଳୟ ତରଫରୁ ଦୁଇଶହରୁ ଊର୍ଦ୍ଧ୍ୱ ଅନ୍ତେବାସୀମାନଙ୍କୁ ସେବାକେନ୍ଦ୍ରର ମୁଖ୍ୟ ସଞ୍ଚାଳିକା ବ୍ର.କୁମାରୀ ସ୍ନେହଙ୍କ ସହ ପ୍ରଜ୍ଞା, ପୁଷ୍ପା, ସଚଳା ପ୍ରମୁଖ ଅନ୍ତେବାସୀମାନଙ୍କୁ ରାକ୍ଷୀ ବାନ୍ଧିଥିଲେ। ଏଥିସହିତ ଅନ୍ତେବାସୀମାନଙ୍କୁ ନିଶାମୁକ୍ତ ହେବାପାଇଁ ପ୍ରତିଜ୍ଞା କରାଇଥିଲେ।

# ଉଲୁଣ୍ଡାରେ ଯୁଗ୍ମ ଅଭିଯୋଗ ଶୁଣାଣି : ୪୨ ଦରଖାସ୍ତ ଗ୍ରହଣ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**




ସୁବର୍ଣ୍ଣପୁର ଜିଲ୍ଲାର ଉଲୁଣ୍ଡା ବ୍ଲକରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ ଯୁଗ୍ମ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ଉଲୁଣ୍ଡା ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ ଓ ସୁବର୍ଣ୍ଣପୁର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ କେ. କେ. ହରି ପ୍ରସାଦ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଓ ସମସ୍ୟା ଶୁଣିଥିଲେ। ସର୍ବମୋଟ ୪୨ଟି ଅଭିଯୋଗ ଦରଖାସ୍ତ ଗ୍ରହଣ କରାଯାଇଥିବାବେଳେ, ସେଥି ମଧ୍ୟରୁ ୨୯ଟି ବ୍ୟକ୍ତିଗତ ଓ ୧୩ଟି ସାମୁହିକ ଦରଖାସ୍ତ ଗ୍ରହଣ ହୋଇଥିଲା। ଏହି ଅବସରରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ସୁବର୍ଣ୍ଣପୁର ଅଶ୍ୱିନୀ ମେହେର, ଉପ ଜିଲ୍ଲାପାଳ, ବୀରମହାରାଜପୁର ସୁରେନ୍ଦ୍ର ମେହେର, ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ, ସୁବର୍ଣ୍ଣପୁର ଡାକ୍ତର ଉଷାରାଣୀ ଦାଶ, ଉପଖଣ୍ଡ ପୋଲିସ (ଥାନା) ଅଧିକାରୀ, ବୀରମହାରାଜପୁର ହେମନ୍ତ ରାଓ ପ୍ରମୁଖ ମଞ୍ଚାସିନ ଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଉଲୁଣ୍ଡା ଦିଲ୍ଲୀପ କୁମାର ବାରା ଦ୍ୱାରା ଆୟୋଜିତ ଏହି ଶିବିରରେ ତହସିଲଦାର ମମତା ମେହେର, ସହାୟକ କଲେକ୍ଟର ସୁଶ୍ରୀ ପ୍ରିୟଦର୍ଶିନୀ ସାହୁ ଏବଂ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଓ ବ୍ଲକ ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ପତିତପାବନ ମିଶ୍ରଙ୍କ ସମ୍ମାନରେ ଫେଲିସିଟେସନ୍ ଭଲ୍ୟୁମ୍ ଉନ୍ମୋଚିତ

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ବରଗଡ଼ସ୍ଥିତ ପାର୍ବତୀଗିରି ମହିଳା ମହାବିଦ୍ୟାଳୟ ପରିସରରେ ବିଶିଷ୍ଟ ଐତିହାସିକ ଓ ଶିକ୍ଷାବିତ୍ ପ୍ରଫେସର ପତିତପାବନ ମିଶ୍ରଙ୍କ ସମ୍ମାନରେ ପ୍ରସ୍ତୁତ ଫେଲିସିଟେସନ୍ ଭଲ୍ୟୁମ୍ ଆଜି ଉନ୍ମୋଚିତ ହୋଇଯାଇଛି । ଏହି ଅବସରରେ ଏକ ସେମିନାର୍-କମ୍-ବୁକ୍ ରିଭ୍ୟୁ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଥିଲା। ଏହି ଫେଲିସିଟେସନ୍ ଭଲ୍ୟୁମ୍‌କୁ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ସମ୍ବଲପୁରର ମାନ୍ୟବର କୁଳପତି ପ୍ରଫେସର ବ୍ୟୋମକେଶ ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଉନ୍ମୋଚନ କରିଥିଲେ। ଏହି ସ୍ମାରକ ଗ୍ରନ୍ଥଟିର ସମ୍ପାଦନା କରିଛନ୍ତି ପାର୍ବତୀଗିରି ମହିଳା ମହାବିଦ୍ୟାଳୟର ଇତିହାସ ବିଭାଗର ବରିଷ୍ଠ ଅଧ୍ୟାପକ ଡଃ.ସତ୍ୟନାରାୟଣ ନନ୍ଦ ।ଏହି ପୁସ୍ତକରେ ଇତିହାସ, ସଂସ୍କୃତି ଓ ପ୍ରନ୍ତତତ୍ତ୍ୱର ବିଭିନ୍ନ ଦିଗକୁ ନେଇ ମୋଟ ୩୨ଟି ଗବେଷଣାମୂଳକ ପ୍ରବନ୍ଧ ସ୍ଥାନ ପାଇଛି। ସେଥିମଧ୍ୟରୁ ୧୩ଟି ପ୍ରବନ୍ଧ ବିଦେଶର ବିଭିନ୍ନ ବିଦ୍ୱାନଙ୍କ ଦ୍ୱାରା ଏବଂ ୧୯ଟି ପ୍ରବନ୍ଧ ଭାରତର ବିଭିନ୍ନ ସ୍ଥାନର ଗବେଷକ ଓ ବିଦ୍ୱାନମାନଙ୍କ ଦ୍ୱାରା ଲିଖିତ ହୋଇଛି। ଏହା ପ୍ରଫେସର ପତିତ ପାବନ ମିଶ୍ରଙ୍କ ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ଥିବା ବ୍ୟାପକ ପ୍ରଭାବର ପ୍ରତିଫଳନ ବୋଲି ମତ ପ୍ରକାଶ ପାଇଥିଲା। ମୁଖ୍ୟ ଅତିଥି ପ୍ରଫେସର ବ୍ୟୋମକେଶ ତ୍ରିପାଠୀ ତାଙ୍କ ଅଭିଭାଷଣରେ ଏଭଳି ଏକ ମୂଲ୍ୟବାନ ଶିକ୍ଷାମୂଳକ ଓ ଗବେଷଣାଧର୍ମୀ ଗ୍ରନ୍ଥ ପ୍ରକାଶ ପାଇଁ ଆୟୋଜକମାନଙ୍କୁ ପ୍ରଶଂସା କରିବା ସହ ଇତିହାସ, ସଂସ୍କୃତି ଓ ପ୍ରନ୍ତତତ୍ତ୍ୱ ଅଧ୍ୟୟନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଡଃ.ବିଶ୍ୱଜିତ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଯାହାଙ୍କ ସମ୍ମାନରେ ଏହି ଫେଲିସିଟେସନ୍ ଭଲ୍ୟୁମ୍ ପ୍ରସ୍ତୁତ ହୋଇଛି, ସେହି ପ୍ରଫେସର ପତିତ ପାବନ ମିଶ୍ର ମଧ୍ୟ ଉପସ୍ଥିତ ରହି ଏହି ଶିକ୍ଷାମୂଳକ ଆୟୋଜନକୁ ଗୌରବାନ୍ୱିତ କରିଥିଲେ। କାର୍ଯ୍ୟକ୍ରମରେ ଡଃ.ସଂଘମିତ୍ରା ମିଶ୍ର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବାବେଳେ ମଧୁସ୍ମିତା ନନ୍ଦ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ଅଧକ୍ଷା ନନ୍ଦିନୀ ନିରୋଦ ପଣ୍ଡାମଧ୍ୟ ତାଙ୍କ ଅଭିଭାଷଣରେ ଏହି ଗୌରବମୟ ଆୟୋଜନର ଗୁରୁତ୍ୱ ବ୍ୟାଖ୍ୟା କରିଥିଲେ। ଏହି ଅବସରରେ ବିଭିନ୍ନ ମହାବିଦ୍ୟାଳୟରୁ ଆସିଥିବା ଶିକ୍ଷାବିତ୍, ଗବେଷକ, ବିଦ୍ୱାନ, ବିଭିନ୍ନ କ୍ଷେତ୍ରର ବିଶିଷ୍ଟ ବ୍ୟକ୍ତିବିଶେଷ ଏବଂ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗଦେଇଥିଲେ। ଏହି ଆୟୋଜନ ପ୍ରଫେସର ପତିତପାବନ ମିଶ୍ରଙ୍କ ଶିକ୍ଷା, ଗବେଷଣା ଓ ଐତିହାସିକ ଚିନ୍ତନ ପ୍ରତି ଏକ ମହତ୍ତ୍ୱପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଭାବେ ପରିଗଣିତ ହୋଇଥିଲା। କାର୍ଯ୍ୟକ୍ରମକୁ ପ୍ରାଧ୍ୟାପିକା ମୌସୁମୀ ଲିଜା ନାଏକ ସଂଯୋଜନା କରିଥିବା ବେଳେ ଡଃ. ଗାୟତ୍ରୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସାହପୂର୍ଣ୍ଣ ଓ ଗବେଷଣାଧର୍ମୀ ପରିବେଶରେ ଏହି ସ୍ମରଣୀୟ ଶିକ୍ଷାମୂଳକ କାର୍ଯ୍ୟକ୍ରମ ସଫଳତାର ସହ ସମାପ୍ତ ହୋଇଥିଲା।



32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧ ସେପ୍ଟେମ୍ବର, ୨୦୨୬ ମଙ୍ଗଳବାର





# ସରକାରୀ କର୍ମଚାରୀଙ୍କ ଦରମାରୁ କଟିବ ଭରଣପୋଷଣ ଟଙ୍କା

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

କୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ସ୍ୱାମୀଙ୍କ ଠାରୁ ଭରଣପୋଷଣ ପାଉ ନଥିବା ମହିଳା ଏବଂ ସନ୍ତାନ ସନ୍ତତିଙ୍କ ଚିନ୍ତା ଏବେ ଦୂର ହୋଇଛି । ଏଭଳି ପୁରୁଷ ସରକାରୀ କର୍ମଚାରୀଙ୍କ ବିରୋଧରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଭିମୁଖ୍ୟ ଗ୍ରହଣ କରିଛନ୍ତି । ରାଜ୍ୟସରକାରଙ୍କ ଅନେକ ପୁରୁଷ କର୍ମଚାରୀ ସେମାନଙ୍କର ସ୍ତ୍ରୀ ବା ସନ୍ତାନସନ୍ତତିଙ୍କୁ ଭରଣପୋଷଣ ସହାୟତା ଦେଉନାହାଁନ୍ତି । ଛାଡପତ୍ର ସମ୍ପର୍କିତ ପୋଷଣ ଖର୍ଚ୍ଚ ମଧ୍ୟ ସେମାନେ ଦେଉନାହାନ୍ତି । ଏଥିପାଇଁ ବିଭିନ୍ନ କୋର୍ଟରେ ବିଚାର ହୋଇ କୋର୍ଟଙ୍କ ପକ୍ଷରୁ ସ୍ପଷ୍ଟ ନିର୍ଦ୍ଦେଶ ଥିବା ସତ୍ତ୍ୱେ ପୁରୁଷ କର୍ମଚାରୀ ଏହି ଭରଣପୋଷଣ ଦେବାରେ ଅବହେଳା କରୁଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ପ୍ରତ୍ୟେକ ଅଭିଯୋଗ ଶୁଣାଣି ସମୟରେ ହାରାହାରି ୨୩ଟି ମାମଲା ଅଭିଯୋଗ ପ୍ରକୋଷ୍ଠକୁ ଆସୁଛି । ତେଣୁ ମୁଖ୍ୟମନ୍ତ୍ରୀ ଏହା ଉପରେ କଡା ଆଭିମୁଖ୍ୟ ନେଇ ଏହି ଅର୍ଥକୁ ସମ୍ପୃକ୍ତ କର୍ମଚାରୀଙ୍କ ଦରମାରୁ କାଟି ପ୍ରଦାନ କରିବା ସକାଶେ ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟର ସରକାରୀ କର୍ମଚାରୀ ହୋଇ ଅଦାଲତର ଅବମାନନା କରିବା ଏବଂ ତା ସହ ପତ୍ନୀ ଓ ପିଲାମାନଙ୍କ ପ୍ରତି ଏଭଳି ଅବିଚାର କରିବା ରାଜ୍ୟ ସରକାରଙ୍କ ପକ୍ଷେ ଆଦୌ ଗ୍ରହଣୀୟ ନୁହେଁ । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ରାଜ୍ୟସରକାର ସମ୍ପୃକ୍ତ ମହିଳା ଓ ସନ୍ତାନସନ୍ତତିଙ୍କ ଭରଣପୋଷଣ ପାଇଁ ନୂଆ ନିର୍ଦ୍ଦେଶନାମା ଜାରି କରିଛନ୍ତି । ଏହି ନର୍ଦ୍ଦେଶନାମା ଅନୁଯାୟୀ ଭରଣପୋଷଣ ପ୍ରଦାନ ପାଇଁ ଅଦାଲତଙ୍କ ନିର୍ଦ୍ଦେଶନାମା ପାଇବା ପରେ ବିଭାଗୀୟ ଡ୍ରଇଁ ଆଣ୍ଡ ଡିସବର୍ସମେଣ୍ଟ ଅଫିସର ସମ୍ପୃକ୍ତ ସରକାରୀ କର୍ମଚାରୀଙ୍କ ମାସିକ ଦରମା ସମୟରେ ଭରଣପୋଷଣ ପାଇଁ ଅଦାଲତ ଯେଉଁ ପରିମାଣର ଅର୍ଥ ନିର୍ଦ୍ଧାରିତ କରିଛନ୍ତି, ସେହି ପରିମାଣର ଅର୍ଥକୁ ଦରମାରୁ କାଟି ସମ୍ପୃକ୍ତ କର୍ମଚାରୀଙ୍କ ପତ୍ନୀ ବା ସନ୍ତାନସନ୍ତତିଙ୍କ ବ୍ୟାଙ୍କ ଆକାଉଣ୍ଟରେ ସିଧାସଳଖ ଇଲେକ୍ଟ୍ରୋନିକ ସୂତ୍ରରେ ଜମା କରିବେ ।

# ଓଡ଼ିଶାରେ ବନ୍ଦ ହେବ ଗୁଟ୍‌ଖା ବ୍ୟବସାୟ

## ସରକାରୀ ବିଜ୍ଞପ୍ତିକୁ କାଏମ ରଖିଲେ ହାଇକୋର୍ଟ

**କଟକ, ନ୍ୟୁଜ୍ ବ୍ୟୁରୋ**




ରାଜ୍ୟରେ ଗୁଟ୍‌ଖା ବ୍ୟବସାୟ ଉପରେ ଲାଗିବ ପ୍ରତିବନ୍ଧକ । ଗୁଟ୍‌ଖା ବ୍ୟବସାୟ ନିଷେଧ ନେଇ ରାଜ୍ୟ ସରକାର ଗତ ଜାନୁଆରୀ ୨୧ ତାରିଖରେ ଜାରି କରିଥିବା ବିଜ୍ଞପ୍ତିକୁ କାଏମ ରଖିଛନ୍ତି ହାଇକୋର୍ଟ । ସରକାରୀ ବିଜ୍ଞପ୍ତିକୁ ଚ୍ୟାଲେଞ୍ଜ କରି ଦାୟର ହୋଇଥିବା ମାମଲାଗୁଡ଼ିକୁ କୋର୍ଟ ଖାରଜ କରିଛନ୍ତି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଆଇନ୍ ସମ୍ମତ ବୋଲି ହାଇକୋର୍ଟ ରାୟ ଦେଇଛନ୍ତି । ଜନସ୍ୱାସ୍ଥ୍ୟର ସୁରକ୍ଷା କରିବା ରାଜ୍ୟର ମୌଳିକ କର୍ତ୍ତବ୍ୟ ବୋଲି କୋର୍ଟ ନିଜ ରାୟରେ ଉଲ୍ଲେଖ କରିଛନ୍ତି । ବ୍ୟବସାୟିକ ସ୍ୱାର୍ଥ ଅପେକ୍ଷା ଜନସାଧାରଣଙ୍କ ସ୍ୱାସ୍ଥ୍ୟ ଓ ଜୀବନର ଅଧିକାର ଅଧିକ ଗୁରୁତ୍ୱପୂର୍ଣ୍ଣ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି । ଏହି ରାୟ ପରେ ରାଜ୍ୟରେ ଗୁଟ୍‌ଖା ବ୍ୟବସାୟ ଉପରେ ସରକାରଙ୍କ ପ୍ରତିବନ୍ଧକ ଆହୁରି ଦୃଢ଼ ହୋଇଛି ।

# ଭାରତର ୩୦ ଲକ୍ଷ ଦୃଷ୍ଟିବାଧିତଙ୍କୁ ଦୃଷ୍ଟିଶକ୍ତି ପ୍ରଦାନ ପାଇଁ ପ୍ରୟାସ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଫ୍ରେଣ୍ଡସ୍ ହେଲ୍‌ପିଙ୍ଗ୍ କ୍ଲବ ଓ ସ୍ଥାନୀୟ ରୁବୀ ଚକ୍ଷୁ ହସ୍ପିଟାଲ୍ ମିଳିତଙ୍କ ଆନୁକୁଲ୍ୟରେ ୪୧ ତମ ଚକ୍ଷୁଦାନ ପକ୍ଷ ପାଳନର ଷଷ୍ଠ ଦିବସରେ ଏକ ବିରାଟ ସଚେତନତା ପଦଯାତ୍ରା କରାଯାଇଛି ଓ ଏହାକୁ ବ୍ରହ୍ମପୁର ମହାନଗର ନିଗମର ମେୟର୍ ସଂଘ ମିତ୍ରା ଦଳେଇ ହାଉସିଂ ବୋର୍ଡ ଛକରେ ପତାକା ଦେଖାଇ ପଦଯାତ୍ରାକୁ ଆରମ୍ଭ କରିଥିଲେ । ଏହା ପ୍ରେମନଗର ମୁଖ୍ୟ ରାସ୍ତା ଦେଇ ରାମାଲିଙ୍ଗମ ବନ୍ଧ ଦେଇ ଗିରିଜା ଛକ ଦେଇ ନିଜସ୍ୱ କାର୍ଯ୍ୟାଳୟ ସ୍ନେହାମ୍ ଠାରେ ପହଞ୍ଚିଥିଲା । ସଚେତନତା କାର୍ଯ୍ୟକ୍ରମରେ ଫ୍ରେଣ୍ଡସ୍ ହେଲ୍‌ପିଙ୍ଗ କ୍ଲବର ଶକ୍ତି, ମାନବବାଦୀ ହେତୁବାଦୀ ସଂଗଠନ, ଫ୍ରେଣ୍ଡସ୍ ୱେଲ୍‌ଫେଆର କ୍ଲବ, ମାରୁଆଡ଼ି ମହିଳା ସମିତି, ୱାର୍କର୍ସ କ୍ଲବ, ସବୁଜ ବାହିନୀର ଓ ରୁବୀ ହସ୍ପିଟାଲ୍‌ର ସହଯୋଗରେ କରିଥିଲେ ଓ ପ୍ରଥମେ ବି. ଲକ୍ଷ୍ମୀନାରାୟଣ ପାତ୍ର, ଏହି ପ୍ରକଳ୍ପର ଅଧକ୍ଷ ସମ୍ୟକ୍ ସୂଚନା ଦେଇଥିଲେ ଏମ୍.କେ.ସି.ଜି. ଡାକ୍ତର ଖାନାର ଚକ୍ଷୁ ବିଭାଗର ମୁଖ୍ୟ ଅବସରପ୍ରାପ୍ତ ପ୍ରଫେସର ବି. ନାଗେଶ୍ୱର ରାଓ ସୁବୁଦ୍ଧି ଏସ୍‌ଏନ୍.ଟି. ରୋଡ ଠାରେ ପଥପ୍ରାନ୍ତ ସଭାରେ ଉଦ୍‌ବୋଧନ ଦେଇଥିଲେ ଓ ନଭେମ୍ବର ୮ ତାରିଖ ଯାଏ ବ୍ରହ୍ମପୁର ମହାନଗର ନିଗମର ବିଭିନ୍ନ ଅଞ୍ଚଳରେ ପ୍ରତିଦିନ ସଚେତନତା ପାଇଁ ପଥପ୍ରାନ୍ତ ସଭା ଓ ପଦଯାତ୍ରା କରୁଛନ୍ତି ଓ ଏହାର ଉଦ୍ଦେଶ୍ୟ ସାଧାରଣ ଲୋକ ଚକ୍ଷୁ ଦାନ କରିବାକୁ ଆଗକୁ ଆସିବେ ଓ ଭାରତରେ କରିନିଆ ଜନିତ ସମ୍ପୂର୍ଣ୍ଣ ବା ଆଂଶିକ ଦୃଷ୍ଟି ହରାଇଥିବା ପ୍ରାୟ ୩୦ ଲକ୍ଷ ଲୋକଙ୍କୁ ଦୃଷ୍ଟି ଶକ୍ତି ଯୋଗାଇବାର ଏକମାତ୍ର ପନ୍ଥା ବୋଲି ଶ୍ରୀ ରାଓ କହିଥିଲେ ।

# ମା' ମାନଙ୍କୁ ଆଗକୁ ବଢ଼ିବାରେ ସୁଯୋଗ ଦେଇଛି 'ସୁଭଦ୍ରା'



**ରାଉରକେଲା, ନ୍ୟୁଜ୍**

ସୁନ୍ଦରଗଡ଼ ଠାରେ ପବିତ୍ର ରାକ୍ଷୀ ପୂର୍ଣ୍ଣିମା ଅବସରରେ ଯୁଗାନ୍ତକାରୀ ଯୋଜନା 'ସୁଭଦ୍ରା' ଅନ୍ତର୍ଗତ ସମଗ୍ର ରାଜ୍ୟର ହିତାଧିକାରୀ ମାନଙ୍କୁ ପଞ୍ଚମ କିସ୍ତି ପ୍ରଦାନ କରାଯାଇଛି । ନୟାଗଡ଼ ଜିଲ୍ଲା ଠାରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ହିତାଧିକାରୀ ମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସିଧା ସଳଖ ଭାବେ ଏହି ପଞ୍ଚମ କିସ୍ତି ହସ୍ତାନ୍ତର କରିଛନ୍ତି । ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ସଂସ୍କୃତି ଭବନ ଠାରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି ଅବସରରେ ଓଡ଼ିଶା ବିଧାନସଭାର ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧକ୍ଷ ସନ୍ତୋଷ ଅମାତ, ସୁନ୍ଦରଗଡ଼ ପୌର ପରିଷଦର ଅଧକ୍ଷା ତନୟା ମିଶ୍ର, ଆଦିବାସୀ ପରାମର୍ଶଦାତା କମିଟିର ସଭ୍ୟ ତଥା ପୂର୍ବତନ ବିଧାୟିକା କୁସୁମ ଟେଟେ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ସଦର ଏସ୍‌ଡିପି ଓ ନିର୍ମଳ ମହାପାତ୍ର, ରାଜ୍ୟସଭା ସାଂସଦଙ୍କ ପ୍ରତିନିଧି ରଞ୍ଜିତ ନାୟକ ଅତିଥି ଭାବେ ଯୋଗଦେଇଥିଲେ । ରକ୍ଷା ବନ୍ଧନ ଅବସରରେ ସମସ୍ତ ଅତିଥିମାନଙ୍କୁ ସୁଭଦ୍ରା ମା'ମାନେ ରାକ୍ଷୀ ବାନ୍ଧିଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ଉପବାଚସ୍ପତି ଶ୍ରୀ ଭୋଇ ରକ୍ଷା ବନ୍ଧନର ଶୁଭକାମନା ଜଣାଇଥିଲେ ଏବଂ ନିଜ ବକ୍ତବ୍ୟରେ କହିଥିଲେ ଯେ, 'ମା' ମାନଙ୍କୁ ଆଗକୁ ବଢ଼ିବାର ବରିଷ୍ଠ ସୁଯୋଗ ଦେଇଛି ଏହି ଯୁଗାନ୍ତକାରୀ ସୁଭଦ୍ରା ଯୋଜନା । ସୁଭଦ୍ରା ଯୋଜନା ମହିଳା ସଶକ୍ତିକରଣରେ ମଧ୍ୟ ସହାୟକ ହୋଇଛି । ଏହି ଆର୍ଥିକ ସହାୟତାକୁ ମା'ମାନେ ବିଭିନ୍ନ କାର୍ଯ୍ୟରେ ଉପଯୋଗ କରିଥାନ୍ତି ସେ ଗୃହ କାର୍ଯ୍ୟ ହେଉ ଅବା ଚାଷ କାମ କିମ୍ବା ପିଲାଙ୍କ ପାଠ ପଢ଼ା ତଥା ନିଜ ପରିବାରକୁ ମଧ୍ୟ ଆର୍ଥିକ ଭାବେ ସ୍ୱଚ୍ଛଳ କରିଥାନ୍ତି । ଏହି ଅବସରରେ ସୁନ୍ଦରଗଡ଼ ଜିଲ୍ଲାର ୪,୫୨, ୯୯୭ ଜଣ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସୁଭଦ୍ରା ଯୋଜନାର ପଞ୍ଚମ କିସ୍ତି ହସ୍ତାନ୍ତର କରାଯାଇଛି ।

# ବର୍ଷାରେ ବେହାଲ୍ ଏସ୍‌ସିବି ମେଡିକାଲ୍:ରୋଗୀ ହଟାହଟା

**କଟକ, ନ୍ୟୁଜ୍ ବ୍ୟୁରୋ**

ବର୍ଷା ଯୋଗୁ କଟକ ବଡ଼ ମେଡିକାଲକୁ ରୋଗ ଦେଖାଇବାକୁ ଆସୁଥିବା ରୋଗୀ ଓ ସମ୍ପର୍କୀୟଙ୍କ ଦୁର୍ଦ୍ଦଶା ବଢ଼ିଛି । ଲଗାଣ ବର୍ଷା ମଧ୍ୟରେ ହସ୍ପିଟାଲ୍ ପରିସରକୁ ଯିବା ଆସିବା ବେଳେ ଲୋକେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । କିଏ ହାତରେ ଛତା ଧରି ରୋଗୀଙ୍କୁ ନେଇ ହସ୍ପିଟାଲ ଯାଉଛନ୍ତି, ତ ଆଉ କିଏ ବର୍ଷାରେ ଭିଜି ଭିଜି ଚିକିତ୍ସା ପାଇଁ ଧାଉଁଛନ୍ତି । ବର୍ଷା ମଧ୍ୟରେ ରୋଗୀଙ୍କୁ ନେଇ ହସ୍ପିଟାଲର ବିଭିନ୍ନ ବିଭାଗକୁ ଯିବା ମଧ୍ୟ ଚ୍ୟାଲେଞ୍ଜ ହୋଇପଡ଼ିଛି । ବିଶେଷକରି ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ଚିକିତ୍ସା ପାଇଁ କଟକ ବଡ଼ ମେଡିକାଲକୁ ଆସିଥିବା ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ଅଧିକ ହଇରାଣ ହେଉଛନ୍ତି । ଦୂରଦୂରାନ୍ତରୁ ଆସିଥିବା ଅନେକ ଲୋକ ଛତା ଆଣିନଥିବାରୁ ବର୍ଷାରେ ଭିଜି ହସ୍ପିଟାଲ ଯିବାକୁ ବାଧ୍ୟ ହେଉଛନ୍ତି । ଅସୁସ୍ଥ ରୋଗୀଙ୍କ ପାଇଁ ବର୍ଷା ମଧ୍ୟରେ ଏଭଳି ଯାତାୟାତ ଆହୁରି ଅସୁବିଧାଜନକ ହୋଇପଡ଼ିଛି । ଚିକିତ୍ସା ପାଇଁ ଦୂର ଜିଲ୍ଲାରୁ ଆସିଥିବା ଲୋକେ ବର୍ଷାରୁ ସୁରକ୍ଷା ପାଇଁ ହସ୍ପିଟାଲ ପରିସରରେ ଉପଯୁକ୍ତ ବ୍ୟବସ୍ଥା ଦାବି କରିଛନ୍ତି । ବର୍ଷା ଦିନରେ ରୋଗୀ ଓ ସମ୍ପର୍କୀୟଙ୍କ ସୁବିଧା ପାଇଁ ଅଧିକ ଆଶ୍ରୟସ୍ଥଳ, ଛାତ ଓ ଯାତାୟାତ ବ୍ୟବସ୍ଥା କରାଯିବା ନେଇ ଏବେ ଦାବି ଜୋର ଧରିଛି ।

# ବୁଲା ଗୋରୁଙ୍କ ସୁରକ୍ଷା ପାଇଁ ବେକରେ ରେଡିଏମ୍ ବେଲ୍‌ଟ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**



ଚଣ୍ଡିଖୋଲ-ପାରାଦୀପ ଜାତୀୟ ରାଜପଥରେ ବୁଲୁଥିବା ଗୋରୁଙ୍କ ପାଇଁ ଜାତୀୟ ରାଜପଥ ବିଭାଗ ପକ୍ଷରୁ ଗୋରୁ ମାନଙ୍କ ସୁରକ୍ଷା ପାଇଁ ବେକରେ ନିକ୍ ବେଲ୍‌ଟ ଲଗାଯାଇଛି । ଜାତୀୟ ରାଜପଥରେ ବୁଲୁଥିବା ଗାଈ, ବଳଦ, ମଇଁଷି ବିଶେଷ କରି ଷଣ୍ଢ ମାତ୍ରାଧିକ ଜାତୀୟ ରାଜପଥରେ ବୁଲୁଥିବାରୁ ଦୁର୍ଘଟଣାର ଶିକାର ହେବା ସହ ମୃତ୍ୟୁବରଣ କରୁଛନ୍ତି । ଏନେଇ ଜାତୀୟ ରାଜପଥ ବିଭାଗ ନିର୍ଦ୍ଦେଶ କ୍ରମେ ଠିକାଦାର ପିଏସ୍‌କେ କମ୍ପାନୀ ପକ୍ଷରୁ ବୁଲା ଗୋରୁଙ୍କ ସୁରକ୍ଷା ପାଇଁ କମ୍ପାନୀ ପକ୍ଷରୁ ରେଡିଏମ୍ ବେଲ୍‌ଟ (ନିକ୍ ବେଲ୍‌ଟ) ବନ୍ଧା ଯାଇଛି । ଏହାଫଳରେ ରାତିରେ ବୁଲୁଥିବା ଗୋରୁ ମାନଙ୍କ ବେକରେ ଝୁଲୁଥିବା ଏହି ବେଲ୍‌ଟ ଜଣାପଡିବା ଫଳରେ ଗୋରୁମାନେ ଦୁର୍ଘଟଣାରୁ ସୁରକ୍ଷା ପାଇବେ ବୋଲି ପିଏସ୍‌କେ କମ୍ପାନୀ ପକ୍ଷରୁ ପ୍ରକାଶ କରାଯାଇଛି ।

# ନିଖୋଜ ଯୁବକର ମୃତଦେହ କେଲୁଆ ନଦୀରୁ ଉଦ୍ଧାର

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଶୁକ୍ରବାର ଦିନ ଜେନାପୁର ଥାନା ଅନ୍ତର୍ଗତ ବ୍ରାହ୍ମଣୀ ନଦୀର ଜେନାପୁର ଯାବରା ସେତୁ ନିକଟରେ ୩ ସାଙ୍ଗ ଗାଧୋଇବାକୁ ଯାଇ ନଦୀ ସ୍ରୋତରେ ଭାସିଯାଇଥିଲେ । ୨ ଜଣଙ୍କୁ ସ୍ଥାନୀୟ ଲୋକ ଉଦ୍ଧାର କରିଥିଲେ ଓ ନିଖୋଜଥିବା ଯୁବକ ପ୍ରତାପର ମୃତ ଦେହକୁ ଧର୍ମଶାଳା ପୋଲିସ ରବିବାର ଦିନ ଉଦ୍ଧାର କରିଛି । ଦୁର୍ଘଟଣାସ୍ଥଳ ଠାରୁ ୩୦ କିମି ଦୂର ଧର୍ମଶାଳା ଥାନା ଦେଓଡା ପଞ୍ଚାୟତ ବାସୁଦେବପୁର ଶନି ମନ୍ଦିର ନିକଟ ବ୍ରାହ୍ମଣୀର ଶାଖା କେଲୁଆ ନଦୀରୁ ମୃତ ଦେହକୁ ଉଦ୍ଧାର କରାଯାଇଛି । ପରିବାର ପକ୍ଷରୁ ଶବ ଚିହ୍ନଟ ପରେ ଧାମ୍‌ଶାଳା ପୋଲିସ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି । ଘଟଣାରୁ ପ୍ରକାଶ ଜେନାପୁର ଥାନା ବରହମପୁର ଗ୍ରାମର ୩ ସାଙ୍ଗ ବିଜୟ ଦଳେଇଙ୍କ ପୁଅ ପ୍ରତାପ ଦଳେଇ (୨୧), ଅମୂଲ୍ୟ ଦଳେଇଙ୍କ ପୁଅ ସିଦ୍ଧାର୍ଥ ଦଳେଇ (୨୪) ଓ ଜୟୀରାମ ଦଳେଇଙ୍କ ପୁଅ ଶାନ୍ତନୁ ଦଳେଇ (୨୩) ଜବରା ନିକଟସ୍ଥ ବ୍ରହ୍ମଣୀ ସେତୁ ନିକଟରେ ଗାଧୋଉଥିବା ସମୟରେ ନଦୀ ସ୍ରୋତରେ ଭାସିଯାଇଥିଲେ । ୨ ଜଣଙ୍କୁ ସ୍ଥାନୀୟ ଯୁବକ ସତ୍ୟବ୍ରତ ପଣ୍ଡା ଉଦ୍ଧାର କରିଥିଲେ କିନ୍ତୁ ପ୍ରତାପକୁ ଉଦ୍ଧାର କରିପାରିନଥିଲେ । ଦମକଳ କେନ୍ଦ୍ରର କର୍ମଚାରୀମାନେ ପ୍ରତାପ ଖୋଜାଖୋଜି କରିଥିଲେ ମଧ୍ୟ ପାଇନଥିଲେ । ରବିବାର ଦିନ ପ୍ରତାପ ମୃତ ଦେହ ମିଳିବା ପରେ ସ୍ଥାନୀୟ ବରହମପୁର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।



# ୫ ଲକ୍ଷ ଟଙ୍କାର ବିଦ୍ୟୁତ ସାମଗ୍ରୀ, ୨୧ ମୋବାଇଲ ଜବତ:୨ ଗିରଫ

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ସ୍ଥାନୀୟ ପୋଲିସର ପାଟ୍ରୋଲିଙ୍ଗ ତଥା କୌଣସି ସୂତ୍ରରୁ ଖବର ପାଇ ରମ୍ଭା ପୋଲିସ ପ୍ରେସ୍ ଇସ୍ତାହାରରେ ପାଞ୍ଚ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ୨୧ ଗୋଟି ଏଣ୍ଡ୍ରୋଏଡ ମୋବାଇଲ, ୨ ଗୋଟି ସାଇକେଲ, ଡାକବାଜି ଯନ୍ତ୍ର ଏମ୍ପିଲୋଫାୟର, ୨ ଗୋଟି ୟୁନିଟ୍, ମାଇକ୍ରୋଫୋନ୍ ଓ ୱେୟାର, ମେମୋରି ଅଡିଓ ପ୍ଲେୟର, ଏଲ୍.ଇ.ଡି ହାଲୋଜିନ୍, ଟେଣ୍ଟ ହାଉସ କପଡା ଜବତ କରି ଆଗକୁ ଜୋରଦାର ହେବ ବୋଲି ଏସ୍‌ଡ଼ିପି ଓ ଚନ୍ଦନ ଘଡ଼ାଇ ଓ ରମ୍ଭା ଥାନା ଆଇଆଇସି କୁମର ମୁଦୁଲି ସମ୍ମିଳିତ ଭାବେ ପ୍ରକାଶ କରିଛନ୍ତି । ଧର ପଗଡ଼ ସମୟରେ ଉମରି ଧର୍ମ ଶରଣପୁର ପଞ୍ଚାୟତ ବାଳସିଂହ୍ ପଲ୍ଲୀ ଗ୍ରାମର ଦୁଇ ଚୋର ଅରୁଣ ଦାସ-୨୨ ଓ ମନୋଜ ଦାସ-୨୪କୁ ସନ୍ତୋଷପୁର ପଞ୍ଚାୟତ କାର୍ତିକଢ଼ିହ ଠାରେ ମାଡି ବସିଥିଲେ । ଧର ପଗଡ଼ ସମୟରେ ଏ.ଆଇ.ଆଇ.ସି ତୁଳାରାମ ମହାନନ୍ଦ, ଏସ୍.ଆଇ ମିଙ୍କିନ ପଟ୍ଟନାୟକ, ଏସ୍. ଆଇ ଛବିରାଣୀ ନାୟକ, ଏଏସ୍‌ଆଇ ପ୍ରସନ୍ନ କୁମାର ପ୍ରଧାନ, କନେଷ୍ଟବଳ ପ୍ରଭାତ ନାୟକ, କନେଷ୍ଟବଳ ମଧୁସୂଦନ କାର୍ଜି, ଅଜୟ କୁମାର ପଲେଇ, ତିରୁପତି ବେହେରା ପ୍ରମୁଖ ସଦଳବଳେ ସାମିଲ ହୋଇଥିଲେ । ତା -୨୮/୦୮/୨୦୨୬ ରିଖ ସନ୍ଧ୍ୟା ୫ ଘଣ୍ଟିକା ସମୟରେ ରମ୍ଭା ଥାନା ଡାଇରୀ କେସ୍ ନଂ-୫୮୩/ ୨୦୨୬ରେ ଏତଲା ଦରଜ ହୋଇଥିବା ସହ ଦୁଇ ଆସାମୀଙ୍କୁ ଶନିବାର ଦିନ କୋର୍ଟ ଫରୱାର୍ଡ କରାଯାଇଥିବା ଥାନା ସୂତ୍ରରୁ ପ୍ରକାଶ ।

## ////// ବରଗଡ଼ ଜିଲ୍ଲାର ବିକାଶ ପ୍ରକଳ୍ପ ଅନୁଧ୍ୟାନ କଲେ ନୋଡାଲ ସଚିବ //////

# ଜୀବିକା ସୁଯୋଗ ସୃଷ୍ଟି ଓ ସମସ୍ୟା ସମାଧାନ ଉପରେ ଗୁରୁତ୍ୱ

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**




ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସଚିବ ତଥା ବରଗଡ଼ ଜିଲ୍ଲାର ନୋଡାଲ ସଚିବ ଡ. ବିଜୟ କେତନ ଉପାଧ୍ୟାୟ, ଜିଲ୍ଲାର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ, ଶିକ୍ଷାନୁଷ୍ଠାନ ଓ ଅନ୍ୟାନ୍ୟ ସଂସ୍ଥା ପରିଦର୍ଶନ କରି ସେଗୁଡ଼ିକର କାର୍ଯ୍ୟକାରିତା, ଭିତ୍ତିଭୂମି ଓ ସେବା ପ୍ରଦାନ ବ୍ୟବସ୍ଥା ସମୀକ୍ଷା କରିଥିଲେ । ଏହି ଅବସରରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ ସମେତ ବରିଷ୍ଠ ଜିଲ୍ଲା ଅଧିକାରୀମାନେ ଉପସ୍ଥିତ ଥିଲେ । ଡ. ଉପାଧ୍ୟାୟ ଅଡ଼ଗାଁ ଅଙ୍ଗନବାଡ଼ି କେନ୍ଦ୍ର ପରିଦର୍ଶନ କରି ଶିଶୁ ଓ କର୍ମଚାରୀମାନଙ୍କ ସହ ଆଲୋଚନା କରିବା ସହ କେନ୍ଦ୍ରର ପରିଚ୍ଛନ୍ନତା, ରୋଷେଇ ଘର ଓ ଶିଶୁମାନଙ୍କୁ ଯୋଗାଇ ଦିଆଯାଉଥିବା ଖାଦ୍ୟ ବ୍ୟବସ୍ଥା ସମୀକ୍ଷା କରିଥିଲେ । ଏହାପରେ ସେ କୁରୁଆଁ ସ୍ଥିତ ୫,୦୦୦ ମେଟ୍ରିକ୍ ଟନ୍ କ୍ଷମତା ବିଶିଷ୍ଟ ଶୀତଳ ଭଣ୍ଡାର ପରିଦର୍ଶନ କରି ବ୍ୟବସ୍ଥାର ତଦାରଖ କରିବା ସହ ଫସଲ ବିବିଧୀକରଣ ଉପରେ ଗୁରୁତ୍ୱ ଦେଇ ଧାନ ସହ ଆଳୁ ଓ ଅନ୍ୟାନ୍ୟ ପନିପରିବା ଚାଷକୁ ପ୍ରୋତ୍ସାହନ ଦେବା ପାଇଁ କୃଷକ ଗୋଷ୍ଠୀ ଗଠନ କରି ସଚେତନତା ଓ ପରାମର୍ଶ ମାଧ୍ୟମରେ ଚାଷୀମାନଙ୍କୁ ଉତ୍ସାହିତ କରିବାକୁ ଶୀତଳ ଭଣ୍ଡାର ମାଲିକଙ୍କୁ ପରାମର୍ଶ ଦେଇଥିଲେ । ଏହାପରେ ଦେବଗଡ଼ ଟିକ୍ରା ସରକାରୀ ବିଦ୍ୟାଳୟ ପରିଦର୍ଶନରେ ଯାଇ ଛାତ୍ରଛାତ୍ରୀ ଓ ଶିକ୍ଷକମାନଙ୍କ ସହ ଆଲୋଚନା କରିବା ସହ ଶିକ୍ଷାଦାନ ବ୍ୟବସ୍ଥା ଓ ବିଦ୍ୟାଳୟର ଭିତ୍ତିଭୂମି ସମ୍ପର୍କରେ ଅବଗତ ହୋଇଥିଲେ । ପିଏମ୍ ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବରଗଡ଼ ପରିଦର୍ଶନ କରି ସେ ଛାତ୍ରୀ ଓ ଶିକ୍ଷକମାନଙ୍କ ସହ ଆଲୋଚନା କରିଥିଲେ । ବିଦ୍ୟାଳୟର ବିଜ୍ଞାନ ପରୀକ୍ଷାଗାର, ଇ-ଲାବୋରେଟୋରୀ, ରୋବୋଟିକ୍ସ ଲାବ୍, ସ୍ମାର୍ଟ କ୍ଲାସ୍‌ରୁମ୍ ଓ ଅନ୍ୟାନ୍ୟ ସୁବିଧା ପରିଦର୍ଶନ କରି ଭିତ୍ତିଭୂମିର ନିୟମିତ ରକ୍ଷଣାବେକ୍ଷଣ ଓ ସର୍ବୋତ୍ତମ ବ୍ୟବହାର ପାଇଁ ପରାମର୍ଶ ଦେଇଥିଲେ । ଏହାପରେ ବରଗଡ଼ ନିଶାମଣୀ ପଡିଆରେ ନିର୍ମାଣାଧୀନ ଧନୁଯାତ୍ରା ରଙ୍ଗମହଲ ନିର୍ମାଣସ୍ଥଳୀ ପରିଦର୍ଶନ ସମୟରେ ଜିଲ୍ଲାପାଳ ଶ୍ରୀ ଗୋୟଲ ଏଠାରେ ନ୍ୟାସନାଲ୍ ସ୍କୁଲ୍ ଅଫ୍ ଡ୍ରାମାର ସହଯୋଗରେ ସ୍ଥାନୀୟ କଳାକାରମାନଙ୍କ ପ୍ରଶିକ୍ଷଣ ଓ ଦକ୍ଷତା ବିକାଶ ପାଇଁ ଏକ କାଳକେନ୍ଦ୍ର- ଧନୁଯାତ୍ରା ସ୍କୁଲ୍ ଅଫ୍ ଡ୍ରାମା ସ୍ଥାପନ କରିବା ପାଇଁ ପ୍ରସ୍ତାବ ରଖିଥିଲେ । ପରେ ବର୍ଦ୍ଧୋଲି ଆଶ୍ରମ ବିଦ୍ୟାଳୟ ପରିଦର୍ଶନ କରି ସେ ଛାତ୍ରଛାତ୍ରୀ ଓ ଶିକ୍ଷକମାନଙ୍କ ସହ ଆଲୋଚନା କରିବା ସହ ଚାଲିଥିବା ଅତିରିକ୍ତ ଶ୍ରେଣୀଗୃହ ଓ ହଷ୍ଟେଲ୍ ଡାଇନିଂ ହଲ୍ ନିର୍ମାଣ କାର୍ଯ୍ୟ ଅନୁଧ୍ୟାନ କରିଥିଲେ । ରୋଷେଇ ଘର ଓ ହଷ୍ଟେଲର ପରିଚ୍ଛନ୍ନତା ବ୍ୟବସ୍ଥା ମଧ୍ୟ ଯାଞ୍ଚ କରାଯାଇଥିଲା । ଏତଦ୍‌ବ୍ୟତୀତ ଭଟଲି ସ୍ଥିତ ଗ୍ରାଉଣ୍ଡନଟ୍ ପ୍ରୋସେସିଂ ୟୁନିଟ୍ ପରିଦର୍ଶନ ସମୟରେ ସେ ଉଦ୍ୟୋଗୀଙ୍କ ସହ ଆଲୋଚନା କରି ଯନ୍ତ୍ରପାତି, ଉତ୍ପାଦନ ଓ ବିପଣନ ସମ୍ଭାବନା ସମ୍ପର୍କରେ ଅବଗତ ହୋଇଥିଲେ । ଏହାପରେ ସେ ବିକାଶ ହସ୍ପିଟାଲ୍ ପରିଦର୍ଶନ କରି ଆୟୁଷ୍ମାନ୍ ଭାରତ ଯୋଜନାରେ ଚିକିତ୍ସିତ ହେଉଥିବା ହିତାଧିକାରୀଙ୍କ ସହ ଆଲୋଚନା କରିଥିଲେ । ବରଗଡ଼ ସ୍ଥିତ ଜିନ୍ଦଲ୍ ଇଟା ୟୁନିଟ୍ ପରିଦର୍ଶନ କରି ଉତ୍ପାଦନ, କଞ୍ଚାମାଲ ସଂଗ୍ରହ ଓ ଉତ୍ପାଦିତ ସାମଗ୍ରୀର ବିପଣନ ସମ୍ପର୍କରେ ଆଲୋଚନା କରିଥିଲେ । ପରିଦର୍ଶନ ସମୟରେ ଡ. ଉପାଧ୍ୟାୟ ସରକାରୀ ଯୋଜନାର ସଫଳ କାର୍ଯ୍ୟାନ୍ୱୟନ, ସର୍ବସାଧାରଣ ଭିତ୍ତିଭୂମିର ନିୟମିତ ରକ୍ଷଣାବେକ୍ଷଣ, ଫସଲ ବିବିଧୀକରଣ, ଜୀବିକା ସୁଯୋଗ ସୃଷ୍ଟି ଏବଂ କ୍ଷେତ୍ରସ୍ତରୀୟ ସମସ୍ୟାର ଦ୍ରୁତ ସମାଧାନ ଉପରେ ଗୁରୁତ୍ୱ ଦେଇଥିଲେ ।

# ୧୬ ନଂ ଜାତୀୟ ରାଜପଥରେ ବସ୍ ଓଲଟି ୧୫ରୁ ଊର୍ଦ୍ଧ୍ୱ ଆହତ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

୧୬ନଂ ଜାତୀୟ ରାଜପଥର ବଡ଼ଚଣା ଥାନା କଡେଇ ଛକ ନିକଟରେ ଭୁବନେଶ୍ୱରରୁ ବାଲେଶ୍ୱର ଯାଉଥିବା ଯଶୋଦା ବସ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ୧୫ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇ ଚିକିତ୍ସିତ ହେଉଛନ୍ତି । ମଧ୍ୟାହ୍ନରେ ଯଶୋଦା ବସ୍ ଭୁବନେଶ୍ୱରରୁ ବାଲେଶ୍ୱର ଯାଇଥିବା ବେଳେ ଦୁଘାଟଣାଗ୍ରସ୍ତ ହୋଇଥିଲା । ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟି ପଡିଥିଲା । ଫଳରେ ୧୫ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଛନ୍ତି । ଖବରପାଇ ସ୍ଥାନୀୟ ଲୋକେ ଓ ଚଣ୍ଡିଖୋଲ ଦମକଳ କେନ୍ଦ୍ର କର୍ମଚାରୀ ଓ ବଡ଼ଚଣା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତୁରନ୍ତ ଆହତଙ୍କୁ ବସ୍ ଭିତରୁ ବାହାରକରି ବଡ଼ଚଣା ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ । ପରେ ଜାତୀୟ ରାଜପଥ କର୍ମଚାରୀ ବସ୍‌କୁ ରାସ୍ତା ଉପରୁ ସ୍ଥାନାନ୍ତର କରି ଯାତାୟାତରେ ସୁବିଧା କରିଛନ୍ତି ।

# ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୧।୦୯।୨୦୨୬, ଭାଦ୍ରବ ଦ୧୬ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ- ଘ ୫।୩୩।୧୦ ଚନ୍ଦ୍ରୋଦୟ- ରାଘ ୮।୩୯।୫୫**

ଚତୁର୍ଥୀ ପ୍ରାଘ ୭।୪୫ ପର୍ଯ୍ୟନ୍ତ, ଅଶ୍ୱିନୀ ନକ୍ଷତ୍ର ରାଘ ୨।୪୫ ପର୍ଯ୍ୟନ୍ତ । ମେଷ ଚନ୍ଦ୍ର ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, ତୁଳା, ବିଛା, ମକର, କୁମ୍ଭ ରାଶିର । **ଘାତଚନ୍ଦ୍ର-** ମେଷ ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ପଞ୍ଚମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ମୂଳା ପ୍ରାଘ ୭।୪୫ ଗତେ ବେଲ ଓ ପଣସ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୮।୪୩ ଗତେ ଦିଘ ୧୦।୩୪ ମଧ୍ୟେ । ଦିଘ ୧।୦୩ ଗତେ ଦିଘ ୧।୨୦ ମଧ୍ୟେ । **ପର୍ବୋତ୍ସବ-** ଗୃହୀଣାଂ ରକ୍ଷା ପଞ୍ଚମୀ ।



**ମେଷ:** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ତିକ୍ତତା ଦେଖାଦେବ । ଖର୍ଚ୍ଚର ପରିମାଣ ବଢ଼ିବ । ସତକଥା କହି ବିରୋଧି ହୋଇପାରନ୍ତି । ପାରିବାରିକ ବିଶୃଙ୍ଖଳା ଦେଖାଦେବ । ମନ ଅସ୍ଥିର ରହିବାର ସୂଚନା ।



**ବୃଷ:** ସମସ୍ତ କାର୍ଯ୍ୟ ସୁରୁଖୁରୁରେ ସମ୍ପାଦନ ହେବ । ଦେହ ଓ ମନ ଭଲ ରହିବ । ଆୟ ଓ ବ୍ୟୟ ସମାନ ରହିବ । ଘରେ ଶାନ୍ତିର ବାତାବରଣ ରହିବ । ମାଲିମୋକଦ୍ଦମାରେ ଶୁଣାଣି ବିଳମ୍ବ ହେବ ।



**ମିଥୁନ:** ବ୍ୟବସାୟରେ ଲାଭବାନ୍ ହେବେ । ରୋଜଗାର ଭଲ ହେବ । ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ । ପାରିବାରିକ ଜୀବନ ସୁଖମୟ ହେବ । ପିଲାମାନେ ପଢ଼ାପଢ଼ିରେ ଆଗେଇ ଚାଲିବାର ସୂଚନା ।



**କର୍କଟ:** ଆଜି ଆପଣଙ୍କର ଆୟ ଯୋଗ ରହିଛି । ଶରୀର ସୁସ୍ଥ ରହିବ । ସାଧନାରେ ସିଦ୍ଧି ଲାଭ କରିବେ । ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ । ନୂତନ ଦ୍ରବ୍ୟ କ୍ରୟ କରିବାର ସମ୍ଭାବନା ରହିଛି ।



**ସିଂହ:** ବିବାଦର ସମ୍ମୁଖୀନ ହେବେ । ଦାମ୍ପତ୍ୟ ଜୀବନ ମଧୁରମୟ ହେବ । ଚାକିରୀ କ୍ଷେତ୍ରରେ ସହକର୍ମୀଙ୍କ ସହ ମତାନ୍ତର ଦେଖାଦେବ । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ଘରେ କଳହ ଓ ଅଶାନ୍ତି ଦେଖାଦେଇପାରେ ।



**କନ୍ୟା:** ବିବାଦୀୟ ବିତର୍କ କ୍ଷେତ୍ରରୁ ଦୂରେଇ ରହିବା ଭଲ । ଘରେ ପିଲାଙ୍କ ପାଇଁ ଚିନ୍ତିତ ହେବେ । ଆୟ ଓ ବ୍ୟୟ ସ୍ଥିର ରହିବ । ଅତ୍ୟଧିକ ପରିଶ୍ରମ ହେତୁ କ୍ଳାନ୍ତି ଅନୁଭବ କରିବେ । ମହିଳାମାନେ ଗର୍ବୀ ହୋଇପାରନ୍ତି ।



**ତୁଳା:** କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ଆୟ ସ୍ଥିର ରହିବ । ବନ୍ଧୁ ମିଳନ ସହ ଆମୋଦ ପ୍ରମୋଦରେ ଦିନଟି କଟିବ । ପାରିବାରିକ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ । ଭ୍ରମଣ ଯୋଗ ମଧ୍ୟ ରହିଛି ।



**ବିଛା:** ପରୋପକାର କରି ଆନନ୍ଦିତ ହେବେ । ଶୁଭ ଖବର ପାଇ ଖୁସି ହେବେ । ବ୍ୟବସାୟରେ ଲାଭବାନ୍ ହେବେ । ରୋଜଗାର ମଧ୍ୟମ ଧରଣର ହେବ । ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ । ଗୃହେ ସୁଖ ଶାନ୍ତି ଲାଭ ହେବ ।



**ଧନୁ:** ଆୟ ଅପେକ୍ଷା ବ୍ୟୟର ମାତ୍ରା ଅଧିକ ହେବ । କଚେରି ମାମଲାରେ ଶୁଣାଣି ବିଳମ୍ବ ହେବ । ଅଯଥାରେ ଦୂରକୁ ଯାତ୍ରା କରିପାରନ୍ତି । ପାରିବାରିକ ଅଶାନ୍ତି ଓ କଳହ ଦେଖାଦେଇପାରେ । ମନ ଅସ୍ଥିର ରହିବ ।



**ମକର:** ଶତ୍ରୁଙ୍କ ଠାରୁ ସତର୍କତା ଅବଲମ୍ବନୀୟ । ବ୍ୟବସାୟ କ୍ଷତିରେ ଚାଲିବ । ରୋଜଗାରର ପରିମାଣ ସ୍ଥିର ରହିବ । ଘରେ ଅସନ୍ତୋଷ ଦେଖାଦେବ । ଠକ ଲୋକଙ୍କ ପ୍ରତି ସାବଧାନ ରହିବେ । ସମସ୍ତ ଆଡ଼କୁ ନଜର ରଖି କାର୍ଯ୍ୟ କରିବେ ।



**କୁମ୍ଭ:** ଯଶ ଖ୍ୟାତି ଲାଭ ହେବ । ଦେବ ଦର୍ଶନ ସହିତ ଭ୍ରମଣ ଯୋଗ ମଧ୍ୟ ରହିଛି । ପାରିବାରିକ ଜୀବନ ସୁଖମୟ ହେବ । ମହିଳାମାନେ ସୁଖୀ ହେବେ । ନୂତନ କର୍ମ ଆରମ୍ଭ କରିପାରନ୍ତି । ଶରୀର ସୁସ୍ଥ ରହିବ ।



**ମୀନ:** ସାମାଜିକ ସ୍ତରରେ ସମ୍ମାନିତ ହେବେ । ଧନ ଲାଭ ହେବ । ଘରେ ଶାନ୍ତି ଲାଭ । ବନ୍ଧୁଙ୍କ ସହଯୋଗ ଲାଭ କରି ଉପକୃତ ହେବେ । ପିଲାମାନେ ପାଠପଢ଼ାରେ ମନ ଦେବେ । ମନ ଭଲ ରହିବ ।

# ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୨।୦୯।୨୦୨୬, ଭାଦ୍ରବ ଦ୧୭ନ, ବୁଧବାର**

**ସୂର୍ଯ୍ୟୋଦୟ- ଘ ୫।୩୩।୨୫ ଚନ୍ଦ୍ରୋଦୟ- ରାଘ୯।୨୫।୦୮**

ପଞ୍ଚମୀ ପ୍ରାଘ ୬।୧୫ ପର୍ଯ୍ୟନ୍ତ, ଷଷ୍ଠୀ କ୍ଷୟ, ଦ୍ୱିଜା ନକ୍ଷତ୍ର ରାଘ ୧।୪୫ ପର୍ଯ୍ୟନ୍ତ । ମେଷ ଚନ୍ଦ୍ର ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, ତୁଳା, ବିଛା, ମକର, କୁମ୍ଭ ରାଶିର । **ଘାତଚନ୍ଦ୍ର-** ମେଷ ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବେଲ ଓ ପଣସ ପ୍ରାଘ ୬।୧୫ ଗତେ ନିମ୍ବ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୩୬ ଗତେ ଦିଘ ୭।୧୫ ମଧ୍ୟେ । ଦିଘ ୧।୫୨ ଗତେ ଦିଘ ୫।୦୯ ମଧ୍ୟେ । **ପର୍ବୋତ୍ସବ-** ଶ୍ରୀମନ୍ଦିରରେ ରେଖା ପଞ୍ଚମୀ, ବୁଧୀବାମନ ଓଷା ।

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

# ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କ୍ରେଡିଟ୍ କାର୍ଡ ଦେବେ କେନ୍ଦ୍ର ସରକାର

କେନ୍ଦ୍ର ସରକାରଙ୍କର ଏପରି କିଛି ଯୋଜନା ରହିଛି, ଯେଉଁଥିରେ ହିତାଧିକାରୀଙ୍କୁ କ୍ରେଡିଟ୍ କାର୍ଡ ମଧ୍ୟ ମିଳି ଥାଏ । ଏହା ଏପରି ଏକ ଯୋଜନା ଯାହା କ୍ଷୁଦ୍ର ଉଦ୍ୟୋଗ ବା ମାଇକ୍ରୋ ଏଣ୍ଟରପ୍ରାଇଜେସ୍ ଗୁଡ଼ିକ ପାଇଁ ଉଦ୍ଦିଷ୍ଟ । ଏହି ଯୋଜନା ଅଧୀନରେ ସରକାର କ୍ରେଡିଟ୍ କାର୍ଡ ପ୍ରଦାନ କରୁଛନ୍ତି । ଏହି କାର୍ଡର ଲିମିଟ୍ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରହିଛି । ସରକାର ଏହି ଯୋଜନାକୁ ଏପରି ଭାବେ ପ୍ରସ୍ତୁତ କରିଛନ୍ତି ଯେପରି ଛୋଟ ବ୍ୟବସାୟୀମାନଙ୍କୁ ୱାର୍କିଂ କ୍ୟାପିଟାଲ୍ ବା ଆବଶ୍ୟକୀୟ ପୁଞ୍ଜି ସହଜରେ ମିଳି ପାରିବ ଏବଂ ଡିଜିଟାଲ୍ କାରବାରକୁ ପ୍ରୋତ୍ସାହନ ମିଳିବ । ମାଇକ୍ରୋ କ୍ରେଡିଟ୍ କାର୍ଡ ଯୋଜନା (ME-Card) ର ଲାଭ ନେବା ପାଇଁ ମାଇକ୍ରୋ ଏଣ୍ଟରପ୍ରାଇଜେସ୍ ଗୁଡ଼ିକୁ କେନ୍ଦ୍ର ସରକାରଙ୍କ 'ଉଦ୍ୟମ ପୋର୍ଟାଲ୍' ରେ ରେଜିଷ୍ଟର୍ଡ କରିବାକୁ ହେବ । ହେଲେ, କାର୍ଡ ଜାରି କରିବା ଏବଂ କ୍ରେଡିଟ୍ ସୀମା ଧାର୍ଯ୍ୟ କରିବାର ଅନ୍ତିମ ନିଷ୍ପତ୍ତି ସମ୍ପୃକ୍ତ ବ୍ୟାଙ୍କ କିମ୍ବା ଋଣ ପ୍ରଦାନକାରୀ ସଂସ୍ଥାର କ୍ରେଡିଟ୍ ଯାଞ୍ଚ ଓ ନୀତି ଆଧାରରେ ହେବ । ପ୍ରତ୍ୟେକ କ୍ରେଡିଟ୍ କାର୍ଡରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପ୍ରି-ଆପ୍ରୁଭଡ ରିଭଲଭିଂ କ୍ରେଡିଟ୍ ଲିମିଟ୍ ମିଳି ଥାଏ। ପ୍ରାରମ୍ଭିକ ଆବେଦନକାରୀଙ୍କ ପାଇଁ କୌଣସି ଜଏନିଙ୍ଗ ଫି' ରଖାଯାଇ ନାହିଁ। ବାର୍ଷିକ ଫି' କାର୍ଡ ଲିମିଟର ସର୍ବାଧିକ ୧ ପ୍ରତିଶତ କିମ୍ବା ୧,୦୦୦ ଟଙ୍କା (ଯାହା କମ୍ ହୋଇଥିବ) ଧାର୍ଯ୍ୟ କରାଯାଇଛି। ଅଧିକ କାଗଜପତ୍ର ବିନା ଶୀଘ୍ର ମଞ୍ଜୁରୀ ପାଇଁ UPI, ଆକାଉଣ୍ଟ ଏଗ୍ରିଗେଟର ଫ୍ରେମୱାର୍କ ଏବଂ ସହଜ କମନ୍ ଡିଜିଟାଲ୍ ଆପ୍ଲିକେସନ୍ ଫର୍ମ ବ୍ୟବହାର କରାଯାଉଛି। RBI ଗାଇଡ ଲାଇନ୍ସ ଅନୁସାରେ, ସୁଧ ହାର ଧାର୍ଯ୍ୟ କରାଯାଇଛି ଏବଂ ଏହାର ବାର୍ଷିକ ସୁଧ ହାର ବେଶ୍ ପ୍ରତିଯୋଗିତାମୂଳକ। ଏହି ସୁବିଧାର ବ୍ୟବହାର ବ୍ୟବସାୟୀମାନେ ନିଜର ୱାର୍କିଂ କ୍ୟାପିଟାଲ୍ ଆବଶ୍ୟକତା ପାଇଁ କରି ପାରିବେ। ଯେପରିକି ଦୋକାନ କିମ୍ବା ୟୁନିଟ୍ ପାଇଁ କଞ୍ଚାମାଲ କିଣିବା, ଷ୍ଟକ୍ ବୃଦ୍ଧି କରିବା, ଦୈନନ୍ଦିନ ବ୍ୟବସାୟିକ ଖର୍ଚ୍ଚ ଉଠାଇବା କିମ୍ବା ବ୍ୟବସାୟରେ ଆସୁଥିବା ଅସ୍ଥାୟୀ ଟଙ୍କାର ଅଭାବକୁ ପୂରଣ କରିବା ସହଜ ହୋଇ ପାରିବ। ଏହା ସାଧାରଣ ଟର୍ମ ଲୋନ୍‌ଠାରୁ ଅଲଗା। ରିଭଲଭିଂ କ୍ରେଡିଟରେ ବ୍ୟବସାୟୀ ନିଜ ଆବଶ୍ୟକତା ଅନୁସାରେ ସ୍ୱୀକୃତ ସୀମା ଭିତରେ ଟଙ୍କା ବ୍ୟବହାର କରି ପାରିବେ ଏବଂ ପରିଶୋଧ କରିବା ପରେ ଉପଲବ୍ଧ କ୍ରେଡିଟକୁ ପୁଣିଥରେ ବ୍ୟବହାର କରିପାରିବେ। ସୂଚନା ଯେ, ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ୧ ଫେବୃଆରୀ ୨୦୨୫ରେ ଆଗତ ହୋଇଥିବା କେନ୍ଦ୍ରୀୟ ବଜେଟ୍ ୨୦୨୫-୨୬ ରେ ଏହି ବିଷୟରେ ଘୋଷଣା କରିଥିଲେ। ସେତେବେଳେ ସେ ଜଣାଇ ଥିଲେ ଯେ, ଉଦ୍ୟମ ପୋର୍ଟାଲରେ ପଞ୍ଜୀକୃତ ମାଇକ୍ରୋ ଏଣ୍ଟରପ୍ରାଇଜେସ୍ ପାଇଁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଲିମିଟ୍ ଥିବା କଷ୍ଟମାଇଜଡ୍ କ୍ରେଡିଟ୍ କାର୍ଡ ଜାରି କରାଯିବ। ପ୍ରଥମ ବର୍ଷରେ ୧୦ ଲକ୍ଷ ଏପରି କାର୍ଡ ଜାରି କରିବାର ଲକ୍ଷ୍ୟ ରଖାଯାଇଥିଲା। ସରକାର MSME ର ସଂଜ୍ଞାରେ ମଧ୍ୟ ବଡ଼ ପରିବର୍ତ୍ତନ କରିଛନ୍ତି। ମାଇକ୍ରୋ ଏଣ୍ଟରପ୍ରାଇଜେସ୍ ପାଇଁ ନିବେଶର ଲିମିଟ୍ ୧ କୋଟିରୁ ବୃଦ୍ଧି କରାଯାଇ ୨.୫ କୋଟି ଟଙ୍କା ଏବଂ ଟର୍ନଓଭର ସୀମା ୫ କୋଟିରୁ ବୃଦ୍ଧି କରାଯାଇ ୧୦ କୋଟି ଟଙ୍କା କରାଯାଇଛି। ଛୋଟ ଉଦ୍ୟୋଗ ବା ସ୍ମଲ୍ ଏଣ୍ଟରପ୍ରାଇଜ୍ ଗୁଡ଼ିକ ପାଇଁ ଏହି ସୀମା ଯଥାକ୍ରମେ ୨୫ କୋଟି ଓ ୧୦୦ କୋଟି ଟଙ୍କା ହୋଇଥିବା ବେଳେ ମିଡିୟମ୍ ଏଣ୍ଟରପ୍ରାଇଜେସ୍ ପାଇଁ ୧୨୫ କୋଟି ଓ ୫୦୦ କୋଟି ଟଙ୍କା କରାଯାଇଛି।



## ନିଶାପ

### (ନିରପେକ୍ଷ ଶାସନ ପଦ୍ଧତି)

### ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

### ପ୍ରତିଷ୍ଠା

ଶ୍ରଦ୍ଧେୟ ଭକ୍ତବୃନ୍ଦ ଯିଏ ସାରା ବ୍ରହ୍ମାଣ୍ଡର ମାଲିକ ଆଉ ଯାହା ଉପରେ ଚଉଦ ବ୍ରହ୍ମାଣ୍ଡ ତିଷ୍ଠି ପାରିଛି ସେହିଁ ଅନନ୍ତ ଅବିନାଶୀ, ପରଂବ୍ରହ୍ମ ତାକୁ ଆମେ କଣ ପ୍ରତିଷ୍ଠା କରିବା। ସେତ ଆମକୁ ପଠାଇଛନ୍ତି, ତାଙ୍କ କର୍ମ କରିବା ପାଇଁ ଆଉ ଆମେ କଣ ତାଙ୍କୁ ପ୍ରତିଷ୍ଠା କରିବା ଏଇ ପ୍ରତିଷ୍ଠା ହିଁ ଏକ ଅହଂକାର ଏହା ବି ଏକ ବ୍ୟାଧି । ଯିଏ ସ୍ୱୟଂ ପ୍ରକାଶ୍ୟ ଯାହାଦ୍ୱାରା ଚଳ ଅଚଳ ସବୁ ନିମିଷକେ ଓଲଟ ପାଲଟ ହୋଇଯାଏ । ସେହି ପ୍ରଭୁ ହେଲେ ଜୀବ ଜଗତର ପ୍ରାଣ । ପ୍ରାଣକୁ ପୁଣି କଣ ପ୍ରତିଷ୍ଠା କରିବା, ସେହିଁ ସତ୍ୟ, ଶିବ, ସୁନ୍ଦର, ତେଣୁ ହେ ଭକ୍ତ ତୁମ ଭିତରେ ସତ୍ୟ, ଶାନ୍ତି, ଦୟା, କ୍ଷମା, ଶ୍ରଦ୍ଧା, ବିଶ୍ୱାସ, ଭକ୍ତି, ଜ୍ଞାନକୁ ପ୍ରତିଷ୍ଠା କରି ଇଶ୍ୱରଙ୍କ ଉପାସନାରେ ବ୍ରତୀ ହେଲେ ସେହିଁ ହେବ ଇଶ୍ୱରଙ୍କ ପାଇଁ ପ୍ରତିଷ୍ଠା, କେବଳ ଭାବ ଟିକିଏ ରଖ ଦେଖିବ ସେ ତୁମକୁ କିପରି ସରଳ ସୁନ୍ଦର ଭାବରେ ଏ ଜଗତରେ ତୁମକୁ ପ୍ରତିଷ୍ଠା କରି ଦେଇଥିବେ । ଆଉ ତୁମେ ତାକୁ କଣ ପ୍ରତିଷ୍ଠା କରିବା ତାଙ୍କର ଧନ, ତାଙ୍କରି ମନ, ତାଙ୍କରି ଫୁଲ ଫଳକୁ ତାଙ୍କୁ ଦେଇ ତୁମେ ଭାବୁଛ ଆମେ ସବୁ କରି ଦେଉଛୁ । ଆମଠାରୁ ଦାନୀ, ମାନୀ, ଧନୀ ଏ ଦୁନିଆରେ ଆଉ କେହି ନାହାଁନ୍ତି । ଆଉ ନିଜକୁ ଟିକେ ଭାବ ତୁମେ ସେହି ପାଣି ଫୋଟକା ମିଳେଇ ଯିବ ନିମିଷକ ମଧ୍ୟରେ ତୁମର ସତା ଓ ପତା ତୁମର ପୁତ୍ର ନାତିମାନେ ମଧ୍ୟ ମନେରଖିନଥିବେ । ଏଣୁ କାହାକୁ ନେଇ ଏତେ ଗର୍ବ ଅହଂକାର ଟିକେ ଭାବି ଦେଖ ସତ୍ୟକୁ ଆଧାରରେ କର ଦେଖିବ ସବୁ ସେଇ ଏକ ପରମାତ୍ମା ପରମ ପିତା । ହରି ଓଁ ।

# ଡେଙ୍ଗୁର ଟୀକାକରଣକୁ ସ୍ୱୀକୃତି



ଡାକ୍ତର ରାଜକିଶୋର ପଣ୍ଡା
ମେଡିକାଲ ଅଫିସର, ଓଡ଼ିଶା ସ୍ୱାସ୍ଥ୍ୟ ସେବା, ଭୁବନେଶ୍ୱର
ମୋବାଇଲ ନଂ- ୮୧୪୪୦୪୨୯୯୭

ଗୋଟିଏ ସମୟ ଥିଲା, ଯେତେବେଳେ ମ୍ୟାଲେରିଆ ମଶା ଦ୍ୱାରା ବ୍ୟାପୁଥିବା ସେହି ରୋଗଥିଲା, ଯାହାକୁ ଅଧିକାଂଶ ଭାରତୀୟ ଭୟ କରୁଥିଲେ। ଏହାର ବିପରୀତରେ ଡେଙ୍ଗୁକୁ କମ୍ ପ୍ରଚଳିତ ଓ ଭୟାବହ ବୋଲି ବିବେଚନା କରାଯାଉଥିଲା। କିନ୍ତୁ ଏହି ସ୍ଥିତି ବର୍ତ୍ତମାନ ନାଟକୀୟ ଭାବରେ ବଦଳି ଯାଇଛି। ବିଗତ ଦୁଇ ଦଶକରେ ଡେଙ୍ଗୁ ଭାରତ ଓ ଅନ୍ୟାନ୍ୟ ସ୍ଥାନରେ କ୍ଷିପ୍ରତାର ସହ ବ୍ୟାପିଛି। ଏବେ ଜ୍ୱର ହେବା, ହସ୍ପିଟାଲରେ ଭର୍ତ୍ତି ଭଳି ପରିସ୍ଥିତି ସୃଷ୍ଟି, ଏପରିକି ମୃତ୍ୟୁ ମଧ୍ୟ ଘଟିତ ହେବାର ଏକ ପ୍ରମୁଖ କାରଣ ପାଲଟିଛି "ଡେଙ୍ଗୁ" ବିଶେଷ କରି ମୌସୁମୀ ସମୟରେ। ଏହା ପରେ ମଧ୍ୟ ମ୍ୟାଲେରିଆ ପାଇଁ ପ୍ରଭାବଶାଳୀ ଔଷଧ ରହିଛି, କିନ୍ତୁ ଡେଙ୍ଗୁ ପାଇଁ କୌଣସି ଆଣ୍ଟିଭାଇରାଲ୍ ଉପଲବ୍ଧ ନାହିଁ।

ଡେଙ୍ଗୁ ଏକ ମଶାର କାମୁଡ଼ିବା ଦ୍ୱାରା ହୋଇଥାଏ। ଏହି ମଶାଟି ହେଉଛି "ମାଇ ଏଡିସ୍"(Female aedes muosquito)। ଏଡିସ୍ ମଶାରେ ଥାଏ ଏହି ରୋଗକୁ ସୃଷ୍ଟି କରୁଥିବା ଭୂତାଣୁ (Virus) ଯାହାକୁ କୁହାଯାଏ 'ଡେଙ୍ଗୁ ଭାଇରସ୍'। ଏହି ଭାଇରସ୍‌ର ଚାରୋଟି ପ୍ରଜାତି ଅଛନ୍ତି। ସେମାନେ ହେଉଛନ୍ତି ଡେନଭି-୧, ଡେନଭି-୨, ଡେନଭି-୩ ଓ ଡେନଭି-୪। ଆସ୍ୱସ୍ତିର କଥା ହେଉଛି କି ଭାରତର ଔଷଧ ନିୟନ୍ତ୍ରକ ବିଭାଗ ଏବେ ନିକଟରେ ଦେଶର ପ୍ରଥମ ଡେଙ୍ଗୁ ନିରୋଧ ଟୀକାକୁ ସ୍ୱୀକୃତି ପ୍ରଦାନ କରିଛନ୍ତି। ଏହି ଟୀକାଟିର ନାମ ହେଉଛି କ୍ୟୁଡେଙ୍ଗା(QDENGA)। ଡେଙ୍ଗୁ ଭାଇରସ୍‌ର ଚାରୋଟି ପ୍ରଜାତିକୁ ପ୍ରତିରୋଧ କରିପାରିବା ଲକ୍ଷ୍ୟନେଇ ଏହାକୁ ପ୍ରସ୍ତୁତ କରାଯାଇଛି। ଚାରିବର୍ଷର ଶିଶୁଠାରୁ ଆରମ୍ଭ କରି ଷାଠିଏ ବର୍ଷ ପର୍ଯ୍ୟନ୍ତ ବୟସ୍କ ଲୋକଙ୍କୁ ସେମାନେ ପୂର୍ବରୁ ଡେଙ୍ଗୁ ଆକ୍ରାନ୍ତ ହୋଇଥାନ୍ତୁ ବା ନ ହୋଇଥାନ୍ତୁ, ଏହି ଟୀକାଟି ଦିଆ ଯାଇପାରିବ। ବିଶ୍ୱବ୍ୟାପୀ ଚାଳିଶରୁ ଅଧିକ ଦେଶ କ୍ୟୁଡେଙ୍ଗାକୁ ସ୍ୱୀକୃତି ପ୍ରଦାନ କରିସାରିଲେଣି। ଏହାକୁ ନିର୍ମାଣ କରିଛି ଜାପାନର ଫାର୍ମାସ୍ୟୁଟିକାଲ୍ ଉଦ୍ୟୋଗ "ଟାକେଡା"। ଅନୁମାନ କରାଯାଉଛି କି ବିଶ୍ୱବ୍ୟାପୀ ଦେଖାଯାଉଥିବା ଡେଙ୍ଗୁ ମାମଲାର ଏକ ତୃତୀୟାଂଶ ଭାରତରେ ହୋଇଥାଏ। ସରକାରୀ ସୂତ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ ୨୦୨୫ରେ ଭାରତରେ ପାଖାପାଖି ଏକଲକ୍ଷ କୋଡ଼ିଏ ହଜାର ଡେଙ୍ଗୁ ମାମଲା ଓ ଏଥିଯୋଗୁଁ ଏକଶହ ଏକତିରିଶଟି ମୃତ୍ୟୁ ପଞ୍ଜୀକୃତ ହୋଇଛି। ଏହି ତଥ୍ୟ କିନ୍ତୁ ଡେଙ୍ଗୁର ପ୍ରକୃତ ବୋଝକୁ କମ୍ ଦେଖାଇଥାଏ। ଅନେକ ସଂକ୍ରମଣର ଯାଞ୍ଚ ହୋଇନଥାଏ, କେତେ ରୋଗୀଙ୍କର ଚିକିତ୍ସାର ପଞ୍ଜୀକରଣ ହୁଏନା ଏବଂ ଅନ୍ୟତ୍ର କିଛି ଡେଙ୍ଗୁ ଜନିତ ମୃତ୍ୟୁକୁ ରକ୍ତସ୍ରାବ ଭଳି ଜଟିଳତା ହେତୁ ମୃତ୍ୟୁ ହେଲା ବୋଲି ଧରିନିଆଯାଏ। ଡେଙ୍ଗୁର ଟୀକା ପ୍ରସ୍ତୁତି ଏକ କଷ୍ଟକର ବ୍ୟାପାର ବୋଲି ପ୍ରମାଣିତ ହୋଇଛି। 'କ୍ୟୁଡେଙ୍ଗା' ପୂର୍ବରୁ ଆହୁରି କେତୋଟି ଟୀକା ମଧ୍ୟ ଅତୀତରେ ଆସିଛି କିନ୍ତୁ ପ୍ରତ୍ୟେକଟି ସହ ବୈଜ୍ଞାନିକ, ସୁରକ୍ଷା ଓ ଉପଯୋଗିତା ଜନିତ ସମସ୍ୟା ଜଡ଼ିତ ଥିଲା। ଡେଙ୍ଗୁ ଭାଇରସ୍‌ର ଚାରୋଟି ପ୍ରଜାତି (ଡେନଭି ୧-୪) ଭାରତରେ ଏହି ରୋଗଟିକୁ ସୃଷ୍ଟି କରିଥାନ୍ତି। ପ୍ରତ୍ୟେକ ପ୍ରଜାତି ଅନ୍ୟ ପ୍ରଜାତି ଠାରୁ ଏହି ଭାବରେ ଭିନ୍ନ ଯେ ଯଦି କୌଣସି ପ୍ରଜାତି ବିରୋଧରେ ପ୍ରାକୃତିକ ପ୍ରତିରୋଧ ବ୍ୟବସ୍ଥା (Natual Immunity) ମଣିଷ ଶରୀରରେ ସୃଷ୍ଟି ହେଲା, ଉକ୍ତ ପ୍ରତିରୋଧ ବ୍ୟବସ୍ଥା କେବଳ ସେହି ନିର୍ଦ୍ଦିଷ୍ଟ ପ୍ରଜାତିକୁ ହିଁ ବାଧା ଦେବ। ଅନ୍ୟ ପ୍ରଜାତିର ସଂକ୍ରମଣକୁ ଏହି ପ୍ରତିରୋଧ ରୋକି ନ ପାରେ। ଯେଉଁ ବ୍ୟକ୍ତିଙ୍କୁ ଡେଙ୍ଗୁ ସଂକ୍ରମଣ ହୋଇଛି, ତାଙ୍କୁ ସଂକ୍ରମିତ କରିଥିବା ଡେଙ୍ଗୁ ଭାଇରସ୍ ପ୍ରଜାତି ଅନୁଯାୟୀ ସଂପୃକ୍ତ ବ୍ୟକ୍ତିଙ୍କ ରକ୍ତରେ ଆଣ୍ଟିବଡି ସୃଷ୍ଟି ହେବ। ଏହାକୁ ସେରୋପଜିଟିଭ୍ କୁହାଯାଏ। ଯାହାଙ୍କୁ ଡେଙ୍ଗୁ ସଂକ୍ରମଣ ହୋଇନାହିଁ, ତାଙ୍କ ରକ୍ତରେ ଆଣ୍ଟିବଡି ଦେଖାଯିବ ନାହିଁ ଓ ଏହାକୁ ସେରୋନେଗେଟିଭ୍ ବୋଲି କୁହାଯିବ। ଯେତେବେଳେ ଜଣେ ସେରୋପଜିଟିଭ୍ ବ୍ୟକ୍ତି (ଡେଙ୍ଗୁର ଚାରି ପ୍ରଜାତି ମଧ୍ୟରୁ ଯେକୌଣସି ଗୋଟିଏ ଦ୍ୱାରା ସଂକ୍ରମଣ ହେତୁ), ନିଜ ଜୀବନକାଳରେ ଅନ୍ୟ ଗୋଟିଏ ଡେଙ୍ଗୁ ପ୍ରଜାତି(ପୂର୍ବ ସଂକ୍ରମଣରୁ ଅଲଗା ପ୍ରଜାତି) ଦ୍ୱାରା ସଂକ୍ରମିତ ହୁଅନ୍ତି, ସେତେବେଳେ ଏହା ଭୟାବହ ଡେଙ୍ଗୁ ଜ୍ୱରରେ ପରିଣତ ହୋଇପାରେ। ଏହାର କାରଣ ହେଉଛି, ପ୍ରଥମ ଡେଙ୍ଗୁ ଭାଇରସ୍ ପ୍ରଜାତିର ଆଣ୍ଟିବଡି, ଦ୍ୱିତୀୟ ପ୍ରଜାତିର ସଂକ୍ରମଣକୁ ବଢ଼ାଇ ଦେଇଥାଏ। ଏହାକୁ ଡାକ୍ତରୀ ଭାଷାରେ କୁହାଯାଏ ଆଣ୍ଟିବଡି ଡିପେଣ୍ଡାଣ୍ଟ ଏନହେନ୍ସମେଣ୍ଟ୍ ବା ଏ.ଡି.ଇ। ଏ.ଡି.ଇ କୁ ପ୍ରତିରୋଧ କରିବା ହିଁ ହେଉଛି ଡେଙ୍ଗୁ ଟୀକା ନିର୍ମାଣର ମୂଳତତ୍ତ୍ୱ।

ଯେ କୌଣସି ଡେଙ୍ଗୁ ଟୀକା "ଟେଟ୍ରାଭାଲେଣ୍ଟ" ହେବା ନିହାତି ଦରକାର ଅର୍ଥାତ୍ ଏହା ଭାଇରସ୍‌ଟିର ଚାରୋଟି ପ୍ରଜାତିକୁ ଏକା ସାଙ୍ଗରେ ଓ ସମାନ ଭାବରେ ପ୍ରତିରୋଧ କରିବାର ଆବଶ୍ୟକତା ରହିଛି। ଚାରୋଟି ପ୍ରଜାତିରୁ ଯେକୌଣସି ଗୋଟିଏକୁ ଯଦି ନିର୍ଦ୍ଦିଷ୍ଟ ଟୀକା ପ୍ରତିରୋଧ କରିପାରିଲା ନାହିଁ, ଏହାକୁ ବ୍ୟବହାର କଲେ ଏ.ଡି.ଇ ହେବାର ସମ୍ଭାବନା ରହିଥାଏ। ଯଦିଓ ସାନୋଫି ଦ୍ୱାରା ପ୍ରସ୍ତୁତ ଟୀକା "ଡେଙ୍ଗଭାକ୍ସିଆ"କୁ ପ୍ରାରମ୍ଭିକ ସମୟରେ ସଫଳ ବୋଲି ସ୍ୱୀକାର କରାଗଲା, ଏ.ଡି.ଇ. କାରଣରୁ ହିଁ ଏହା ଦୀର୍ଘସ୍ଥାୟୀ ହୋଇପାରିଲା ନାହିଁ। 'କ୍ୟୁଡେଙ୍ଗା' କିନ୍ତୁ ଏକ ଟେଟ୍ରାଭାଲେଣ୍ଟ ଟୀକା ଅଟେ, ଯାହାକି ଦୁର୍ବଳ ଡେନଭି-୨ ପ୍ରଜାତିର ଆନୁବଂଶିକ ପଦାର୍ଥ (Genetic Material) ଉପରେ ପର୍ଯ୍ୟବେସିତ। ଏଥିରେ ଅନ୍ୟ ତିନୋଟି ପ୍ରଜାତିର ଆନୁବଂଶିକ ପଦାର୍ଥ ମଧ୍ୟ ସାମିଲ ଅଛି। ଏହାକୁ ତିନିମାସର ବ୍ୟବଧାନରେ ଦୁଇଟି ଡୋଜ୍‌ରେ ଦେବାର ବ୍ୟବସ୍ଥା ରହିଛି। କ୍ୟୁଡେଙ୍ଗାର ଦକ୍ଷତା ସମ୍ବନ୍ଧରେ ହୋଇଥିବା ପରୀକ୍ଷଣରୁ ଜଣା ପଡ଼ିଛି କି, ଏକ ବର୍ଷରେ ଏହାର ପ୍ରଭାବ ପାଖାପାଖି ଅଶୀ ପ୍ରତିଶତ ରହିଛି ଓ ଅଠର ମାସ ସମୟ ସୀମା ମଧ୍ୟରେ ଡେଙ୍ଗୁରେ ପୀଡ଼ିତ ହୋଇ ହସ୍‌ପିଟାଲରେ ଭର୍ତ୍ତି ହେବାର ସମ୍ଭାବନାରେ ନବେ ପ୍ରତିଶତ ହ୍ରାସ ଘଟୁଛି। ହାଇଦ୍ରାବାଦ ସ୍ଥିତ ଔଷଧ ନିର୍ମାତା "ବାୟୋଲୋଜିକାଲ୍-ଇ" ଓ ଟାକେଡା ମିଳିତ ଭାବରେ ଭାରତରେ ବାର୍ଷିକ ପାଞ୍ଚ କୋଟି ଟୀକା ଉତ୍ପାଦନ କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି, ଯାହାକି ୨୦୩୦ ସୁଦ୍ଧା ବାର୍ଷିକ ଦଶ କୋଟୀରେ ପରିଣତ ହେବ। ଭାରତ ଏହାଦ୍ୱାରା ଏକ ପ୍ରମୁଖ ଟୀକା ଉତ୍ପାଦନ କେନ୍ଦ୍ର ହୋଇପାରିବ। କ୍ୟୁଡେଙ୍ଗାକୁ ସ୍ୱୀକୃତି ପ୍ରଦାନ ଭାରତ ପାଇଁ ଆରମ୍ଭ ମାତ୍ର। ଗୋଦାମ, କ୍ଲିନିକ୍ ଓ ସରକାରୀ ଡାକ୍ତରଖାନାରେ ଗଚ୍ଛିତ ଥିବା ଟୀକା ସେତେବେଳ ପର୍ଯ୍ୟନ୍ତ ରୋଗକୁ ପ୍ରତିରୋଧ କରିପାରେନାହିଁ, ଯେଉଁ ପର୍ଯ୍ୟନ୍ତ ତାହା ସାଧାରଣ ଲୋକଙ୍କ ପାଖରେ ପହଞ୍ଚ ନାହିଁ। କ୍ୟୁଡେଙ୍ଗାକୁ ଏକ ସାର୍ବଜନୀନ ସ୍ୱାସ୍ଥ୍ୟ କବଚରେ ପରିଣତ କରିବା ବହୁଳ ଭାବରେ ନିର୍ଭର କରୁଛି, ଏହାର ମୂଲ୍ୟ ନିର୍ଦ୍ଧାରଣ, କୋଲଡ୍ ଚେନ୍ ବ୍ୟବସ୍ଥା, ସ୍ୱାସ୍ଥ୍ୟକର୍ମୀଙ୍କୁ ପ୍ରଶିକ୍ଷଣ ଉପରେ। ଏହି ଟୀକାକୁ ନେଇ ଏକ ରାଷ୍ଟ୍ରବ୍ୟାପୀ ଟୀକାକରଣ କାର୍ଯ୍ୟକ୍ରମ କରିବା ଆବଶ୍ୟକ ନୁହେଁ, ଏହା ଏ ଲେଖକର ମତ। କାରଣ ଡେଙ୍ଗୁର ଉପସ୍ଥିତି ଆମ ଦେଶରେ ଅସମାନତାର ସହ ଦେଖିବାପାଇଁ ମିଳେ। କେତେକ ଗ୍ରାମ ବା ସହରାଞ୍ଚଳରେ ଏହାର ପ୍ରାଦୁର୍ଭାବ ଓ ବିପଦ ଖୁବ୍ ବେଶୀ ଥିବା ବେଳେ ଅନ୍ୟତ୍ର ନ ଥାଏ। ଯେଉଁଠାରେ ଏହାର ପ୍ରାବଲ୍ୟ ଅଛି ସରକାର ସେଠାରେ ସୁଲଭତାର ସହ କ୍ୟୁଡେଙ୍ଗାକୁ ଯୋଗାଇବାର ବ୍ୟବସ୍ଥା କରିପାରିବେ।

ଟୀକା ସହିତ ଉପଯୁକ୍ତ ନିରୀକ୍ଷଣ ମଧ୍ୟ ନିତାନ୍ତ ଜରୁରୀ। ଏଥିରେ ଜିଲ୍ଲା ସ୍ତରୀୟ ଡାଟା, ବେସରକାରୀ ହସ୍ପିଟାଲରୁ ସମ୍ପୂର୍ଣ୍ଣ ରିପୋର୍ଟ ଓ ଡେଙ୍ଗୁ ପ୍ରଜାତିର (ସେରୋଟାଇପ୍) ବ୍ୟାପିବା ନେଇ ନିର୍ଭୁଲ ତଥ୍ୟର ଆବଶ୍ୟକତା ରହିଛି। ସମଗ୍ର ଦେଶରେ କମ୍ ମାତ୍ରାରେ କ୍ୟୁଡେଙ୍ଗାକୁ ଯୋଗାଇବା ଅପେକ୍ଷା, ଡେଙ୍ଗୁ ପ୍ରବଣ ଅଞ୍ଚଳରେ ଏହାକୁ ଅଧିକ ମାତ୍ରାରେ କେନ୍ଦ୍ରୀଭୂତ କଲେ ଅଧିକ ସୁଫଳ ମିଳିବାର ସମ୍ଭାବନା ରହିଛି। ଟୀକାକରଣ ସହିତ ମଶା ନିୟନ୍ତ୍ରଣ ଉପରେ ମଧ୍ୟ ଗୁରୁତ୍ୱ ଦିଆ ଯାଉ। କ୍ୟୁଡେଙ୍ଗା ରୂପରେ ଦେଶକୁ ଡେଙ୍ଗୁ ବିରୋଧରେ ଏକ ଉପଯୁକ୍ତ ଅସ୍ତ୍ର ମିଳିଛି। ଏହା ସାଙ୍ଗକୁ ଆବଶ୍ୟକ ରହିଛି ସରକାର ଓ ଲୋକମାନଙ୍କର ଭାଗିଦାରୀ ଯାହାକି କୌଣସି ଯୋଜନାର ସଫଳ ରୂପାୟନ ପାଇଁ ପଥ ପରିଷ୍କାର କରେ।

# ବହୁମୁଖୀ ପ୍ରତିଭାର ଅଧିକାରୀ କୁନ୍ତଳା କୁମାରୀ



ଅସିତ ମହାନ୍ତି
ଆବାହକ , ଓଡ଼ିଆ ଭାଷା ସୁରକ୍ଷା ଅଭିଯାନ
ସୁଜନପୁର, ଯାଜପୁର
୯୪୩୭୨୮୮୦୨୮

କୁନ୍ତଳା କୁମାରୀ ସାବତ(୮ ଫେବୃଆରୀ ୧୯୦୧ – ୨୩ ଅଗଷ୍ଟ ୧୯୩୮) ଉପନିବେଶ ଭାରତ ସମୟରେ ଜଣେ ଓଡିଆ କବିୟତ୍ରୀ ଥିଲେ। ଭାରତର ସ୍ୱାଧୀନତା ସଂଗ୍ରାମ ସମୟରେ ସେ ଓଡିଶାରୁ ପ୍ରତିଷ୍ଠିତ ହୋଇଥିବା ମହିଳା କବିମାନଙ୍କ ମଧ୍ୟରୁ ଜଣେ ଥିଲେ। ସେ ଜଣେ ଚିକିତ୍ସକ, ଲେଖକ, କବି, ସମ୍ପାଦକ, ଜାତୀୟତାବାଦୀ ଆନ୍ଦୋଳନର ନେତା ତଥା ସାମାଜିକ କର୍ମୀ ଥିଲେ। ତାଙ୍କୁ ୧୯୨୫ ମସିହାରେ ଉତ୍କଳ ଭାରତୀ ପ୍ରଦାନ କରାଯାଇଥିଲା।

ବହୁମୁଖୀ ପ୍ରତିଭାର ଧନୀ କୁନ୍ତଳା କୁମାରୀ ସାବତ ୮ ଫେବୃଆରୀ ୧୯୦୧ ରେ ବସ୍ତର ଅଞ୍ଚଳର ଜଗଦଲପୁରରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତାଙ୍କ ନାମ ଡାନିଏଲ୍ ସାବତ ଯିଏ ଜଣେ ଡାକ୍ତର ଥିଲେ। ତାଙ୍କ ମାତାଙ୍କ ନାମ ମୋନିକା ସାବତ ଥିଲା। ଜନ୍ମ ପରେ ତାଙ୍କ ପିତା ବର୍ମା ଯାଇଥିଲେ। ତାଙ୍କର ବାଲ୍ୟକାଳ ବର୍ମାରେ ପିତାମାତାଙ୍କ ସହିତ ବିତାଇଥିଲା । ବର୍ମାରେ ପିତାଙ୍କ ଦ୍ୱିତୀୟ ବିବାହ ପରେ ସେ ତାଙ୍କ ମା ସହିତ ଓଡିଶା ଫେରିଥିଲେ। କୁନ୍ତଳା କୁମାରୀ ତାଙ୍କ ମାଙ୍କ ସହ ଖୋର୍ଦ୍ଧା ରେ କିଛି ସମୟ ରହିଲେ। ଏଥିସହିତ ସେ ରେଭେନ୍ସା ବାଳିକା ବିଦ୍ୟାଳୟରେ ପାଠପଢା ସମାପ୍ତ କରିଥିଲେ। ୧୯୧୭ ମସିହାରେ କୁନ୍ତଳା କୁମାରୀ କଟକ ରେଭେନ୍ସା ଗାର୍ଲ୍ସ ସ୍କୁଲରେ ଅଷ୍ଟମ ଶ୍ରେଣୀରେ ନାମ ଲେଖାଇ ବାର୍ଷିକ ପରୀକ୍ଷାରେ ଶ୍ରେଣୀରେ ପ୍ରଥମ ହେଲେ। ୧୯୧୮ ମସିହାରେ କଟକ ମେଡିକାଲ ସ୍କୁଲରେ((ବର୍ତ୍ତମାନ, ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଏବଂ ହସ୍ପିଟାଲ) ନାମ ଲେଖାଇଲେ। ରେଭେନ୍ସା ବାଳିକା ବିଦ୍ୟାଳୟର ଶିକ୍ଷୟତ୍ରୀ ଓ ଛାତ୍ରଛାତ୍ରୀମାନଙ୍କଠାରୁ ସେ ସ୍ୱରଚିତ କବିତା ମାଧ୍ୟମରେ ବିଦାୟ ନେଇଥିଲେ। ଏହାର ଶେଷ କେତେ ଧାଡ଼ି ଥିଲା, ହେ ଭଗିନୀକୂଳ କନକ କୋମଳ ସମ ତୁମେ ଲୋଭନୀୟା, ଏ ଦିନ ସଖୀରେ ବିଦ୍ୟା ପ୍ରତିଭାରେ କରିଥିବ ଚିରଦୟା। ତୁମ ସ୍ନେହ ସ୍ମୃତି ଅନ୍ତରେ ସାଇତି ବିଦାୟ ନେଉଛି ଆଜି, ଉତ୍କଳ ଜନନୀ ଯଶୋଗୀତେ ଶାଣି ଏ ଜୀବନ ହେଉ ମାଜି। ଏହା ଥିଲା ତାଙ୍କର ପ୍ରଥମ ପ୍ରକାଶ୍ୟ କବିତା। କୁନ୍ତଳା କୁମାରୀ କଟକରୁ ଓଡ଼ିଶା ମେଡିକାଲ୍ ସ୍କୁଲରୁ ଉଚ୍ଚଶିକ୍ଷା ସମାପ୍ତ କରିଥିଲେ। ସେ ୧୯୨୧ ରେ ସ୍ୱର୍ଣ୍ଣ ପଦକ ସହିତ ଖଗଚ (ଲାଇସେନ୍ସିଏଟ ମେଡିକାଲ୍ ପ୍ରାକ୍ଟିସନର୍ସ) ଡିଗ୍ରୀ ହାସଲ କରିଥିଲେ। ଡାକ୍ତରୀ ଡିଗ୍ରୀ ହାସଲ କରିବା ପରେ ସେ ଡ. କୈଳାଶ ଚନ୍ଦ୍ର ରାଓଙ୍କ ସହ ଅଭ୍ୟାସରେ ଯୋଗ ଦେଇଥିଲେ। ସେ ୧୯୨୧ ରୁ ୧୯୨୮ ପର୍ଯ୍ୟନ୍ତ ମେଡିକାଲ ପ୍ରାକ୍ଟିସ କରିଥିଲେ। ୧୯୨୫ ମସିହାରେ, ସେ ଓଡିଶାର ରେଡ କ୍ରସ୍ ସୋସାଇଟି ଅଧୀନରେ 'ମହିଳା କଲ୍ୟାଣ କେନ୍ଦ୍ର' ଆରମ୍ଭ କରିଥିଲେ। ବ୍ରିଟିଶ କାଳରେ କୁନ୍ତଳା କୁମାରୀ ସାବତ ଜଣେ ପ୍ରସିଦ୍ଧ କବିୟତ୍ରୀ ଥିଲେ। ସେ ତାଙ୍କ କବିତା ମାଧ୍ୟମରେ ଲୋକଙ୍କୁ ସଚେତନ କରାଇ ସେମାନଙ୍କୁ ସ୍ୱାଧୀନତା ଆନ୍ଦୋଳନ ସହିତ ଯୋଡିଥିଲେ। ଜଣେ ଲେଖକ ହେବା ବ୍ୟତୀତ ସେ ଜଣେ ଚିକିତ୍ସକ ଏବଂ ସ୍ୱାଧୀନତା ସଂଗ୍ରାମୀ ମଧ୍ୟ ଥିଲେ। କବିତା ଲେଖିବା ବ୍ୟତୀତ ସେ ଉପନ୍ୟାସ ମଧ୍ୟ ଲେଖୁଥିଲେ ଏବଂ ଓଡିଆ ଭାଷାରେ ପ୍ରଥମ ମହିଳା ଉପନ୍ୟାସିକ ଭାବରେ ପରିଗଣିତ ହୋଇଥିଲେ। କୁନ୍ତଳା କୁମାରୀ ସାବତ 'ନାଇଟଏଙ୍ଗଲ ଅର୍ଥାତ୍ ଓଡ଼ିଶାର ବୁଲବୁଲ' ନାମରେ ମଧ୍ୟ ଜଣାଶୁଣା । ଶୋଷିତ ମାନବ ଶ୍ରେଣୀ ପାଇଁ ସେ ସର୍ବଦା ନିଜର ଉଦବେଗ ପ୍ରକାଶ କରିଥିଲେ ଏବଂ ମାନବଜାତିକୁ ଶୋଷଣରୁ ମୁକ୍ତ କରିବାକୁ ଚେଷ୍ଟା କରିଥିଲେ। ଅସହଯୋଗ ଆନ୍ଦୋଳନ ସମୟରେ ସେ ଓଡ଼ିଶାବାସୀଙ୍କୁ ସ୍ୱାଧୀନତା ସଂଗ୍ରାମ କରିବାକୁ ଆହ୍ୱାନ କରିଥିଲେ। ଜାତି ଭେଦଭାବ, ବାଲ୍ୟ ବିବାହ ଏବଂ ମହିଳାଙ୍କ ପ୍ରତି ଭେଦଭାବ ବିରୋଧରେ ସେ ସ୍ୱର ଉତ୍ତୋଳନ କରୁଥିଲେ। ସେ ବିଧବା ପୁନଃ ବିବାହ ଏବଂ ମହିଳା ମୁକ୍ତି ପାଇଁ ମଧ୍ୟ କାର୍ଯ୍ୟ କରିଥିଲେ। ସେ ଓଡିଆ ଭାଷାରେ ଅଧିକାଂଶ କବିତା ରଚନା କରିଥିଲେ। ଏହା ବ୍ୟତୀତ ସେ ହିନ୍ଦୀରେ ମଧ୍ୟ ଲେଖୁଥିଲେ। ତାଙ୍କର ଅନେକ ରଚନା ଇଂରାଜୀ ତଥା ଅନ୍ୟାନ୍ୟ ଭାରତୀୟ ଭାଷାରେ ଅନୁବାଦିତ ହୋଇଥିଲା । ସେ ମହାବୀର, ଜୀବନ , ନାରୀ ଭାରତୀ ପରି ଅନେକ ପତ୍ରିକା ସମ୍ପାଦନା କରିଥିଲେ। ସେ 'ଭାରତ ତପୋବନ ସଂଗଠନ' ନାମକ ଏକ ସଂଗଠନ ପ୍ରତିଷ୍ଠା କରିଥିଲେ ଯାହା ଓଡିଆ ଭାଷାର ବିକାଶ ଦିଗରେ କାର୍ଯ୍ୟ କରିଥିଲା। ବାସ୍ତବରେ ସାହିତ୍ୟ ରଚନା ମାଧ୍ୟମରେ ସେ ଓଡ଼ିଆ ଭାଷାର ବିକାଶ କ୍ଷେତ୍ରରେ ଏକ ମହତ୍ତ୍ୱପୂର୍ଣ୍ଣ ଯୋଗଦାନ କରିଯାଇଛନ୍ତି । ସାହିତ୍ୟ ମାଧ୍ୟମରେ କିପରି ଭାଷାକୁ ବଞ୍ଚାଇ ରଖାଯାଇପାରିବ, ସେ ବିଷୟରେ ମଧ୍ୟ ସେ ଚିନ୍ତା କରିଥିଲେ। କୁନ୍ତଳା କୁମାରୀ ବହୁତ କମ୍ ବୟସରେ ବହୁତ ଅଗ୍ରଗତି ହାସଲ କରିଥିଲେ । ତାଙ୍କ କବିତା 'ଅଞ୍ଜଳି' ପ୍ରକାଶ ପାଇବା ପରେ ତାଙ୍କ କାର୍ଯ୍ୟକୁ ଉଚ୍ଚ ପ୍ରଶଂସା କରାଯାଇଥିଲା। ମହିଳାମାନଙ୍କର ଏକ ଅଗ୍ରଣୀ ସାଂସ୍କୃତିକ ସଙ୍ଗଠନ, ମହିଳା ବନ୍ଧୁ ସମିତି ତାଙ୍କୁ ୧୯୨୫ ମସିହାରେ 'ଉତ୍କଳ ଭାରତୀ' ଆଖ୍ୟାରେ ସମ୍ମାନିତ କରିଥିଲା । ତାଙ୍କୁ ଅନେକ ସମୟରେ ସରୋଜିନୀ ନାଇଡୁଙ୍କ ସହ ତୁଳନା କରାଯାଉଥିଲା । ଓଡ଼ିଆରେ ଲେଖିବା ସହ ସେ ହିନ୍ଦୀ ସାହିତ୍ୟରେ ମଧ୍ୟ ଲେଖାଲେଖି କରୁଥିଲେ । ମହାବୀର, ଜୀବନ ଓ ନାରୀ ଭାରତୀ ଭଳି ହିନ୍ଦୀ ପତ୍ରିକାମାନଙ୍କର ସେ ସମ୍ପାଦିକା ଥିଲେ। ଓଡ଼ିଆ ଭାଷାର ଉନ୍ନତି ପାଇଁ ଦିଲ୍ଲୀରେ ସେ ଭାରତୀ ତପୋବନ ସଂଘ ନାମରେ ଏକ ସମିତି ଗଢିଥିଲେ । ୧୯୨୮ ମସିହାରେ ସେ କୃଷ୍ଣ ପ୍ରସାଦ ବ୍ରହ୍ମଚାରୀଙ୍କୁ ବିବାହ କରିଥିଲେ। ବିବାହ ପରେ, ତାଙ୍କ ଜୀବନର ଏକ ନୂତନ ପର୍ଯ୍ୟାୟ ଆରମ୍ଭ ହୋଇଥିଲା, ତଥାପି ସେ ତାଙ୍କ ଲେଖା କାମ ଛାଡି ନଥିଲେ। ତାଙ୍କର ରଚନାବଳୀ ଗୁଡିକ ହେଉଛି - ଅଞ୍ଜଳି (୧୯୨୨),ଉଚ୍ଛ୍ୱାସ (୧୯୨୪), ଅର୍ଚ୍ଚନା (୧୯୨୭), ସ୍ଫୁଲିଙ୍ଗ (୧୯୨୯),ଆହ୍ୱାନ (୧୯୩୦), ଆଜି ବାପା ତୋତେ କହିବି କଥାଟି, ପ୍ରେମ ଚିନ୍ତାମଣି (୧୯୩୦), ଓଡ଼ିଆଙ୍କ କାନ୍ଦଣା (୧୯୩୬), ଗଡ଼ଜାତ କୃଷକ (୧୯୩୭), ବରମାଳା, ଶେଫାଳି ପ୍ରତି, ତାରା ପ୍ରତି(କବିଙ୍କର ପ୍ରଥମ କବିତା), କୋଟିକୋଟି କଣ୍ଠେ ଆଜି, ଅବହେଳିତ ଦେଶ, ପୂଜା, ଅଭିଶପ୍ତର ଅଭିମାନ, ମଣିକାଞ୍ଚନ(ଅସମ୍ପୂର୍ଣ୍ଣ କାବ୍ୟ) (ସାହିତ୍ୟିକା ଜୀବନର ଆଦ୍ୟକାଳରେ ରଚିତ) (ସାବିତ୍ରୀ ଓ ସତ୍ୟବାନ ଉପାଖ୍ୟାନ),ବନଫୁଲ ଉଦ୍ୟାନ କୁସୁମ। ଉପନ୍ୟାସ ମଧ୍ୟରେ, ଭ୍ରାନ୍ତି, ନଅତୁଣ୍ଡୀ, କାଳୀବୋହୂ, ରଘୁ ଅରକ୍ଷିତ, ପରଶମଣି, ଚିତ୍ରପଟ । ଦିଲ୍ଲୀରେ ସେ ଅନେକ ହିନ୍ଦୀ ପତ୍ରିକା ସମ୍ପାଦନା କରିଥିଲେ। ଦିଲ୍ଲୀରେ ରହିବା ସମୟରେ ସେ ବରେଲିରେ 'ଅଲ୍ ଇଣ୍ଡିଆ ଆର୍ଯ୍ୟ ମହିଳା ସମ୍ମିଳନୀ'ର ସଭାପତିତ୍ୱ କରିଥିଲେ। ସେ ବିଶ୍ୱାସ କରୁଥିଲେ ଯେ ମହିଳାମାନେ ନିଜ ପାଇଁ ସ୍ୱର ଉତ୍ତୋଳନ କରିବା ଉଚିତ୍, ଯାହାଫଳରେ ସେମାନେ ସେମାନଙ୍କର ଅଧିକାର ପାଇପାରିବେ। କୁନ୍ତଳା କୁମାରୀ ସାବତ ସର୍ବଦା ମନ୍ଦ ଏବଂ ଅନ୍ୟାୟରୁ ମୁକ୍ତ ବିଶ୍ୱ ପାଇଁ ଉତ୍ସବର ଉତ୍ତୋଳନ କରିଥିଲେ। ନ୍ୟାୟ, ସମାନତା, ସ୍ୱାଧୀନତା ଏବଂ ଭାଇଚାରା ପ୍ରତି ତାଙ୍କର ଆଗ୍ରହ ଆଶ୍ଚର୍ଯ୍ୟଜନକ ଥିଲା । ସେ ସାରା ଜୀବନ ଅନ୍ୟାୟ ଏବଂ ଶୋଷଣ ବିରୋଧରେ ଲଢ଼ିଥିଲେ। କୁନ୍ତଳା କୁମାରୀ ସାବତ 'ସ୍ୱାଧୀନତା ହେଉଛି ତାଙ୍କର ଜନ୍ମ ସିଦ୍ଧ ଅଧିକାର' ଉଦ୍ଦେଶ୍ୟ ସହିତ ନିଜ ଜୀବନକୁ ଚଳାଉଥିଲେ। ନ୍ୟାୟ, ସମାନତା, ସ୍ୱାଧୀନତା ଏବଂ ଭାଇଚାରା ପ୍ରତି ତାଙ୍କର ଆଗ୍ରହ ଆଶ୍ଚର୍ଯ୍ୟଜନକ ଥିଲା। ସେ ମହିଳାମାନଙ୍କୁ ସ୍ୱାଧୀନତା ଆନ୍ଦୋଳନରେ ଭାଗ ନେବାକୁ ଉତ୍ସାହିତ କରିଥିଲେ। ସେ ୧୯୩୮ ମସିହାରେ ମାତ୍ର ୩୮ ବର୍ଷ ବୟସରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ଏକ ସ୍ୱଳ୍ପ ଜୀବନ କାଳ ମଧ୍ୟରେ ଏତେଗୁଡିଏ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ ଯାହାର ସମ୍ପର୍କ ସମାଜ ପରିବର୍ତ୍ତନ ଦିଗରେ ଥିଲା , ବାସ୍ତବରେ ଅସମ୍ଭବ ଅନୁଭବ ହେଲେ ମଧ, ସେ ଏହାକୁ ସମ୍ଭବ କରି ଦେଖାଇଥିଲେ । ଏସବୁ କାର୍ଯ୍ୟ କରିବାପାଇଁ ନିଃସନ୍ଦେହ ତାଙ୍କୁ ଅଥକ ପରିଶ୍ରମ ଏବଂ ସଂଘର୍ଷ କରିବାକୁ ପଡିଛି । କିନ୍ତୁ ଏହା ସ୍ୱୀକାର କରିବାକୁ ପଡିବ ଯେ ସେ ଏସବୁ କାର୍ଯ୍ୟ ସେ କରି ଦେଖାଇଛନ୍ତି ଏବଂ ଯେଉଁମାନେ କୁହନ୍ତି ଯେ ସେମାନଙ୍କୁ ସାମାଜିକ କାର୍ଯ୍ୟ ପାଇଁ ସମୟ ନାହିଁ, ସେମାନଙ୍କୁ ଏହି ମହିୟସୀ ମହିଳାଙ୍କ ଠାରୁ ଶିକ୍ଷା ନେବାକୁ ହେବ ଯେ , ଜୀବନ ସ୍ୱଳ୍ପ ହୋଇପାରେ କିନ୍ତୁ ଯଦି ସାମାଜିକ କାର୍ଯ୍ୟ ପ୍ରତି ଆକର୍ଷଣ ଥାଏ ତେବେ ଅନେକ କାର୍ଯ୍ୟ ହୋଇପାରେ।

# ଜୀବନରେ ଶାନ୍ତିର ମହତ୍ତ୍ୱ

ମାନସ ରଞ୍ଜନ
ଭୁବନେଶ୍ୱର
ମୋ-୯୩୩୭୩୫୫୬୫୮

ଶାନ୍ତି କାହାକୁ କୁହାଯାଏ ? କ'ଣ ପ୍ରତ୍ୟେକ ନୀରବତା ଶାନ୍ତି ହୋଇପାରିବ! ନା ମଣିଷ ମନ ଭିତରେ ଥିବା ଶତ୍ରୁତା, ଦ୍ୱେଷ, ଅଭିମାନ, ରାଗ ଓ ଅହଙ୍କାର ବି କାହା ପାଇଁ ବେଳେବେଳେ ଶାନ୍ତିର ପ୍ରତୀକ। ଆପଣ ଭାବୁଥିବେ ସତରେ ଶାନ୍ତିର ବାସ୍ତବ ସତ୍ୟ କଣ? ମୁଁ ଏ ଶବ୍ଦର ଗଭୀରତାରେ ଟିକେ ବୁଡ଼ ପକାଇ ଆସିବାକୁ ଚେଷ୍ଟା କଲି । ସେଥିରୁ ଯାହା ଶିଖିଲି ତାହା ଠିକ୍ ଏମିତି...

ମଣିଷ ତାହାର ଦୈନନ୍ଦିନ କର୍ମମୟ ଜୀବନରେ ଅନେକ ଆଶା, ଆକାଂକ୍ଷା ରଖେ । କେତେକ ବାସ୍ତବ ରୂପ ନିଅନ୍ତି ତ ଆଉ କେତେକ ସେ ହାସଲ କରିପାରେ ନାହିଁ । କିଏ ଖଣ୍ଡିଏ ଭଲ ଚାକିରି ପାଇଁ ତ ଆଉ କିଏ ଭଲ ପ୍ରେମିକଟେ ଖୋଜି ଖୋଜି ନୟାନ୍ତ ହୋଇ ପଡ଼େ। ତାହା ସହ କିଏ ଜୀବନରେ ସବୁବେଳେ ସୁବିଧାବାଦୀ ହୋଇ ବଞ୍ଚିବାର ଇଚ୍ଛା ରଖେ । ଯେମିତି ଏ ଦୁନିଆର ସବୁକିଛି ତାଙ୍କ ମନ, ତାଙ୍କ ତନ ଓ ତାଙ୍କର ହିସାବ କିତାବରେ ପରିଚାଳିତ ହୁଅନ୍ତା । ଜୀବନରେ ତାଙ୍କର କେବଳ ସୁଖ ରୁହନ୍ତା, ଦୁଃଖ ହିଁ ନଥାଆନ୍ତା । ଭଲ ଘର, ଭଲ ବର, ଭଲ ଚାକିରିଆ – ସବୁକିଛି ତାଙ୍କ ଜୀବନରେ ଖାଲି ଭଲ ହୁଅନ୍ତା। ଟିକେ ବି କଷ୍ଟ ତାଙ୍କ ଜୀବନରେ ନ ଥାଆନ୍ତା।

ହେଲେ ଦୁର୍ଭାଗ୍ୟବଶତଃ ସେମିତି ମଣିଷକୁ ତାହା ମିଳେ ନାହିଁ। କାରଣ ଏମିତି ମଣିଷମାନେ ନିୟତିର ନିୟମ ବିରୋଧରେ ଯାଆନ୍ତି, ଜୀବନ ମୁଦ୍ରାର ଉଭୟ ପାଖକୁ ସେମାନେ ସମତୁଲ କରିବାକୁ ପ୍ରୟାସ କରନ୍ତି ନାହିଁ । ସେଥିରେ ସେମାନେ ନିରାଶ ହୁଅନ୍ତି ଆଉ ମନରେ ଅନେକ ଭାବନାତ୍ମକ ଚିନ୍ତା ଆଣିଥାନ୍ତି। ସେମିତି ମଣିଷମାନେ ଚିନ୍ତନ, ମନନ ନ କରି ନିଜର ଦୋଷ, ଦୁର୍ବଳତାକୁ ଆକଳନ ନ କରି ସେମାନେ ତାଙ୍କର ପ୍ରିୟ ମଣିଷମାନଙ୍କ ଉପରେ ଅଧିକ ଆଶା ବାନ୍ଧି ବସନ୍ତି । ଆଉ ଯଦି ତାଙ୍କର ପ୍ରିୟ ମଣିଷ ପାଖରୁ ତାହା ପୂର୍ଣ୍ଣ ନ ହୁଏ, ସବୁ ଦୋଷ ସେମାନେ ତାଙ୍କ ଉପରେ ଲଦି ଦିଅନ୍ତି। ଫଳରେ ଶାନ୍ତି ଭଙ୍ଗ ହୋଇଥାଏ, କେମିତି ? ଏମିତି....

ଯଦି ମଣିଷ ନିଜ ସହ ନିଜ ଆଖପାଖ ମଣିଷର ଦୁଃଖ, ସମସ୍ୟାକୁ ବୁଝି ଉଚିତ୍ ଚିନ୍ତନ କରନ୍ତା; ତାହାଲେ ସେ ନିଜର ଓ ସାମ୍ନା ଲୋକର ଦୁଃଖ ଏବଂ ସମସ୍ୟାକୁ ମିଶିକି ସମାଧାନ କରି ପାରନ୍ତା । ଦୁହେଁ ଖୁସିରେ ରୁହନ୍ତେ ଓ ଦୁହିଁଙ୍କ ଜୀବନ ପଙ୍କରୁ ପଦୁଅଁ ଫୁଟିଲା ଭଳି ପ୍ରସ୍ଫୁଟିତ ହୋଇ ଉଠନ୍ତା । ହେଲେ ଅଧିକାଂଶ ମଣିଷ ସେମିତି କରନ୍ତି ନାହିଁ। କାରଣ ସେମିତି ମଣିଷମାନେ ଭାବନ୍ତି ଯେ ସେମାନେ ହିଁ ଏ ଦୁନିଆର ସବୁଠୁ ଦୁଃଖି ମଣିଷ, ତ ଏମିତି କ୍ଷେତ୍ରରେ ଶାନ୍ତି ଆସିବ କେଉଁଠୁ। ତାହା ସହ ସାମ୍ନା ଲୋକର ପରିସ୍ଥିତି କଣ, ତାହାର ଜୀବନରେ ଚାଲିଛି କଣ, ସେ କାହିଁକି ଦୁଃଖରେ ଅଛି, ତାହାକୁ ବି କିଛି ସାହାରା ଲୋଡା ଅଛି କି – ଏସବୁ କଥା ଭାବିବାକୁ ଶାନ୍ତି ଖୋଜୁଥିବା ମଣିଷ ପାଇଁ ସମୟ ନ ଥାଏ । ଫଳରେ ସେ ନିଜ ଜୀବନକୁ ଗୋଲାପର କଣ୍ଟା ଭଳି କରି ସାମ୍ନାବାଲାକୁ ବି ଆଘାତ ଦିଏ। ସେ ନିଜ ଦୁଃଖରେ ଏତେ ବ୍ୟସ୍ତ ଓ ବିବ୍ରତ ଥାଏ ଯେ ସାମ୍ନାବାଲା ମଣିଷର କଥା ବିଚାର କରିବା ତା' ପାଇଁ ସମ୍ଭବପର ହୁଏ ନାହିଁ ।

ଆଜିର ଜଞ୍ଜାଳମୟ ଦୁନିଆରେ ମଣିଷ ନିଜର ପରିବାରର ଚିନ୍ତା, ଖରାପ ସାଙ୍ଗସାଥୀ, ପ୍ରେମିକପ୍ରେମିକାଠୁ ଅଧିକ ଆଶା ଓ ଆୟ ନ ଥାଇ ଅଧିକ ବ୍ୟୟ କରି ଆଭିଜାତ୍ୟ ଜୀବନ ବଞ୍ଚିବାର ଅହେତୁକ ଇଚ୍ଛା ବି ଶାନ୍ତିକୁ ଭଙ୍ଗ କରିବାର ଗୋଟେ ବଡ ଅସ୍ତ୍ର ବୋଲି ମୁଁ ଭାବେ । ମୁଁ କହୁନି କି ଆପଣ ଆଭିଜାତ୍ୟ ଜୀବନ ବଞ୍ଚିବା ଖରାପ, ମୁଁ କହୁଛି ଆଭିଜାତ୍ୟ ଜୀବନ ବଞ୍ଚିବା ପାଇଁ ପ୍ରଥମେ ଆପଣ ସେତେ ସକ୍ଷମ ହେବା ଉଚିତ୍ । ନହେଲେ ଅଧିକ ଆଶା ଓ ଅନ୍ୟ ଲୋକଙ୍କ ଜୀବନଶୈଳୀ ଆପଣଙ୍କ ଶାନ୍ତିକୁ ନଷ୍ଟ କରିବାକୁ ଅମୋଘ ଅସ୍ତ୍ର ହୋଇପାରେ। ହଁ ନା ନାହିଁ? ଆପଣ କଣ ଭାବନ୍ତି ମୁଁ ଜାଣିନି...

ଶାନ୍ତିକୁ ଖୋଜିବାକୁ ଯାଇ ମୁଁ ଆଉ କିଛି ପାଇଛି । ମଣିଷ ପାଖରେ ଶାନ୍ତି ଥାଏ। ହେଲେ ସେ ନିଜେ ତାହାକୁ କୁହେ, 'କି ତୁ ଯା ମୁଁ ଟିକେ ଅଶାନ୍ତିରେ ରହିବାର ଅଛି ।' କଥା ଅଡୁଆ ଲାଗୁଛି ନା, ହେଲେ ଏମିତି...

ଉଦାହରଣସ୍ୱରୂପ ଯଦି ଆପଣଙ୍କୁ କେହି ଜଣେ ହେୟମନେ କରୁଛି ବାରମ୍ବାର, ବାରମ୍ବାର । କିନ୍ତୁ, ଆପଣ ତାହାର ସବୁ ଦୋଷ ଦୁର୍ବଳତାକୁ କ୍ଷମା କରି ଦେଉଛନ୍ତି ଜାଣିଶୁଣି ସମ୍ପର୍କକୁ ବଞ୍ଚେଇବାକୁ ଯାଇ; ତାହା ପୁଣି ନିଜ ଆତ୍ମ ସମ୍ମାନ ଓ ସ୍ୱାଭିମାନକୁ ତଳିତଳାନ୍ତ କରି । ତେବେ ଆପଣ ସେମିତି ଜାଗାରେ କେମିତି ଶାନ୍ତିରେ ରହିବେ? ବାରମ୍ବାର ଆପଣଙ୍କ ମନରେ ଗୋଟିଏ ପ୍ରଶ୍ନ ଉଙ୍କି ମାରୁଥିବ, 'ସତରେ ମୁଁ ହିଁ ସବୁବେଳେ ଭୁଲ୍'। ପୁଣି ଆସକ୍ତିର ସହ ସେ ସମ୍ପର୍କ ସାମ୍ନାକୁ ଆସି ଯାଉଥିବ ଓ ଆପଣ ଭୁଲ ନ କରି ବି ସାମ୍ନା ବାଲାକୁ କ୍ଷମା ମାଗୁଥିବେ । ପୁଣି ଚିନ୍ତା ଆପଣଙ୍କୁ ଘାରୁଥିବ । ଶେଷରେ ପୁଣି ସେ ସମାନ ପ୍ରଶ୍ନ 'ଶାନ୍ତି' କ'ଣ? ମୋ ପାଇଁ ତ 'ଶାନ୍ତି' ହେଉଛି ଶାନ୍ତିର ବାସ୍ତବିକ ଅର୍ଥ ନ ଜାଣି ଖୁସିରେ ହିଁ ରହିବା...

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧ ସେପ୍ଟେମ୍ବର ୨୦୨୬ ମଙ୍ଗଳବାର





### ବିଭିନ୍ନ ମନ୍ଦିରରୁ ହୁଣ୍ଡି ଲୁଟ୍ ଘଟଣା

# ୨୪,୭୧୭ ଟଙ୍କା ଓ ଗୁଟ୍‌ଖା ଜବତ:୨ କୋର୍ଟ ଚାଲାଣ

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ସ୍ଥାନୀୟ ପୋଲିସ ପକ୍ଷରୁ ବିଭିନ୍ନ ମନ୍ଦିର ହୁଣ୍ଡି ଭାଙ୍ଗି ଲୁଟ୍ ୨୪,୭୧୭ ଟଙ୍କା, ପାଲୁର, ଗଞ୍ଜାମ, ହୁମ୍ମା ପ୍ରମୁଖ ଅଞ୍ଚଳ ଦୋକାନ ମାନଙ୍କରେ ଗୁଟ୍‌ଖା ଚୋରି ଅଭିଯୋଗରେ ସମ୍ପୃକ୍ତ ଦ୍ୱୟ ଚୋରଙ୍କୁ ବ୍ରହ୍ମଗିରି ଓ ଖୋର୍ଦ୍ଧା ଜିଲ୍ଲା ନାଚୁଣୀ ଠାରୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ଏମ. ଗଣେଶ ରେଡି ବାପା ଏମ. ବାଞ୍ଛା ରେଡି, ଗ୍ରାମ ଆର୍ ଦାମୋଦର ପଲ୍ଲୀ ଥାନା ଧରାକୋଟ ହୋଇଥିବା ବେଳେ ଅନ୍ୟ ଜଣେ ଏନ୍. ନରସିମ ବାପା ଏନ. ମାରି ଦାସ ଗ୍ରାମ ନନ୍ଦୀଏଲ ଜିଲ୍ଲା ଗୁଣ୍ଟୁରୁ ହୋଇଥିବା ଥାନା ଆଇଆଇସି କୁମାର ମୁଦୁଲି ଠାରୁ ପ୍ରକାଶ। ଏଥିସହିତ ହୁମ୍ମା କାଳିଆ ଟି ସପ ଦୋକାନରୁ ପାନ ମସଲା ଗୁଟ୍‌ଖା ପ୍ରାୟ ୨୫,୦୦୦ ଟଙ୍କାର ଚୋରି କରିଥିବା ଥାନା ସୂତ୍ରରୁ ପ୍ରକାଶ। ଉଭୟେ ଆସାମୀଙ୍କୁ RAMBHA PS case no 591 st 30.08.2026 U/S 331(4)/305(a) BNS ଏତଲା ରୁଜୁ କରିବା ସହ ଦୁଇ ଆସାମୀଙ୍କୁ କୋର୍ଟ ଚାଲାଣ କରାଯାଇଛି। ଧରପଗଡ଼



ସମୟରେ ରମ୍ଭା ଥାନା ଆଇଆଇସି କୁମାର ମୁଦୁଲି ଏ.ଆଇ.ଆଇ.ସି ତୁଳାରାମ ମହାନନ୍ଦ, ଏସ.ଆଇ ସୁଶ୍ରୀ ଛବିରାଣୀ ନାୟକ, କନଷ୍ଟେବଲ ପ୍ରଭାତ ନାୟକ, ମଧୁସୂଦନ କାଜି, ଅଜୟ କୁମାର ପଲେଇ ପ୍ରମୁଖ ସଦଳବଳେ ସାମିଲ ହୋଇଥିବା ଖବର ମିଳିଛି।

# ନିଷ୍ଠାର ସହ କ୍ରୀଡ଼ା କ୍ଷେତ୍ରରେ ଆଗେଇବାକୁ ମନ୍ତ୍ରୀଙ୍କ ଆହ୍ୱାନ

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ଉଚ୍ଚ ଶିକ୍ଷା, କ୍ରୀଡା ଓ ଯୁବ ସେବା ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ବରଗଡ଼ ଜିଲ୍ଲାକୁ ଦିନିକିଆ ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବା ସହ ଶିକ୍ଷା, କ୍ରୀଡ଼ା, ମହିଳା ସଶକ୍ତିକରଣ ଓ ସଂସ୍କୃତି କ୍ଷେତ୍ରର ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି। ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ବରଗଡ଼ ବିଜୁ ପଟ୍ଟନାୟକ ଇନ୍‌ଡୋର୍ ଷ୍ଟାଡିୟମ୍ ଠାରେ ଆୟୋଜିତ ଜିଲ୍ଲାସ୍ତରୀୟ ଜାତୀୟ କ୍ରୀଡ଼ା ଦିବସ-୨୦୨୬ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭାରତର ମହାନ ହକି ଖେଳାଳି ମେଜର ଧାନଚାନ୍ଦଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଜିଲ୍ଲାର କ୍ରୀଡ଼ାବିତ୍ ଏବଂ ମାଇଁ ଭାରତ ଭଲ୍ୟୁଣ୍ଟର ମାନଙ୍କ ସହ ଆଲୋଚନା କରି ସେମାନଙ୍କୁ ନିଷ୍ଠା, ଶୃଙ୍ଖଳା ଓ ଦୃଢ଼ ସଂକଳ୍ପର ସହିତ କ୍ରୀଡ଼ା କ୍ଷେତ୍ରରେ ଆଗେଇ ଯିବାକୁ ପ୍ରୋତ୍ସାହିତ କରିଥିଲେ। ନିୟମିତ ଅଭ୍ୟାସ ସହିତ ଶାରୀରିକ ସୁସ୍ଥତା ଓ କ୍ରୀଡ଼ା ମନୋଭାବକୁ ଜୀବନର ଅଂଶ କରିବାକୁ ସେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ସେ ପୂର୍ବରୁ ନକ୍ସଲ ପ୍ରଭାବିତ ଅଞ୍ଚଳର କ୍ରୀଡ଼ା କ୍ଲବ ଓ ଗ୍ରାମଗୁଡ଼ିକୁ କ୍ରୀଡ଼ା ସାମଗ୍ରୀ ପ୍ରଦାନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସୂଚନା ଯୋଗ୍ୟକି, ଜିଲ୍ଲାର ସର୍ବମୋଟ୍ ୩୮ଟି ପ୍ରଭାବିତ ଗ୍ରାମ ଏହି ପଦକ୍ଷେପରେ ସାମିଲ ହେଉଥିବା ବେଳେ ସେଥିମଧ୍ୟରୁ ପାଇକମାଳ ବ୍ଲକର ୩୨ଟି ଏବଂ ଝାରବନ୍ଧ ବ୍ଲକର ୬ଟି ଗ୍ରାମ ଅନ୍ତର୍ଭୁକ୍ତ ହୋଇଛନ୍ତି। ମନୋନୀତ ପ୍ରତ୍ୟେକ କ୍ରୀଡ଼ା କ୍ଲବ/ଗ୍ରାମକୁ କ୍ରୀଡ଼ା ସାମଗ୍ରୀ କ୍ରୟ ପାଇଁ ୫୦,୦୦୦ ଟଙ୍କା ଲେଖାଏଁ ସିଧାସଳଖ ବ୍ୟାଙ୍କ ଖାତାକୁ ପ୍ରଦାନ କରାଯାଉଛି। ଏହି ଅବସରରେ ଝାରବନ୍ଧ ବ୍ଲକର ଶିକାରପାଲ୍ଲୀ ସ୍ଥିତ ଲାଲ ବାହାଦୁର ଶାସ୍ତ୍ରୀ କ୍ଲବ ଏବଂ ପାଇକମାଳ ବ୍ଲକର ଭଗତପୁର ସ୍ଥିତ ମା' ବିନ୍ଧ୍ୟବାସିନୀ କ୍ରିକେଟ୍ କ୍ଲବକୁ ୫୦,୦୦୦ ଟଙ୍କା ମୂଲ୍ୟର କ୍ରୀଡ଼ା ସାମଗ୍ରୀ ପ୍ରଦାନ କରାଯାଇଥିଲା। ଏହାପରେ ମନ୍ତ୍ରୀ ସୂରଜ ସିଏମ୍ ଟ୍ରଫି-୨୦୨୬ର ବରଗଡ଼ ବିଜୟୀ ଦଳକୁ ଏବଂ ବରଗଡ଼ ଜିଲ୍ଲା ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ଦିବ୍ୟାଙ୍ଗ ଜାତୀୟସ୍ତରୀୟ କ୍ରିକେଟ୍ ଖେଳାଳି ଧୀରେନ୍ଦ୍ର ମେହେରଙ୍କୁ ସମ୍ମାନିତ କରିଥିଲେ। ଶେଷରେ ଉପସ୍ଥିତ କ୍ରୀଡ଼ାବିତ୍ ଓ ଅଂଶଗ୍ରହଣକାରୀ ମାନେ କ୍ରୀଡ଼ାରେ ସକ୍ରିୟ ଭାବେ ଅଂଶଗ୍ରହଣ କରିବା ଏବଂ ଅନ୍ୟମାନଙ୍କୁ କ୍ରୀଡ଼ା ପାଇଁ ପ୍ରେରିତ କରିବା ନିମନ୍ତେ ଶପଥ ପାଠ କରିବା ପରେ ମନ୍ତ୍ରୀ ଓ ଅନ୍ୟାନ୍ୟ ଅତିଥିମାନେ ଖେଳାଳିଙ୍କ ସହ ଏକ ବନ୍ଧୁତ୍ୱପୂର୍ଣ୍ଣ ବ୍ୟାଡମିଣ୍ଟନ୍ ଖେଳରେ ମଧ୍ୟ ଅଂଶଗ୍ରହଣ କରିଥିଲେ।

## ଓଡ଼ିଆ ଭାଷା ସାହିତ୍ୟ ପ୍ରତି ଗଙ୍ଗାଧର ମେହେରଙ୍କ ଅବଦାନ ଅତୁଳନୀୟ



**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ବରଗଡ଼ ଜିଲ୍ଲା ବରପାଲି ସ୍ଥିତ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜନ୍ମଗୃହ ପରିସରରେ ଗଙ୍ଗାଧର ସାହିତ୍ୟ ପରିଷଦ ଓ ଗଙ୍ଗାଧର ଶିଶୁ ସାହିତ୍ୟ ସଂସଦ ପକ୍ଷରୁ ମହାନ କବିଙ୍କ ୧୬୫ତମ ଜନ୍ମଦିବସ ଶ୍ରଦ୍ଧା ଓ ଭକ୍ତିର ସହ ପାଳିତ ହୋଇଯାଇଛି। ଏହି ଅବସରରେ କବିଙ୍କ ସାହିତ୍ୟ, ଜୀବନାଦର୍ଶ ଓ ଓଡ଼ିଆ ଭାଷା-ସାହିତ୍ୟ ପ୍ରତି ତାଙ୍କର ଅବଦାନକୁ ସ୍ମରଣ କରାଯାଇଥିଲା। ପରିଷଦର କାର୍ଯ୍ୟକାରୀ ସଭାପତି ଡଃ ଶୁକମୁନି ମେହେରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ଡଃ ଆଦିକନ୍ଦ ସାହୁ ଯୋଗଦେଇଥିଲେ। ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ କବି ଓ କଥାଶିଳ୍ପୀ ଡଃ ଲକ୍ଷ୍ମଣ କୁମାର ପ୍ରଧାନ ଯୋଗଦେଇ ଗଙ୍ଗାଧର ମେହେରଙ୍କ ସାହିତ୍ୟିକ ଜୀବନ ଓ ମହାନ ବ୍ୟକ୍ତିତ୍ୱ ଉପରେ ଆଲୋକପାତ କରିଥିଲେ। ବକ୍ତାମାନେ କହିଥିଲେ ଯେ, ଗଙ୍ଗାଧର ମେହେର କେବଳ ଜଣେ କବି ନୁହନ୍ତି, ସେ ଓଡ଼ିଆ ଜାତିର ଭାଷା, ସଂସ୍କୃତି ଓ ମାନବିକ ମୂଲ୍ୟବୋଧର ଜଣେ ମହାନ ସାଧକ। ତାଙ୍କ ସାହିତ୍ୟରେ ପ୍ରକୃତିପ୍ରେମ, ମାନବିକତା, ଦେଶପ୍ରେମ, ନୀତିବୋଧ ଓ ଆଧ୍ୟାତ୍ମିକ ଚେତନାର ଅପୂର୍ବ ସମନ୍ୱୟ ଦେଖିବାକୁ ମିଳେ। ଏହି ଅବସରରେ ଶିକ୍ଷାବିତ୍ ଭୋଜରାଜ ସ୍ୱାଇଁ ଓ ବିଶିଷ୍ଟ ନାଟ୍ୟକାର କେଶରଞ୍ଜନ ପ୍ରଧାନଙ୍କୁ 'ଗଙ୍ଗାଧର ସାରସ୍ୱତ ସମ୍ମାନ', ନାଟ୍ୟକାର ଅଶୋକ ବହିଦାରଙ୍କୁ 'ଗଙ୍ଗାଧର ପ୍ରତିଭା ସମ୍ମାନ' ଏବଂ ବିଶିଷ୍ଟ କବୟିତ୍ରୀ ସୌଦାମିନୀ ଖଟୁଆଙ୍କୁ 'ଗଙ୍ଗାଧର ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ସମ୍ପାଦକ ଶେଷଦେବ ମେହେର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଗଙ୍ଗାଧର ଶିଶୁ ସାହିତ୍ୟ ସଂସଦର ସଭ୍ୟସଭ୍ୟାମାନେ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ। ଏହାପରେ ଗଙ୍ଗାଧର ମେହେରଙ୍କ ଷ୍ଟେଚ୍ୟୁରେ ମାଲ୍ୟାର୍ପଣ କରାଯାଇ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ପରେ ପରିଷଦର ଉପଦେଷ୍ଟା ମନୋରଞ୍ଜନ ମେହେର କବିଙ୍କ ଜନ୍ମଗୃହରୁ 'ଗଙ୍ଗାଧର ଜ୍ୟୋତି' ଗ୍ରହଣ କରିଥିଲେ। ଏହି ଜ୍ୟୋତି ମାଧ୍ୟମରେ କବିଙ୍କ ସାହିତ୍ୟିକ ଚେତନା ଓ ଆଦର୍ଶକୁ ଆଗାମୀ ପିଢ଼ି ମଧ୍ୟରେ ପହଞ୍ଚାଇବାର ବାର୍ତ୍ତା ଦିଆଯାଇଥିଲା। ସମଗ୍ର କାର୍ଯ୍ୟକ୍ରମ ଗଙ୍ଗାଧର ମେହେରଙ୍କ ସ୍ମୃତି, ସାହିତ୍ୟ ଓ ଆଦର୍ଶକୁ ସମର୍ପିତ ହୋଇଥିବା ବେଳେ ସାହିତ୍ୟପ୍ରେମୀ, ଶିକ୍ଷାବିତ, କବି, ଲେଖକ ଓ ବିଭିନ୍ନ ମହଲର ବ୍ୟକ୍ତିବିଶେଷ ଯୋଗଦେଇ କବିଙ୍କ ପ୍ରତି ଶ୍ରଦ୍ଧା ଅର୍ପଣ କରିଥିଲେ।



## ରାସାୟନିକ ଦୁର୍ଘଟଣାକୁ ପ୍ରତିରୋଧ ପାଇଁ ପରାମର୍ଶ

**ବାଲେଶ୍ୱର, ନ୍ୟୁଜ୍**

ବାଲେଶ୍ୱର ଜିଲ୍ଲାର ଆପାତକାଳୀନ ବୈଠକ କଲେକ୍ଟରେଟ୍‌ର ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ)ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଡେପୁଟି ଜିଲ୍ଲାପାଳ (ଆପାତକାଳୀନ), ଆରଟିଓ, ଜିଲ୍ଲା ମୁଖ୍ୟ ଚକିତ୍ସାଧିକାରୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅତିରିକ୍ତ, ଜିଲ୍ଲା ମତ୍ସ୍ୟ ସମ୍ପଦ ଅଧିକାରୀ, କାର୍ଯ୍ୟ ନିର୍ବାହୀ ଅଧିକାରୀ, ବାଲେଶ୍ୱର ପୌରପାଳିକା, ଓସଡମା ଏବଂ ଅଗ୍ନିଶମ ସେବା ବିଭାଗର ଅଧିକାରୀମାନଙ୍କ ସମେତ ଜିଲ୍ଲା ଆପତକାଳୀନ ବୈଠକର ଅନ୍ୟାନ୍ୟ ସଦସ୍ୟମାନେ ଯୋଗଦାନ କରିଥିଲେ। ବୈଠକରେ ମୋଟ୍ ୪୩ ଜଣ ଅଂଶଗ୍ରହଣ କରିଥିଲେ। ଜିଲ୍ଲା ଆପତକାଳୀନ ବୈଠକର ସଦସ୍ୟ-ସଚିବ ତଥା ସହକାରୀ ନିର୍ଦ୍ଦେଶକ, କାରଖାନା ଓ ବଏଲର୍ସ, ବାଲେଶ୍ୱର ଜୋନ୍, ବୈଠକର ସମନ୍ୱୟ କରିବା ସହ ଜିଲ୍ଲାରେ ଅନ୍-ସାଇଟ୍ ଓ ଅଫ୍-ସାଇଟ୍ ଆପାତକାଳୀନ ଯୋଜନାର ଅନୁମୋଦନ ଓ କାର୍ଯ୍ୟକାରିତା, ଅନ୍-ସାଇଟ୍ ଓ ଅଫ୍-ସାଇଟ୍ ମକ୍ ଡ୍ରିଲ୍‌ର ଆୟୋଜନ, କାର୍ଯ୍ୟଯୋଜନା ଏବଂ ରାସାୟନିକ ଦୁର୍ଘଟଣାକୁ ପ୍ରଭାବଶାଳୀ ଭାବେ ମୁକାବିଲା କରିବା ପାଇଁ ଆପାତକାଳୀନ ପ୍ରସ୍ତୁତି ସମ୍ପର୍କରେ ବିସ୍ତୃତ ସ୍ଥିତି ସମୀକ୍ଷା ଉପସ୍ଥାପନ କରିଥିଲେ। ପରବର୍ତ୍ତୀ ସମୟରେ ବିଭିନ୍ନ ସରକାରୀ, ବେସରକାରୀ ଉଦ୍ୟୋଗର ପ୍ରତିନିଧିମାନେ ରାସାୟନିକ ଦୁର୍ଘଟଣା ପ୍ରତିରୋଧ, ପ୍ରଶମନମୂଳକ ପଦକ୍ଷେପ, ଆପାତକାଳୀନ ପ୍ରତିକ୍ରିୟା ବ୍ୟବସ୍ଥା ଏବଂ ପ୍ରତିକାରମୂଳକ ପଦକ୍ଷେପ ସମ୍ପର୍କରେ ଉପସ୍ଥାପନା କରିଥିଲେ। ବୈଠକରେ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟକୁ ଅଧିକ ସୁଦୃଢ଼ କରିବା, ଆପାତକାଳୀନ ପ୍ରସ୍ତୁତି ସମ୍ପର୍କିତ ଆବଶ୍ୟକତା ଗୁଡ଼ିକର ସମୟୋପଯୋଗୀ ଅନୁପାଳନ ସୁନିଶ୍ଚିତ କରିବା, ପ୍ରଭାବଶାଳୀ ଅଫ୍-ସାଇଟ୍ ମକ୍ ଡ୍ରିଲ୍ ଆୟୋଜନ କରିବା ଏବଂ ମକ୍ ଡ୍ରିଲ୍ ସମୟରେ ଚିହ୍ନଟ ହୋଇଥିବା ତ୍ରୁଟି ଓ ଅଭାବ ଆଧାରରେ ଉପଯୁକ୍ତ ସଂଶୋଧନାତ୍ମକ ଓ ପ୍ରତିରୋଧମୂଳକ ପଦକ୍ଷେପ ଗ୍ରହଣ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

## ସାଇବର ଠକେଇ ସଚେତନତା କାର୍ଯ୍ୟକ୍ରମ

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ସ୍ଥାନୀୟ ଶ୍ରୀଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟରେ ଭାରତୀୟ ରିଜର୍ଭ ବ୍ୟାଙ୍କ ଓମ୍‌ବ୍‌ଡସ ଅଫିସରଙ୍କ ଛାତ୍ର ଛାତ୍ରୀ ମାନଙ୍କୁ ଏଲଇଡି ମାଧମରେ ପ୍ରଦର୍ଶନ କରାଇ ସାଇବର ଠକେଇ ସଚେତନତା କାର୍ଯ୍ୟକ୍ରମ ଅଧକ୍ଷ ଅଭିମନ୍ୟୁ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆର୍‌ବିଆଇର ମ୍ୟାନେଜର ନବଘନ ରାଉତ, ଆସିଷ୍ଟାଣ୍ଟ ମ୍ୟାନେଜର ସରୋଜ କୁମାର ଦାଶ, ଏଲ୍.ଡି.ଏମ୍ ଗଞ୍ଜାମ (ୟୁନିୟନ୍ ବ୍ୟାଙ୍କ) ହିମାଞ୍ଚଳ ସାହୁ, ସମାଜସେବୀ ସୁବାଷ ଚନ୍ଦ୍ର ପଣ୍ଡା ପ୍ରମୁଖ ଯୋଗଦେଇ ସାଇବର ଠକେଇ କିପରି ହୁଏ ଓ ନୀରୀହ ଲୋକମାନେ କେମିତି ଶିକାର ହୁଅନ୍ତି ଏବଂ ମୋବାଇଲର ଓଟିପି ଓ ଆପ୍ ଲିଙ୍କ ଦ୍ୱାରା ଠକେଇ ବଢ଼ିବାରେ ଲାଗିଛି। ସେହି ତଥ୍ୟ ସମ୍ପର୍କିତ ବିଷଦ ଆଲୋଚନା କରି ଛାତ୍ରଛାତ୍ରୀଙ୍କ ସନ୍ଦେହ ଦୂର କରି ସଚେତନତା କରିଥିଲେ। ଏହାଦ୍ୱାରା ଛାତ୍ରଛାତ୍ରୀମାନେ ନିଜେ ଓ ନିଜର ପରିବାର ଏବଂ ପାରିପାର୍ଶ୍ୱିକ ଅଞ୍ଚଳର ଲୋକମାନଙ୍କୁ ସଚେତନତା କରିପାରିବେ। କାର୍ଯ୍ୟକ୍ରମ ଅୟମାରମ୍ଭ ପୂର୍ବରୁ ଓଡ଼ିଆ ଅଧ୍ୟାପକ ଭାସ୍କର ଚନ୍ଦ୍ର ମୁଦୁଲି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିବା ବେଳେ ରାଜନୀତି ବିଜ୍ଞାନ ଅଧ୍ୟାପିକା ଟି. ଅଲିଶ୍ରୀ ଆଚାରୀ, ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ସର୍ବ ପ୍ରଥମେ ଶ୍ରୀଜଗନ୍ନାଥଙ୍କ ତୈଳ ଫଟୋ ଚିତ୍ରରେ ସାମୂହିକ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅଧ୍ୟାପକ ହେମନ୍ତ ଦାଶ, ଅଧ୍ୟାପକ ନିରଞ୍ଜନ ମହାନ୍ତି, ବ୍ରଜମୋହନ ପଣ୍ଡା, ଅଧ୍ୟାପିକା ଡଃ ସାଗରିକା ମହାପାତ୍ର, ଅଧ୍ୟାପିକା ଗୌରୀ ବଳବନ୍ତରାୟ, ଟି. ସ୍ୱାତି ଦେବୀ, ଯୋଗୀନ୍ଦ୍ର କୁମାର ସାହୁ, ଅଧ୍ୟାପକ ଜିତେନ୍ଦ୍ର କୁମାର ପଟ୍ଟନାୟକ, ଗଣେଷ ବେହେରା, ଶିବରାମ ପଣ୍ଡା ଏବଂ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ତତ୍‌ସହିତ ବିଭିନ୍ନ ବ୍ୟାଙ୍କ ଶାଖାର କର୍ମଚାରୀମାନେ ସାମିଲ ହୋଇଥିଲେ।

## ଜିଲ୍ଲା ଶିକ୍ଷ ବିଭାଗର ଜିଲ୍ଲାସ୍ତରୀୟ ସିଙ୍ଗଲ୍ ଉଇଣ୍ଡୋ ବୈଠକ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ଶିଳ୍ପ ବିଭାଗର ଜିଲ୍ଲାସ୍ତରୀୟ ୬୬ ତମ (ସିଙ୍ଗଲ୍ ଉଇଣ୍ଡୋ) ଏକକ ବାତାବରଣ, କ୍ଲିୟରାନ୍ସ ପ୍ରାଧିକରଣ ଏବଂ ଶିଳ୍ପ ଯତ୍ନ ବୈଠକ ଜିଲ୍ଲାପାଳ ରଘୁରାମ୍ ଆର୍. ଆୟାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ଡିଆଇସିର ଜେନେରାଲ୍ ମ୍ୟାନେଜର୍ ପ୍ରଦୀପ କୁମାର ସାହୁ, ଦୀପା ବିଭାଗର ମୁଖ୍ୟ ସୌଭାଗ୍ୟ ରଞ୍ଜନ ମଲ୍ଲିକ ଓ କମିଟିର ଅନ୍ୟ ସଦସ୍ୟମାନେ ୧୪ କୋଟି ୪୬ ଲକ୍ଷ ଟଙ୍କାର ଏକ ଆଧୁନିକ ଚାଉଳ ମିଲ୍ ପ୍ରକଳ୍ପକୁ ମଞ୍ଜୁରୀ ଦେଇଛନ୍ତି। ଏଥିରେ ୧୪୫ ଜଣ ଶିକ୍ଷିତ ଯୁବକ ଯୁବତୀ ନିଯୁକ୍ତି ପାଇବେ ବୋଲି ଜଣାପଡିଛି।

## ଗଛଙ୍କୁ ରାକ୍ଷୀ ବାନ୍ଧି ଜଙ୍ଗଲ ସୁରକ୍ଷା ପାଇଁ ନେଲେ ଶପଥ



**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ମୟୂରଭଞ୍ଜ ଜିଲ୍ଲାରେ ୨୦୦୪ ମସିହାରେ ପରିବେଶବିତ ବିବେକାନନ୍ଦ ପଟ୍ଟନାୟକଙ୍କ ପରିକଳ୍ପନାରେ ଆରମ୍ଭ କରାଯାଇଥିବା ନିଆରା ଜଙ୍ଗଲ ରକ୍ଷା ବନ୍ଧନ ଉତ୍ସବ ୨୩ ବର୍ଷରେ ପଦାର୍ପଣ କରିଛି। ଏଠାରେ ଉଲ୍ଲେଖ ଯୋଗ୍ୟ ମୟୂରଭଞ୍ଜ ଜିଲ୍ଲାରୁ ଆରମ୍ଭ କରାଯାଇଥିବା ଏହି ଅଭିନବ ଉଦ୍ୟମ ଆଜି ସାରା ଭାରତ ବର୍ଷର ଅନେକ ରାଜ୍ୟରେ ପାଳନ କରାଯାଉଛି। ଆଜି ମୟୂରଭଞ୍ଜ ଜିଲ୍ଲା ଶୂଳିଆପଦା ବ୍ଲକର ଦେଉଳି ସଂରକ୍ଷିତ ଜଙ୍ଗଲରେ ନିକଟସ୍ଥ ୨୦ରୁ ଉର୍ଦ୍ଧ୍ୱ ଗ୍ରାମର ୭୦୦ରୁ ଉର୍ଦ୍ଧ୍ୱ ଜଙ୍ଗଲ ସୁରକ୍ଷା ପ୍ରତିନିଧି, ଗ୍ରାମବାସୀ, ପଞ୍ଚାୟତି ରାଜ ବ୍ୟବସ୍ଥାର ପ୍ରତିନିଧି, ଜଙ୍ଗଲ ବିଭାଗର କର୍ମଚାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ମହାବିଦ୍ୟାଳୟର ଅଧ୍ୟାପକ, ଛାତ୍ରଛାତ୍ରୀ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଉପସ୍ଥିତ ରହି ନିଆରା ଜଙ୍ଗଲ ରକ୍ଷା ବନ୍ଧନ ଉତ୍ସବ ପାଳନ କରିବା ସହିତ ନିକଟସ୍ଥ ଗ୍ରାମବାସୀ ଓ ଜଙ୍ଗଲ ବିଭାଗର ମିଳିତ ଉଦ୍ୟମରେ ୬୦୦୦ ଏକର ପରିସୀମା ବିଶିଷ୍ଟ ଦେଉଳି ସଂରକ୍ଷିତ ଜଙ୍ଗଲକୁ ସମ୍ପୂର୍ଣ୍ଣ ସୁରକ୍ଷା ଦେବାକୁ ଶପଥ ନେଇଥିଲେ। ଦେଉଳି ସଂରକ୍ଷିତ ଜଙ୍ଗଲର ଧରମପୁରା ଗ୍ରାମ ଜଙ୍ଗଲ ସୁରକ୍ଷା କମିଟି, ସ୍ୱାର୍ଡା ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ବାରିପଦା ବନଖଣ୍ଡର ମିଳିତ ଉଦ୍ୟମରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବାରିପଦା ବନଖଣ୍ଡ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ମହେନ୍ଦ୍ର କୁମାର ମହାନ୍ତି ମୁଖ୍ୟ ଅତିଥି, ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପ ଦକ୍ଷିଣର ଉପ ନିର୍ଦ୍ଦେଶକ ସୁମିତ କୁମାର କର ମୁଖ୍ୟବକ୍ତା, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦୀପକ କୁମାର ଗୋଛାୟତ ସମ୍ମାନିତ ଅତିଥି, ଦେଉଳି ରେଞ୍ଜ ଅଫିସର ଜଗଦୀଶ କୁମାର ଦାସ, ମହାବିଲା ସରପଞ୍ଚ ଅନୁପ ସିଂ, କୃଷି ଶିଳ୍ପ ନିଗମର ପୂର୍ବତନ ଅଧ୍ୟକ୍ଷ ଦେବାଶିଷ ମହାନ୍ତି, ସ୍ୱାର୍ଡା ସ୍ୱେଚ୍ଛାସେବୀ ଅନୁଷ୍ଠାନର କୋଷାଧ୍ୟକ୍ଷ ସଞ୍ଜୟ ଦ୍ୱାରୀ, ମୋହନ ମୁର୍ମୁ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ପରିବେଶବିତ ବିବେକାନନ୍ଦ ପଟ୍ଟନାୟକଙ୍କ ସଂଯୋଜନାରେ ଆୟୋଜିତ ଏହି ସଭାରେ ମନୋରଞ୍ଜନ ନାୟକ, ଯୋଗେନ୍ଦ୍ର ସି, ପରେଶ ସର୍ଦ୍ଦାର, ଶତ୍ରୁଘ୍ନ ସର୍ଦ୍ଦାର, ଭଗବାନ ସର୍ଦ୍ଦାର, ଶଙ୍କର ମହାନ୍ତ, ଜନ୍ମେଜୟ ମହାନ୍ତ, ହରେନ୍ଦ୍ର ମହାନ୍ତ, ମୋହନ ମାର୍ଣ୍ଡି, ଜୟନ୍ତ ସର୍ଦ୍ଦାର, ଶ୍ରୀକାନ୍ତ ସର୍ଦ୍ଦାର, ଉପେନ୍ଦ୍ର ପ୍ରଧାନ, କୃଷ୍ଣଚନ୍ଦ୍ର ଦଳନାଇକ, ବାବୁଲୁ ମାର୍ଣ୍ଡି ପ୍ରମୁଖ ବକ୍ତବ୍ୟ ରଖିଥିଲେ।

## ଜଗତସିଂହପୁର ସାଂସ୍କୃତିକ ପରିଷଦର ନୂତନ କର୍ମକର୍ତ୍ତା ନିର୍ବାଚିତ



**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଜଗତସିଂହପୁର ସାଂସ୍କୃତିକ ପରିଷଦର କାର୍ଯ୍ୟକାରିଣୀ କମିଟି ନିର୍ବାଚନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଜଗତସିଂହପୁର ସାଂସ୍କୃତିକ ପରିଷଦର ଅଧ୍ୟକ୍ଷ ତଥା ଜିଲ୍ଲାପାଳ ଜେ. ସୋନାଲଙ୍କ ପରାମର୍ଶକ୍ରମେ ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ରାଉତ ନିର୍ବାଚନ ଅଧିକାରୀ ଓ ଜଗତସିଂହପୁର ତହସିଲଦାର ଅଜୟ କୁମାର ମହାନ୍ତି ସହ ସହଯୋଗୀ ନିର୍ବାଚନ ଅଧିକାରୀ ଭାବେ ନିର୍ବାଚନ ପରିଚାଳନା କରିଥିଲେ। ସାଧାରଣ ପରିଷଦ ବୈଠକ ପରେ ପ୍ରଥମେ କାର୍ଯ୍ୟକାରିଣୀ କମିଟି ପାଇଁ ନାମାଙ୍କନ ପତ୍ର ଦାଖଲ ହୋଇଥିଲା। କାର୍ଯ୍ୟକାରିଣୀ କମିଟିକୁ ବିପ୍ଲବ ଚୌଧୁରୀ, ଶାରଦା ପ୍ରସାଦ ଦାସ, ପ୍ରଶାନ୍ତ କୁମାର ମହାପାତ୍ର, ଗଣେଶ୍ୱର ମାଣିଆ, ବିଜୟ କୁମାର ରାଉତ, ମାନସ କୁମାର ରଥ, ଡଃ ସୁଧିର କୁମାର ମହାନ୍ତି, ନରେଶ ଦାସ, ମନୋଜ ଦାଶ, ଦୁର୍ଯ୍ୟୋଧନ ମହାରଣା, ମାନସ କୁମାର କାନୁନ୍‌ଗୋ, ଡଃ ଜ୍ୟୋତିର୍ମୟୀ ମହାନ୍ତି, ଅବନୀକାନ୍ତ ମହାରଣା, ମନୋଜ କୁମାର ମହାପାତ୍ର, ପ୍ରଭାତ କୁମାର ଦାଶ, ସତ୍ୟବ୍ରତ ବିଶ୍ୱାଳ, ସୁବାସ ଚନ୍ଦ୍ର ରାଉତ, ସୁଷମା ପ୍ରଧାନ, ନିବେଦିତା ମହାନ୍ତି, ପ୍ରଜ୍ଞା ପାରମିତା ଚୌଧୁରୀ, କୃଷ୍ଣଚନ୍ଦ୍ର ପ୍ରଧାନ, ସନ୍ଦିପ ପାତ୍ର ପ୍ରମୁଖ ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ହୋଇଥିଲେ। ଏହାପରେ କାର୍ଯ୍ୟକାରୀ ଅଧ୍ୟକ୍ଷ, ଉପାଧ୍ୟକ୍ଷ, ସଂପାଦକ, ଯୁଗ୍ମ ସଂପାଦକ ଓ କୋଷାଧ୍ୟକ୍ଷ ପଦବୀ ପାଇଁ ନାମାଙ୍କନ ଦାଖଲ ହୋଇଥିଲା। ଏହାପରେ ସର୍ବସମ୍ମତିକ୍ରମେ କାର୍ଯ୍ୟକାରୀ ଅଧ୍ୟକ୍ଷ ଭାବରେ ବିପ୍ଲବ ଚୌଧୁରୀ, ଉପାଧ୍ୟକ୍ଷ ଭାବରେ ବିଜୟ କୁମାର ରାଉତ ଓ ଗଣେଶ୍ୱର ମାଣିଆ, ସାଧାରଣ ସମ୍ପାଦକ ଭାବରେ ସାରଦା ପ୍ରସାଦ ଦାସ, ଯୁଗ୍ମ ସମ୍ପାଦକ ଭାବେ ମାନସ କୁମାର କାନୁନ୍‌ଗୋ ଓ ମନୋଜ କୁମାର ମହାପାତ୍ର ଏବଂ କୋଷାଧ୍ୟକ୍ଷ ଭାବରେ ଅବନୀକାନ୍ତ ମହାରଣା ମନୋନୀତ ହୋଇଥିଲେ। କର୍ମକର୍ତ୍ତା ନିର୍ବାଚନ ପରେ ସମସ୍ତ ନୂତନ କର୍ମକର୍ତ୍ତା ମନ୍ତ୍ରୀ ସଂପଦ ଚନ୍ଦ୍ର ସ୍ୱାଇଁ ଓ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସଙ୍କୁ ସୌଜନ୍ୟ ମୂଳକ ସାକ୍ଷାତ କରିବା ସହ ସେମାନଙ୍କର ସହଯୋଗ କାମନା କରିଥିଲେ। ପରିଷଦର ବରିଷ୍ଠ ସଦସ୍ୟ ନଟବର ବାରିକ, ଅମ୍ବିକା ପ୍ରସନ୍ନ ମହାନ୍ତି, ହେମନ୍ତ କୁମାର ରଥ, ଦେବୀ ପ୍ରସାଦ ଚୌଧୁରୀ, ଡ଼ କୈଳାସ ମଲ୍ଲିକ, ପ୍ରଦୀପ୍ତ ଚୌଧୁରୀ, ତିଲୋତ୍ତମା ଦାଶ, ମଧୁସୂଦନ ସାହୁ, ପରିକ୍ଷିତ ପାଢ଼ୀ, ରମାକାନ୍ତ ସାହୁ, ବିବୁଧ କୁମାର ମହାନ୍ତି, ପ୍ରତିଭାରାଣୀ ରାୟ, ପୂର୍ଣ୍ଣଚନ୍ଦ୍ର ମଲ୍ଲ, ଦୁର୍ଯ୍ୟୋଧନ ରଣା, ଉମାକାନ୍ତ ଦାଶ, ଜ୍ୟୋତି ରଞ୍ଜନ ଜେନା, ଦିଲ୍ଲିପ କୁମାର ଗୋଛାୟତ ପ୍ରମୁଖ ଉପସ୍ଥିତ ଥିଲେ।



## ବନ୍ୟା ବିପନ୍ନଙ୍କୁ କ୍ଷତିପୂରଣ ପ୍ରଦାନ ଓ ଥଇଥାନ ଦାବି

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ବନ୍ୟା ଦୁର୍ଗତ ଆଳି, ପଟ୍ଟାମୁଣ୍ଡାଇ, ରାଜନଗର, ରାଜକନିକା, କେନ୍ଦ୍ରାପଡା ବ୍ଲକ ଓ ପଟ୍ଟାମୁଣ୍ଡାଇ ମ୍ୟୁନିସିପାଲିଟିର କ୍ଷତିଗ୍ରସ୍ତ ପରିବାରକୁ କ୍ଷତିପୂରଣ ଓ ଥଇଥାନ କରିବା ପାଇଁ ବରିଷ୍ଠ ବିଜେପି ନେତ୍ରୀ ସୁଜାତା ବାରିକ ଏକ ୮ ଦଫା ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି। ଏହି ଦାବିପତ୍ରରେ ବନ୍ୟାରେ ଘର ଭାଙ୍ଗିଥିବା ସବୁ ଲୋକଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍କାଘର, କୁମ୍ଭୀର ଆକ୍ରମଣ, ସର୍ପାଘାତ, ବଜ୍ରପାତ ଓ ନଦୀ ସ୍ରୋତରେ ମୃତ ଆହତଙ୍କୁ ଆଇନ୍ ଅନୁଯାୟୀ କ୍ଷତିପୂରଣ ପ୍ରଦାନ। ଧାନ ଚାଷ ଉଜୁଡି ଯାଇଥିବା ଯୋଗୁ ଚଳିତ ସେପ୍ଟେମ୍ବର ମାସ ୧ ତାରିଖରୁ ଆଗାମୀ ଖରିଫ୍ ଫସଲ ଅମଳ ହେବା ପର୍ଯ୍ୟନ୍ତ ପ୍ରତ୍ୟେକ ଲୋକଙ୍କୁ ମୁଣ୍ଡପିଛା ଦିନକୁ ୧ କେଜି ଚାଉଳ ଓ ନାବାଳକଙ୍କ ପାଇଁ ଦିନକୁ ଅଧାକେଜି ଚାଉଳ ଯୋଗାଇ ଦିଆଯିବା। ବନ୍ୟାଞ୍ଚଳରେ ସବୁ ଚାଷୀଙ୍କର ଋଣ ଛାଡ କରିବା ସହିତ ଆଗାମୀ ଚାଷ ପାଇଁ ବିନା ସୁଧରେ ଋଣ ପ୍ରଦାନ, ଉଜୁଡି ଯାଇଥିବା ଚାଷୀଙ୍କୁ ମାଗଣାରେ ପନିପରିବା, ମଞ୍ଜି, ସାର କୀଟନାଶକ ଔଷଧ ଆଦି ଯୋଗାଇଦେବା, ସ୍କୁଲ୍ ଛାତ୍ରଛାତ୍ରୀଙ୍କୁ ବହି, ଖାତା, କଲମ, ସ୍କୁଲ ପୋଷାକ ହରାଇଥିବା ଛାତ୍ରଛାତ୍ରୀଙ୍କୁ ମାଗଣାରେ ପ୍ରଦାନ କରିବା, ବାରମ୍ବାର ବନ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ଅଞ୍ଚଳରେ ବନ୍ଧ ବାଡର ସୁଦୃଢ଼ୀକରଣ କରାଯିବା ଆଦି ଦାବିଗୁଡିକ ରହିଛି। ଏହି ଦାବିପତ୍ର ପ୍ରଦାନ ସମୟରେ ସନ୍ତୋଷ କୁମାର ସ୍ୱାଇଁ, ତୁଷାର ରଂଜନ ସାହୁ, ନିତ୍ୟାନନ୍ଦ ଜେନା, ଅଶୋକ କୁମାର ସେଠୀ, ସୁଶାନ୍ତ ଦାସ, ସୁବାସ ଚନ୍ଦ୍ର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## କ୍ରୀଡ଼ା ପ୍ରତି ଯୁବପିଢ଼ିଙ୍କ ଆଗ୍ରହ ସୃଷ୍ଟି ନିମନ୍ତେ ପ୍ରୟାସ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ମହାନ ହକି ଖେଳାଳି ମେଜର ଧ୍ୟାନଚାନ୍ଦଙ୍କ ଜନ୍ମଜୟନ୍ତୀକୁ ସ୍ମରଣ କରି ଚଳିତ ବର୍ଷ ଜାତୀୟ କ୍ରୀଡ଼ା ଦିବସ ସୁବର୍ଣ୍ଣପୁର ଜିଲ୍ଲାରେ ପାଳନ କରାଯାଉଛି। ଏହି ଅବସରରେ ସୁବର୍ଣ୍ଣପୁର ଜିଲ୍ଲାରେ ଅଗଷ୍ଟ ୨୮ରୁ ୩୦ ତାରିଖ ପର୍ଯ୍ୟନ୍ତ ବିଭିନ୍ନ କ୍ରୀଡ଼ାଭିତ୍ତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଜାତୀୟ କ୍ରୀଡ଼ା ଦିବସର ପ୍ରଥମ ଦିନକୁ 'ଟ୍ରିବ୍ୟୁଟ୍' ଭାବେ ପାଳନ କରଯାଇଛି। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଏହି ଶିବିରକୁ ଉଦଘାଟନ କରିଥିଲେ। ସମ୍ମାନୀତ ଅତିଥି ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ବାଲାଜୀ ବିଶ୍ୱନାଥ, ସମେତ ଜିଲ୍ଲା ସଂସ୍କୃତି ଅଧିକାରୀ ତଥା ଭାରପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଯମୁନା ପ୍ରଧାନ, ଶାରୀରିକ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ଖେତି, PTI ଖେଳ ଇଣ୍ଡିଆ ମହମ୍ମଦ କଲିମ ଉପସ୍ଥିତ ଥିଲେ ଜାତୀୟ କ୍ରୀଡା ଦିବସ ପାଳନ ଅବସରରେ ଖେଳ ଇଣ୍ଡିଆ ଅନୁଷ୍ଠାନର ସମସ୍ତ ଛାତ୍ରଛାତ୍ରୀ ବିଭିନ୍ନ ଖେଳରେ ଯୋଗଦେଇଥିଲେ। ଏହି ଅବସରରେ ଜିଲ୍ଲା କ୍ରୀଡା ଅଧିକାରୀ ସମସ୍ତ ଅତିଥିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ ଏବଂ ମହାନ ହକି ଖେଳାଳି ମେଜର ଧ୍ୟାନଚାନ୍ଦଙ୍କ ଫଟୋ ଚିତ୍ରରେ ପୁଷ୍ପ ମାଳ ଅର୍ପଣ କରିଥିଲେ। ତାପରେ ମୁଖ୍ୟ ଅତିଥି ନିଜର ଅଭିଭାଷଣ ପ୍ରଦାନ କରିଥିଲେ। ଯୁବପିଢ଼ିଙ୍କ ମଧ୍ୟରେ କ୍ରୀଡ଼ା ପ୍ରତି ଆଗ୍ରହ ବୃଦ୍ଧି, ଫିଟ୍‌ନେସ୍ ଓ ଶାରୀରିକ ସୁସ୍ଥତା ସମ୍ପର୍କରେ ସଚେତନତା ସୃଷ୍ଟି ସହ ମେଜର ଧ୍ୟାନଚାନ୍ଦଙ୍କ କ୍ରୀଡ଼ା ପ୍ରତି ଅବଦାନକୁ ସ୍ମରଣ କରିବା ଏହି ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ ବୋଲି ମତ ରଖିଥିଲେ। ସଭା ଶେଷରେ ସମସ୍ତେ କ୍ରୀଡାକୁ ଆପଣେଇ ସୁସ୍ଥ ଶାରୀରିକ ଓ ମାନସିକ ରଖିବା ପାଇଁ ଶପଥପାଠ କରିଥିଲେ। ସକାଳ ୭ଟାରୁ ସୋନପୁର ଗାନ୍ଧୀ ଷ୍ଟାଡିୟମ୍‌ରେ ଡିଜିଟାଲ୍ ଚ୍ୟାଲେଞ୍ଜ୍‌ରେ ଅଂଶଗ୍ରହଣକାରୀମାନେ ୨୯ଥର ଯେକୌଣସି କ୍ରୀଡ଼ା ଯଥା- ହକି ଡ୍ରିବଲିଂ, ଫୁଟବଲ୍ କିକ୍, ବାସ୍କେଟବଲ୍ ଡ୍ରିବଲିଂ, ବ୍ୟାଡମିଣ୍ଟନ୍ ରାଲି, ଦଉଡ଼ି ଡିଆଁ, ବଲ୍ ବାଉନ୍ସ କିମ୍ବା ଅନ୍ୟ କୌଣସି ଉପଯୁକ୍ତ କ୍ରୀଡ଼ା କାର୍ଯ୍ୟକଳାପ କରାଯାଇଥିଲା ଏହି କ୍ରୀଡା ଦିବସ ପାଳନ ସଭାକୁ ଜିଲ୍ଲା କ୍ରୀଡା ଅଧିକାରୀ ଚିତ୍ତରଞ୍ଜନ ମିଶ୍ର ସଂଯୋଜନା ଓ ଆୟୋଜନ ମଧ୍ୟ କରିଥିଲେ।

## ସରଳ ଭାଷା, ସ୍ୱାଭାବିକ ଭାବାବେଗ ମେହେର ସାହିତ୍ୟର ପ୍ରମୁଖ ବୈଶିଷ୍ଟ୍ୟ

**ଢେଙ୍କାନାଳ, ନ୍ୟୁଜ୍ ବ୍ୟୁରୋ**

ନିକଟରେ ଢେଙ୍କାନାଳ କବିଭୂଷଣ ରାଜକିଶୋର ପଟ୍ଟନାୟକ ସ୍ମୃତି ସଂସଦ ପକ୍ଷରୁ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ଉପଲକ୍ଷେ ମାସିକ ସାହିତ୍ୟ ଆସର- ୨୦୨୬ ଢେଙ୍କାନାଳସ୍ଥ ମହିଷାପାଟସ୍ଥ ଅବସର ପ୍ରାପ୍ତ ପ୍ରଶାସନିକ ଅଧିକାରୀ ତଥା ଅତିରିକ୍ତ ଶାସନ ସଚିବ, ସୁବକ୍ତା, ସୁସାହିତ୍ୟିକ,ବିଶିଷ୍ଟ ଐତିହାସିକ ଗବେଷକ ତଥା ପ୍ରାବନ୍ଧିକ ତପନ ଶତପଥୀଙ୍କ ବାସଗୃହରେ ଅପରାହ୍ନ ସମୟରେ ନିରାଡମ୍ବର ଭାବରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ଆଲୋଚନାଚକ୍ରରେ କାମାକ୍ଷା ନଗର ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ, ପ୍ରାଧ୍ୟାପକ ଦୁର୍ଗା ଚରଣ ବିଶ୍ୱାଳ ମୁଖ୍ୟଅତିଥି ଭାବରେ ଯୋଗଦାନ କରି ଓଡ଼ିଆ ଭାଷା ସାହିତ୍ୟର ଗଣତାନ୍ତ୍ରିକରଣରେ ମେହେର ସାହିତ୍ୟର ଅବଦାନ ଅନସ୍ୱୀକାର୍ଯ୍ୟ। ସରଳ ଭାଷା, ସ୍ୱାଭାବିକ ଭାବାବେଗ ଓ ମାନବିକ ଦୃଷ୍ଟିକୋଣ ତାଙ୍କ ସାହିତ୍ୟର ପ୍ରମୁଖ ବୈଶିଷ୍ଟ୍ୟ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବରେ କବି ଅବନୀ ମିଶ୍ର ଯୋଗଦାନ ସ୍ୱୀୟ ବକ୍ତବ୍ୟରେ ତାଙ୍କର ସରଳ ଜୀବନ, ଅସାଧାରଣ ପ୍ରତିଭା ଓ ମାନବିକ ସାହିତ୍ୟ ଆଜି ମଧ୍ୟ ଓଡ଼ିଆ ଜାତିକୁ ପ୍ରେରଣା ଦେଉଛି। ସ୍ୱଭାବକବି ଗଙ୍ଗାଧର ମେହେର ତେଣୁ ଓଡ଼ିଆ ସାହିତ୍ୟର ଏକ ଅମ୍ଳାନ ଆଲୋକସ୍ତମ୍ଭ। ଅନ୍ୟତମ



ସମ୍ମାନିତ ଅତିଥି ଭାବରେ ନୃସିଂହ ଚରଣ ନାୟକ ପ୍ରାକ୍ତନ ଅଧ୍ୟକ୍ଷ ଗ୍ରାମସେବକ ତାଲିମ୍ କେନ୍ଦ୍ର, ମହିଷାପାଟ, ପ୍ରାକ୍ତନ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ, ଶିକ୍ଷାବିତ୍ କବି ଗୋଲକ ବିହାରୀ ବେହେରା ଓ ଆଲୋଚକ ଭାବରେ ଅବସର ପ୍ରାପ୍ତ ପ୍ରଶାସନିକ ଅଧିକାରୀ ତଥା ଅତିରିକ୍ତ ଶାସନ ସଚିବ, ସୁବକ୍ତା, ସୁସାହିତ୍ୟିକ, ବିଶିଷ୍ଟ ଐତିହାସିକ ଗବେଷକ ତଥା ପ୍ରାବନ୍ଧିକ, ତପନ କୁମାର ଶତପଥି ଶିକ୍ଷାବିତ୍ ଅବସର ପ୍ରାପ୍ତ ଅଧ୍ୟକ୍ଷ ଡ. ସମୀର କୁମାର ସାହୁ, ଶିଳ୍ପୀ ପରେଶ ଚନ୍ଦ୍ର ପଟ୍ଟନାୟକ ନିବନ୍ଧ ପାଠ ସହିତ ସ୍ୱୀୟ ବକ୍ତବ୍ୟରେ ବିଶିଷ୍ଟ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ସମ୍ପର୍କରେ ଏକ ସବିଶେଷ, ସାରଗର୍ଭକ, ତଥ୍ୟାବଳୀ ପରିପୂର୍ଣ୍ଣ ପୂର୍ବରୁ ଅନାଲୋଚିତ ବିବରଣୀ ପ୍ରଦାନ କରିଥିଲେ। ସମସ୍ତ ବକ୍ତା ସ୍ୱୀୟ ଅଭିଭାଷଣରେ କବିଙ୍କର ଜୀବନୀ ଓ କାର୍ଯ୍ୟାବଳୀ ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିବା ସଙ୍ଗେ ସଙ୍ଗେ ସାହିତ୍ୟ ଆସର ଦିବସର ତାତ୍ପର୍ଯ୍ୟ ମଧ୍ୟ ଉପସ୍ଥାପନ କରିଥିଲେ। କାର୍ଯ୍ୟସୂଚୀ ଅନୁସାରେ ଅପରାହ୍ନ ସମୟରେ ସଂସଦର ସଭାପତି ଶଙ୍କର୍ଷଣ ଶତପଥୀଙ୍କ ପୌରୋହିତ୍ୟରେ କବିଭୂଷଣଙ୍କ ଆବକ୍ଷ ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା। ଏହି ଉପଲକ୍ଷେ ଅନୁଷ୍ଠିତ ଆଲୋଚନା ସଭାରେ କବିଭୂଷଣ ସ୍ମୃତି ସଂସଦର ସଭାପତି ଶଙ୍କର୍ଷଣ ଶତପଥୀ ଅଧ୍ୟକ୍ଷତା କରିଥିଲେ। ପ୍ରାରମ୍ଭରେ ଶିଳ୍ପୀ ସମ୍ମିଳିତ ବନ୍ଦେ ମାତରମ୍ ସଙ୍ଗୀତ ଗାନ କରାଯାଇଥିଲା। କବିଭୂଷଣ ରାଜକିଶୋର ପଟ୍ଟନାୟକ ସ୍ମୃତି ସଂସଦର ସମ୍ପାଦକ ଶିଳ୍ପୀ ପରେଶ ଚନ୍ଦ୍ର ପଟ୍ଟନାୟକଙ୍କ ସଫଳ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବ 'କବି ଓ କବିତା ମଧୁକ୍ଷରା'ରେ ଉପସ୍ଥିତ ସଭାପତି ଶଙ୍କର୍ଷଣ ଶତପଥୀ, ସଂସଦର ଉପସଭାପତି ଶିକ୍ଷାବିତ୍ ଡ. ସମିର ସାହୁ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ, ଶିକ୍ଷାବିତ୍ କବି ଗୋଲକ ବିହାରୀ ବେହେରା, ଶିଳ୍ପୀ ପରେଶ ପଟ୍ଟନାୟକ, ସୁମିତା ରାୟ ପଟ୍ଟନାୟକ, ସରିତା ମହାନ୍ତି, ବିବେକାନନ୍ଦ ଷଡ଼ଙ୍ଗୀ, ଲକ୍ଷ୍ମୀ ପ୍ରସାଦ ପଟ୍ଟନାୟକ, ନୃସିଂହ ଚରଣ ନାୟକ, ଆଲୋକ କୁମାର ଦାସ, ଜଲି ସାହୁ, ବିକ୍ରମ କୁମାର ସାହୁ, ସଂଯୁକ୍ତା ଶରଣ, କାଦମ୍ବରୀ ମହାଖୁଡ, ଦୁର୍ଗା ଚରଣ ବିଶ୍ୱାଳ, ପି. ପରମଜିତ୍, ଶିକ୍ଷାବିତ୍ ଡା. ଦେବୀ ପ୍ରସାଦ ମିଶ୍ର ପ୍ରମୁଖ ଗୋଟିଏ ଚତୁର୍ଦ୍ଦଶପଦୀ କବିତା ଓଡ଼ିଆ ସନେଟ୍ ଓ ଗୋଟିଏ ଇଂରାଜୀ ସନେଟ୍, ଅନେକ କବି ସ୍ୱରଚିତ କବିତାମାନ ପାଠ କରିବା ସଙ୍ଗେ ସଙ୍ଗେ ସ୍ୱୀୟ ବକ୍ତବ୍ୟ ପ୍ରଦାନ କରିଥିଲେ ଓ ଉପସ୍ଥିତ ଶୋତୃମଣ୍ଡଳି ଦ୍ୱାରା ସେଗୁଡ଼ିକର ସମୀକ୍ଷା ଓ ମୂଲ୍ୟାୟନ ମଧ୍ୟ କରାଯାଇଥିଲା। ସମ୍ପାଦକ ଶିଳ୍ପୀ ପରେଶ ଚନ୍ଦ୍ର ପଟ୍ଟନାୟକ ସ୍ୱଭାବ କବି ମେହେରଙ୍କ ସମ୍ପର୍କରେ ତାଙ୍କର ଜୀବନୀ ପାଠ କରିବା ସଙ୍ଗେ ସଙ୍ଗେ ତାଙ୍କ ସମ୍ପର୍କରେ ଏକ ବିଶଦ ବିବରଣୀ ପ୍ରଦାନ କରିଥିଲେ। ସଭାପତି ଶଙ୍କର୍ଷଣ ଶତପଥୀ ସ୍ୱୀୟ ବକ୍ତବ୍ୟରେ କବିଙ୍କ ସମ୍ପର୍କରେ ସୁନ୍ଦର ତଥ୍ୟାବଳୀ ସମ୍ବଳିତ ସାରଗର୍ଭକ ନିବନ୍ଧ ପାଠ ଓ ଦୀର୍ଘ କବିତା ପାଠ କରିଥିଲେ। ସମସ୍ତ ବକ୍ତା ସ୍ୱୀୟ ସ୍ୱୀୟ ବକ୍ତବ୍ୟରେ କହିଥିଲେ ଯେ ଓଡ଼ିଆ ସାହିତ୍ୟ ଆକାଶରେ ପ୍ରକୃତି, ପ୍ରେମ, ମାନବତା, ଦେଶପ୍ରେମ ଓ ଆଧ୍ୟାତ୍ମିକ ଚେତନାର ଅନନ୍ୟ କବି ଭାବେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ନାମ ଚିରସ୍ମରଣୀୟ। ପରିଶେଷରେ କବିଭୂଷଣ ରାଜକିଶୋର ପଟ୍ଟନାୟକ ସ୍ମୃତି ସଂସଦର ସଂଗଠନ ସଂପାଦକ ତଥା ମିଡ଼ିଆ ପ୍ରଭାରୀ, ଶିକ୍ଷାବିତ୍ ଡା. ଦେବୀ ପ୍ରସାଦ ମିଶ୍ର ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିବା ପରେ କାର୍ଯ୍ୟକ୍ରମର ପରିସମାପ୍ତି ଘୋଷଣା କରାଯାଇଥିଲା।

## ପଦ୍ମଶ୍ରୀ ପରମାନନ୍ଦ ଆଚାର୍ଯ୍ୟଙ୍କ ସାହିତ୍ୟ ଓ ସଂସ୍କୃତି ପ୍ରତି ଅବଦାନ ଉଲ୍ଲେଖନୀୟ



**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ପ୍ରତ୍ନତତ୍ତ୍ୱ ଗବେଷଣାର ଜନକ ଭାବେ ଖ୍ୟାତି ଅର୍ଜନ କରିଥିବା ପ୍ରଖ୍ୟାତ ଐତିହାସିକ, ସାହିତ୍ୟିକ ପଦ୍ମଶ୍ରୀ ପରମାନନ୍ଦ ଆଚାର୍ଯ୍ୟଙ୍କ ୧୩୨ ତମ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ବନ୍ଦେ ବରପୁତ୍ରମ କାର୍ଯ୍ୟକ୍ରମରେ ପୂଜ୍ୟ ପୂଜାର ପରମ୍ପରାକୁ ବଞ୍ଚାଇ ରଖିବା ପାଇଁ ଆମେ ମୟୂରଭଞ୍ଜିଆର ଆହ୍ୱାନ କ୍ରମେ ଅଗଷ୍ଟ ୨୯ ସକାଳେ ଦେଉଳସାହି ଠାରେ ଥିବା ସ୍ୱର୍ଗତଃ ଆଚାର୍ଯ୍ୟଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ସଂସ୍କୃତି ପ୍ରେମୀମାନେ ଉପସ୍ଥିତ ରହି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ପରେ ପରେ ସ୍ମୃତିଚାରଣ ପୂର୍ବକ ଅନୁଷ୍ଠିତ ଆଲୋଚନା ଚକ୍ରରେ ଆମେ ମୟୂରଭଞ୍ଜିଆର ଅଧ୍ୟକ୍ଷ ତଥା ସାମ୍ବାଦିକ ସଞ୍ଜୟ କୁମାର ଚୌଧୁରୀ ସ୍ୱାଗତ ଭାଷଣ ସହିତ ସାହିତ୍ୟ, ସଂସ୍କୃତି ତଥା ଇତିହାସ ପ୍ରତି ପଦ୍ମଶ୍ରୀ ପରମାନନ୍ଦ ଆଚାର୍ଯ୍ୟଙ୍କ ଅବଦାନ ସଂପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ବାରିପଦା ପୌରପରିଷଦର ଉପାଧ୍ୟକ୍ଷ ସୀମା ଦାସ, ଐତିହାସିକ ଡ଼ ଶ୍ୟାମସୁନ୍ଦର ଦାସ ସ୍ୱର୍ଗତଃ ଆଚାର୍ଯ୍ୟଙ୍କ ଜୀବନୀ ଓ କୃତୀ ଉପରେ ଆଲୋଚନା କରିଥିଲେ। ବକ୍ତାମାନେ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ବ୍ଲକର ବୈଦ୍ୟପୁର ବ୍ରାହ୍ମଣ ଶାସନରେ ଜନ୍ମିତ ପରମାନନ୍ଦ ଆଚାର୍ଯ୍ୟ ଓଡ଼ିଶା ପ୍ରତ୍ନତାତ୍ତ୍ୱିକ ଗବେଷଣା ଫଳରେ ବହୁ ଅନାଲୋଚିତ ତଥ୍ୟକୁ ଉଜାଗର କରିବା ସହିତ ଓଡ଼ିଶା ଭୂଖଣ୍ଡର ପରିଚୟକୁ ପରିବ୍ୟାପ୍ତ କରିବାର ପ୍ରମୁଖ ବିନ୍ଧାଣୀ ଥିଲେ। ପ୍ରତ୍ନତତ୍ତ୍ୱ କ୍ଷେତ୍ରରେ ଅବଦାନ ଲାଗି ୧୯୬୪ ମସିହାରେ ଓଡ଼ିଶାରୁ ପ୍ରଥମ ପଦ୍ମଶ୍ରୀ ବିଜେତା ଭାବେ ସେ ଏ ମାଟିକୁ ଗୌରାବାନ୍ୱିତ କରିଛନ୍ତି। ଖିଚିଙ୍ଗ୍ ଠାରେ ୧୯୨୮ ମସିହାରେ ସେ ପ୍ରଥମ ସଂଗ୍ରହାଳୟ ପ୍ରତିଷ୍ଠା ପରେ ଭୁବନେଶ୍ୱରରେ ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ପ୍ରତିଷ୍ଠା କରିଥିଲେ। ମୟୂରଭଞ୍ଜର ଖିଚିଙ୍ଗର ସବୁଜ ପଥରରେ ତିଆରି ଚନ୍ଦ୍ରଶେଖର ମନ୍ଦିରକୁ ସମ୍ପୂର୍ଣ୍ଣ ଭାଙ୍ଗି ପୁଣି ସେ ନୂଆ କରି ଗଢିଥିବା ବେଳେ ବୈତରଣୀ, ବ୍ରାହ୍ମଣୀ, ମହାନଦୀ ଉପତ୍ୟକାରେ ଖନନ କରି ପ୍ରାଗ୍-ଐତିହାସିକ ଯୁଗର ପ୍ରମାଣ ପାଇଥିଲେ। ହରିଚନ୍ଦନପୁର ନିକଟରେ ପାଲିଓଲିଥିକ ଓ ନିଓଲିଥିକ ଅସ୍ତ୍ର ପାଇ ଓଡ଼ିଶାରେ ମାନବ ସଭ୍ୟତାର ପ୍ରାଚୀନତା ପ୍ରମାଣ କରିଥିଲା ବେଳେ ଓଡ଼ିଆ ସାହିତ୍ୟ ସଂସ୍କୃତି ତଥା ପ୍ରତ୍ନତତ୍ତ୍ୱ ଗବେଷଣାକୁ ତାଙ୍କର ଅନେକ ଅବଦାନ ରହିଛି। ଏହି ଆଲୋଚନା ଚକ୍ରରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ପୋଲିସ ପ୍ରଶାସକ ଦୁର୍ଗାପ୍ରସାଦ ମିଶ୍ର, ସମାଜସେବୀ ଅଶୋକ ମଣ୍ଡଳ, ଆକାଶବାଣୀ ବାରିପଦାର ଘୋଷକ ସତ୍ୟାନନ୍ଦ ଶେଜପଡା, ସମାଜସେବୀ ସାଇପ୍ରକାଶ ମହାନ୍ତି, ଇଂ ସୁନୀଲ ପ୍ରଧାନ, ପୂର୍ବତନ କ୍ରୀଡା ପ୍ରଶାସକ କୁମାର ରଞ୍ଜନ ପଣ୍ଡା, ଶିକ୍ଷାବିତ କମଳ କୁମାର ମହାକୁଡ଼, ଅଭିଷେକ ଆଚାର୍ଯ୍ୟ, ପରିବେଶବିତ ଭାନୁମିତ୍ର ଆଚାର୍ଯ୍ୟ, ଶିକ୍ଷାବିତ ଡା. ଆଦିତ୍ୟ କୁମାର ପଣ୍ଡା, ଅଭିଷେକ ପଣ୍ଡା, ପରିବେଶବିତ ବିବେକାନନ୍ଦ ପଟ୍ଟନାୟକ, ସମାଜସେବୀ ଅଚ୍ୟୁତ ପ୍ରସାଦ ମହାପାତ୍ର, ରଘୁନାଥ ପଣ୍ଡା, ହରିହର ମହାନ୍ତ, ଉପେନ୍ଦ୍ର କୁମାର ମାଝୀ, ହିମାଦ୍ରୀ ତନୟା ଚୌଧୁରୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହି ପଦ୍ମଶ୍ରୀ ପରମାନନ୍ଦ ଆଚାର୍ଯ୍ୟଙ୍କ ପ୍ରତିମୂର୍ତ୍ତି ରେ ଶ୍ରଦ୍ଧାଞ୍ଜଳି ଦେବା ସହିତ ତାଙ୍କର ସ୍ମୃତି ଚାରଣ କରିଥିଲେ। ଶେଷରେ ଶିକ୍ଷାବିତ ଶ୍ରୀନିବାସ ଭଞ୍ଜ ଧନ୍ୟବାଦ ଅର୍ପଣ କରିଥିଲେ। କୃଷ୍ଣ ଚନ୍ଦ୍ର ଗୋଲେଇ ଠାରୁ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ରାସ୍ତାକୁ ପଦ୍ମଶ୍ରୀ ପରମାନନ୍ଦ ମାର୍ଗ ନାମରେ ନାମିତ ହୋଇଥିବାବେଳେ ଉଭୟ ପଟେ ଫଳକ ନଥିବାରୁ ପୁଣି ଥରେ ଫଳକ ଲଗାଇବାକୁ ପୌରପରିଷଦର ଉପାଧ୍ୟକ୍ଷା ସୀମା ଦାସଙ୍କୁ ଅନୁରୋଧ କରାଯାଇଥିଲା।

# ଦୁଲୀପ ଟ୍ରଫି ସେମିଫାଇନାଲ୍ : ତିଳକଙ୍କ ଶତକ



**ବେଙ୍ଗାଲୁରୁ**

ଉତ୍ତରାଞ୍ଚଳ ବିପକ୍ଷ ଦୁଲୀପ ଟ୍ରଫି ସେମିଫାଇନାଲ୍‌ରେ ଦକ୍ଷିଣାଞ୍ଚଳ ବ୍ୟାଟର ତିଳକ ବର୍ମା ସୋମବାର ଦ୍ୱିତୀୟ ଦିନରେ ଶତକ ଅର୍ଜନ କରଛନ୍ତି । ତାଙ୍କର ଅପରାଜିତ ୧୦୬* (୨୧୮ ବଲ୍, ୭ ଚୌକା) ରନ୍ ବଳରେ ଦକ୍ଷିଣାଞ୍ଚଳ ଦ୍ୱିତୀୟ ଦିନର ଷ୍ଟମ୍ପ ବେଳକୁ ୨୮୫/୯ କରିଛି । ଫଳରେ ଦଳ ପ୍ରଥମ ପାଳିରେ ମହତ୍ତ୍ୱପୂର୍ଣ୍ଣ ୯୦ ରନ୍‌ର ଅଗ୍ରଣୀ ପାଇଛି । ତାଙ୍କ ସହ କାଭୁରି ସାଇତେଜ (୦) ବ୍ୟାଟିଂ ଜାରି ରଖିଛନ୍ତି । ଉତ୍ତରାଞ୍ଚଳର ୧୯୫ ଜବାବରେ ପ୍ରଥମ ଦିନରେ ଦକ୍ଷିଣାଞ୍ଚଳ ୪୦/୨ କରିଥିଲା । ସୋମବାର ଏଥିରେ ଆଉ ୫୦ ରନ୍ ଯୋଡ଼ି ୩ ୱିକେଟ୍ ହରାଇ ୯୦/୫ ସଂଘର୍ଷ କରିଥିଲା । ରବିବାରର ଅପରାଜିତ ବ୍ୟାଟର ତିଳକ ଷଷ୍ଠ ୱିକେଟ୍‌ରେ ଶ୍ରେୟଶ ଗୋପାଳ (୮୭)ଙ୍କ ସହ ୧୭୫ ରନ୍ ଯୋଡ଼ି ଦଳକୁ ଉଦ୍ଧାର କରିଥିଲେ । ଗୋପାଳଙ୍କ ଆଉଟ୍ ପରେ ଅନ୍ୟ ବ୍ୟାଟର ବିଫଳ ହୋଇଥିଲେ ମଧ୍ୟ ତିଳକ ବ୍ୟାଟିଂ ଜାରି ରଖି ପ୍ରଥମଶ୍ରେଣୀ କ୍ରିକେଟ୍‌ରେ ନିଜର ଅଷ୍ଟମ ଶତକ ହାସଲ କରିଥିଲେ । ଉତ୍ତରାଞ୍ଚଳ ପକ୍ଷରୁ ଗୁରନୁର ବ୍ରାର ୪, ଅର୍ଶଦୀପ ସିଂହ ଓ ଅଂଶୁଲ କମ୍ବୋଜ ୨ ଲେଖାଏଁ ୱିକେଟ୍ ନେଇଥିଲେ ।

ଅନ୍ୟ ଏକ ସେମିଫାଇନାଲ୍‌ରେ କେନ୍ଦ୍ରାଞ୍ଚଳ ବିପକ୍ଷରେ ପୂର୍ବାଞ୍ଚଳ ପ୍ରଥମ ପାଳି ଅଗ୍ରଣୀ ନେବାରେ ବିଫଳ ହୋଇଛି । କେନ୍ଦ୍ରାଞ୍ଚଳର ୨୬୬ ରନ୍ ଜବାବରେ ପୂର୍ବାଞ୍ଚଳ ମଧ୍ୟ ସେହି ୨୬୬ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଛି । ଦୁଇ ଓପନର ଅଭିମନ୍ୟୁ ଈଶ୍ୱରନ୍ (୬୯) ଓ ବୈଭବ ସୂର୍ଯ୍ୟବଂଶୀ (୯୨, ୮୧ ବଲ୍, ୭ ଛକା, ୭ ଚୌକା)ଅର୍ଦ୍ଧଶତକ ଅର୍ଜନ କରିଥିଲା ବେଳେ ଅନ୍ୟ ବ୍ୟାଟର ବିଫଳ ହେବାରୁ ପୂର୍ବାଞ୍ଚଳ ବଡ଼ ସ୍କୋର କରି ପାରି ନଥିଲା । ଦଳୀୟ ସ୍କୋର ୧୬୧ ଥିଲା ବେଳେ ସୂର୍ଯ୍ୟବଂଶୀଙ୍କୁ ପ୍ରଥମ ୱିକେଟ୍ ଭାବେ ହରାଇବା ପରେ ପରବର୍ତ୍ତୀ ୯ ୱିକେଟ୍ ମାତ୍ର ୧୦୫ ରନ୍‌ରେ ହରାଇଥିଲା ଏହି ଦଳ । କେନ୍ଦ୍ରାଞ୍ଚଳର ହର୍ଷ ଦୁବେ ୪ ଏବଂ ଆର୍ଯ୍ୟନ ପାଣ୍ଡେ ଓ ଯଶ୍ ଠାକୁର ୩ ଲେଖାଏଁ ୱିକେଟ୍ ନେଇଥିଲେ । ପ୍ରଥମ ପାଳି ସମାନ ସ୍କୋରରେ ଶେଷ ହେବା ପରେ କେନ୍ଦ୍ରାଞ୍ଚଳ ଦ୍ୱିତୀୟ ପାଳି ଆରମ୍ଭ କରି ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି । ଦ୍ୱିତୀୟ ଦିନର ଷ୍ଟମ୍ପ ବେଳକୁ ୩ ୱିକେଟ୍ ହରାଇ ୪୫ ରନ୍ କରିଛି । ଅମନ ମୋଖାଡେ ୨୩* ଓ ଆର୍ଯ୍ୟନ ପାଣ୍ଡେ ୩* ରନ୍‌ରେ ବ୍ୟାଟିଂ କରୁଛନ୍ତି । ମୁକେଶ କୁମାର ୨ ଏବଂ ମହମ୍ମଦ ସାମି ଗୋଟିଏ ୱିକେଟ୍ ନେଇଛନ୍ତି । ସୂଚନାଯୋଗ୍ୟ ଯେ ପୂର୍ବାଞ୍ଚଳ ଦଳରେ ଓଡ଼ିଶାରୁ କେବଳ ଶୁଭ୍ରାଂଶୁ ସେନାପତି ଥିଲେ ମଧ୍ୟ ଦୁଇଟି ଯାକ ମ୍ୟାଚ୍‌ରେ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଇ ନାହାନ୍ତି ।

# ୫୭ ବର୍ଷର ପୁରୁଣା ରେକର୍ଡ ଭାଙ୍ଗିଲେ ବୈଭବ ସୂର୍ଯ୍ୟବଂଶୀ

**ନୂଆଦିଲ୍ଲୀ**

ଭାରତର ଯୁବ ଷ୍ଟାର ବ୍ୟାଟ୍ସମ୍ୟାନ୍ ବୈଭବ ସୂର୍ଯ୍ୟବଂଶୀ ଘରୋଇ କ୍ରିକେଟରେ ଏକ ନୂଆ ଇତିହାସ ସୃଷ୍ଟି କରିଛନ୍ତି । ଇଷ୍ଟ ଜୋନ୍ ଏବଂ ସେଣ୍ଟ୍ରାଲ ଜୋନ୍ ମଧ୍ୟରେ ଖେଳାଯାଉଥିବା ଦୁଲୀପ ଟ୍ରଫି ସେମିଫାଇନାଲ ମ୍ୟାଚ୍‌ର ଦ୍ୱିତୀୟ ଦିନରେ ବୈଭବ ଚମତ୍କାର ବ୍ୟାଟିଂ କରି ଏକ ନୂଆ କୀର୍ତ୍ତିମାନ ନିଜ ନାମରେ କରିଛନ୍ତି ।



ମାତ୍ର ୧୫ ବର୍ଷ ବୟସରେ ଏହି ଯୁବ ବ୍ୟାଟ୍ସମ୍ୟାନ୍ ଦୁଲୀପ ଟ୍ରଫିର ଦ୍ରୁତତମ ଅର୍ଦ୍ଧଶତକ ହାସଲ କରି ରେକର୍ଡ ବୁକ୍‌ରେ ନିଜ ନାମ ଦର୍ଜ କରିଛନ୍ତି । ମ୍ୟାଚ୍ ସମୟରେ ବୈଭବ ଆରମ୍ଭରୁ ହିଁ ବିପକ୍ଷ ବୋଲରଙ୍କ ଉପରେ କଡ଼ା ପ୍ରହାର କରିଥିଲେ ଏବଂ ମାତ୍ର ୪୨ ବଲ୍‌ରେ ନିଜର ଅର୍ଦ୍ଧଶତକ ପୂରଣ କରିଥିଲେ । ଏହା ତାଙ୍କ ପ୍ରଥମ ଶ୍ରେଣୀ କ୍ୟାରିୟରର ଦ୍ୱିତୀୟ ଅର୍ଦ୍ଧଶତକ ଅଟେ ।

ନିଜର ଏହି ଆକ୍ରମଣାତ୍ମକ ଇନିଂସ ସମୟରେ ସେ ନିଜର ଓପନିଂ ସାଥୀ ଅଭିମନ୍ୟୁ ଈଶ୍ୱରନଙ୍କ ସହ ମିଶି ପ୍ରଥମ ୱିକେଟ୍ ପାଇଁ ୧୦୦ ରନ୍‌ର ଏକ ମଜବୁତ ଶତକୀୟ ଭାଗିଦାରୀ ମଧ୍ୟ କରିଥିଲେ, ଯାହା ଇଷ୍ଟ ଜୋନ୍‌କୁ ଏକ ଦୃଢ଼ ଶୁଭାରମ୍ଭ ଦେଇଥିଲା ।

ନିଜ ଧୂଆଁଧାର ଅର୍ଦ୍ଧଶତକ ସହିତ ବୈଭବ ସୂର୍ଯ୍ୟବଂଶୀ ଦୁଲୀପ ଟ୍ରଫି ଇତିହାସରେ ପଚାଶ ରନ୍ ସ୍କୋର କରିଥିବା ସବୁଠାରୁ କମ୍ ବୟସ୍କ ଖେଳାଳି ପାଲଟିଛନ୍ତି । ସେ ୧୫ ବର୍ଷ ଏବଂ ୧୫୭ ଦିନ ବୟସରେ ଏହି କୀର୍ତ୍ତିମାନ ସ୍ଥାପନ କରିଛନ୍ତି । ଏହାସହିତ ସେ ଲକ୍ଷ୍ମଣ ସିଂହଙ୍କ ୫୭ ବର୍ଷ ପୁରୁଣା ରେକର୍ଡକୁ ମଧ୍ୟ ଧ୍ୱସ୍ତ କରିଦେଇଛନ୍ତି । ଯିଏ କି ୧୯୬୯ ମସିହାରେ ୧୬ ବର୍ଷ ଏବଂ ୨୩ ଦିନ ବୟସରେ ଅର୍ଦ୍ଧଶତକ ହାସଲ କରିଥିଲେ ।

ବୈଭବ ସୂର୍ଯ୍ୟବଂଶୀଙ୍କ ଏହି ଆକ୍ରମଣାତ୍ମକ ଅନ୍ଦାଜ ତାଙ୍କର ପୂର୍ବ ମ୍ୟାଚ୍‌ଗୁଡ଼ିକରେ ମଧ୍ୟ ଦେଖିବାକୁ ମିଳିଥିଲା । ଏହା ପୂର୍ବରୁ ସେ ରଣଜୀ ଟ୍ରଫିର ଗତ ସିଜନରେ ମେଘାଳୟ ବିପକ୍ଷରେ ଖେଳି ନିଜ କ୍ୟାରିୟରର ପ୍ରଥମ ପ୍ରଥମ-ଶ୍ରେଣୀ ଅର୍ଦ୍ଧଶତକ ମାରିଥିଲେ । ସେହି ମ୍ୟାଚ୍‌ରେ ବୈଭବ ଆହୁରି ମାରାତ୍ମକ ରୂପ ଦେଖାଇ ମାତ୍ର ୩୩ ବଲ୍‌ରେ ନିଜର ଅର୍ଦ୍ଧଶତକ ପୂରଣ କରିଥିଲେ ।

ବୈଭବ ନିଜର ଅର୍ଦ୍ଧଶତକ ପୂରଣ କରିବା ପରେ ମଧ୍ୟ ଅଟକି ନଥିଲେ ଏବଂ କ୍ରମାଗତ ଭାବେ ବ୍ୟାଟିଂ ଜାରି ରଖିଥିଲେ । ଯଦିଓ ସେ ନିଜର ଶତକ ପୂରା କରି ପାରି ନଥିଲେ । ବୈଭବ ୭୯ଟି ବଲ୍‌ରେ ୯୨ ରନ୍‌ର ଏକ ଦମ୍‌ଦାର ଇନିଂସ ଖେଳିଥିଲେ । ଏହି ସମୟରେ ତାଙ୍କ ବ୍ୟାଟ୍‌ରୁ ୭ଟି ଚୌକା ଏବଂ ୭ଟି ଛକା ଦେଖିବାକୁ ମିଳିଥିଲା । ସେ ୧୧୬.୪୬ ଷ୍ଟ୍ରାଇକ୍ ରେଟ୍‌ରେ ବ୍ୟାଟିଂ କରିଥିଲେ । ବୈଭବ ଏକ ଛକା ମାରିବା ପ୍ରୟାସରେ କ୍ୟାଚ୍ ଆଉଟ୍ ହୋଇଥିଲେ ।

ବର୍ତ୍ତମାନ ଚଳିତ ଦୁଲୀପ ଟ୍ରଫି ଟୁର୍ଣ୍ଣାମେଣ୍ଟର ପ୍ରାରମ୍ଭିକ ମ୍ୟାଚ୍‌ରେ ବୈଭବଙ୍କ ବ୍ୟାଟ୍ ଶାନ୍ତ ରହିଥିଲା । ନର୍ଥ ଇଷ୍ଟ ଜୋନ୍ ବିପକ୍ଷ ପ୍ରଥମ ପର୍ଯ୍ୟାୟ ମୁକାବିଲାରେ ସେ ଶସ୍ତାରେ ପ୍ୟାଭିଲିୟନ ଫେରିଥିଲେ ଏବଂ ମାତ୍ର ୮ ରନ୍ କରିବାକୁ ସକ୍ଷମ ହୋଇଥିଲେ ।

# ଆଇଟିଟିଏଫ୍ ବିଶ୍ୱ ପାରା ଫ୍ୟୁଚରରେ ଭାରତକୁ ୧୬ ପଦକ

**ଲାହଟି**

ଫିନଲାଣ୍ଡର ଲାହଟିଠାରେ ଅନୁଷ୍ଠିତ ଆଇଟିଟିଏଫ୍ ବିଶ୍ୱ ପାରା ଫ୍ୟୁଚରଟେବୁଲ ଟେନିସ୍ ପ୍ରତିଯୋଗିତାରେ ଭାରତୀୟ ଖେଳାଳିମାନେ ଚମତ୍କାର ପ୍ରଦର୍ଶନ କରି ମୋଟ ୧୬ଟି ପଦକ ଜିତିଛନ୍ତି । ଏଥିରେ ୬ଟି ସ୍ୱର୍ଣ୍ଣ, ୪ଟି ରୌପ୍ୟ ଓ ୬ଟି କାଂସ୍ୟ ପଦକ ରହିଛି । ଏକକ ବର୍ଗରୁ ଭାରତକୁ ୧୦ଟି ପଦକ ମିଳିଥିବା ବେଳେ ଯୁଗଳ ବର୍ଗରେ ଭାରତୀୟ ଖେଳାଳିମାନେ ୬ଟି ପଦକ ହାସଲ କରିଛନ୍ତି ।




ଯୁଗଳ ବର୍ଗର ପଦକ ମଧ୍ୟରେ ୨ଟି ସ୍ୱର୍ଣ୍ଣ ପଦକ ରହିଛି । ପୁରୁଷ ଯୁଗଳ ବର୍ଗରେ ରମେଶଭାଇ ଚୌଧୁରୀ ଓ ସୁମିତ ସେହଗଲ ଚମତ୍କାର ପ୍ରଦର୍ଶନ କରି ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ଏହାସହ ସୁମିତ ସେହଗଲ ମିଶ୍ରିତ ଯୁଗଳ ବର୍ଗରେ ଦୀପିକାରାଣୀ ରାମନାଥନଙ୍କ ସହ ମିଶି ଆଉ ଏକ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି ।

# ଅନ୍ତର୍ଜାତୀୟ ଫୁଟବଲ୍‌ରୁ ଅବସର ଘୋଷଣା କଲେ ଲିଓନେଲ ମେସି

**ନୂଆଦିଲ୍ଲୀ**



ଫୁଟବଲ ଜଗତର ପ୍ରଶଂସକଙ୍କ ପାଇଁ ଆସିଛି ବଡ଼ ଖବର । ଆର୍ଜେଣ୍ଟିନାର ମହାନ ଫୁଟବଲର ଲିଓନେଲ ମେସି ଅନ୍ତର୍ଜାତୀୟ ଫୁଟବଲ୍‌ରୁ ଅବସର ଘୋଷଣା କରିଛନ୍ତି । ଏଣିକି ସେ ଆର୍ଜେଣ୍ଟିନାର ଜର୍ସିରେ ମଇଦାନକୁ ଓହ୍ଲାଇବେ ନାହିଁ । ମେସି ନିଜର ଇନଷ୍ଟାଗ୍ରାମ ମାଧ୍ୟମରେ ଏହି ବଡ଼ ଘୋଷଣା କରିଛନ୍ତି । ସ୍ପେନ ବିପକ୍ଷ ବିଶ୍ୱକପ ଫାଇନାଲରେ ପରାଜୟର ଦୁଇ ଦିନ ପରେ ସେ ଏହି ନିଷ୍ପତ୍ତି ନେଇଥିବା କହିଛନ୍ତି । ତେବେ ତାଙ୍କ ପିତାଙ୍କ ମୃତ୍ୟୁ ମଧ୍ୟ ଏହି ଅନ୍ତିମ ନିଷ୍ପତ୍ତିକୁ ପ୍ରଭାବିତ କରିଥିବା ମେସି ଜଣାଇଛନ୍ତି । ସନ୍ନ୍ୟାସକୁ ନେଇ ମେସି ଲେଖିଛନ୍ତି, ଫାଇନାଲ ପରେ ଏତେ ସମୟ ବିତିଯିବା ଏବଂ ଅନେକ ଚିନ୍ତା-ବିଚାର କରିବା ପରେ ମୁଁ ସମସ୍ତଙ୍କୁ ଜଣାଇବାକୁ ଚାହୁଁଛି ଯେ, ମୁଁ ଜାତୀୟ ଦଳରୁ ସନ୍ନ୍ୟାସ ନେଉଛି । ଏହା ଏପରି ଏକ ନିଷ୍ପତ୍ତି, ଯାହା ମୋତେ ବହୁତ ଦୁଃଖ ଦେଇଛି ଏବଂ ଆଜି ବି ମୋ ମନକୁ ଗଭୀର ଭାବେ ଆଘାତ କରୁଛି । କିନ୍ତୁ ମୁଁ ବୁଝୁଛି ଯେ, ଏହା ହିଁ ଏହି ନିଷ୍ପତ୍ତି ନେବାର ସଠିକ୍ ସମୟ । ମେସି ଆହୁରି କହିଛନ୍ତି, ମୁଁ ଶପଥ କରି କହୁଛି ଯେ, ମୁଁ ମୋର ସବୁକିଛି ଦେଇଛି । କେବଳ ଗତ କିଛି ବର୍ଷ ମଧ୍ୟରେ ନୁହେଁ, ଯେତେବେଳେ ଆମେ ସବୁକିଛି ଜିତିଥିଲୁ, ତା' ପୂର୍ବରୁ ମଧ୍ୟ ମୁଁ ମୋର ସର୍ବସ୍ୱ ଦେଇଛି । ମୁଁ ସବୁବେଳେ ଏହି ଜର୍ସି ପାଇଁ ଲଢ଼ିଛି ଏବଂ ମୋର ସମସ୍ତ ଶକ୍ତି ଲଗାଇଛି, ଯାହାଦ୍ୱାରା ଆପଣମାନଙ୍କୁ ଖୁସି ଦେଇପାରିବି ।

ଆର୍ଜେଣ୍ଟିନା ପାଇଁ ଦୀର୍ଘ ବର୍ଷ ଧରି ଖେଳିଥିବା ମେସିଙ୍କ ଅବସର ଫୁଟବଲ୍ ପ୍ରଶଂସକଙ୍କୁ ଭାବବିହ୍ୱଳ କରିଛି । ତାଙ୍କ ନେତୃତ୍ୱରେ ଆର୍ଜେଣ୍ଟିନା ଅନେକ ବଡ଼ ସଫଳତା ହାସଲ କରିଛି । ଦେଶ ପାଇଁ ଖେଳିବା ସମୟରେ ମେସି ବିଶ୍ୱ ଫୁଟବଲ୍‌ରେ ନିଜର ଏକ ବିଶେଷ ପରିଚୟ ସୃଷ୍ଟି କରିଥିଲେ । ତାଙ୍କ ଘୋଷଣା ପରେ ଆର୍ଜେଣ୍ଟିନା ଫୁଟବଲ୍ ଦଳରେ ଏକ ଯୁଗର ଅନ୍ତ ଘଟିଥିବା ଭଳି ମନେ କରାଯାଉଛି ।

## ୨୦ ବର୍ଷର ଇତିହାସରେ ସବୁଠାରୁ ବଡ଼ ଝଟ୍‌କା

# ପ୍ରଥମ ରାଉଣ୍ଡରେ ହାରି ୟୁଏସ୍ ଓପନରୁ ବାଦ୍ ପଡ଼ିଲେ ଜୋକୋଭିଚ୍

**ନ୍ୟୁୟର୍କ**

୨୪ ଥରର ଗ୍ରାଣ୍ଡ ସ୍ଲାମ୍ ବିଜେତା ନୋଭାକ୍ ଜୋକୋଭିଚ୍ ୟୁଏସ୍ ଓପନ୍ ୨୦୨୬ର ପ୍ରଥମ ରାଉଣ୍ଡରୁ ବାଦ୍ ପଡ଼ିଛନ୍ତି । ପାଞ୍ଚଟି ସେଟ୍‌ର ଏକ କଠିନ ମୁକାବିଲାରେ ଜୋକୋଭିଚଙ୍କୁ ଆର୍ଜେଣ୍ଟିନାର ମାରିଆନୋ ନାଭୋନେ ପରାସ୍ତ କରିଛନ୍ତି । ୩୯ ବର୍ଷୀୟ ଜୋକୋଭିଚ୍ ସମ୍ପୂର୍ଣ୍ଣ ମ୍ୟାଚ୍ ସମୟରେ ଶାରୀରିକ ସମସ୍ୟା ସହ ସଂଘର୍ଷ କରୁଥିବା ନଜର ଆସିଥିଲା ଏବଂ ଶେଷରେ ଚାରି ଘଣ୍ଟା ୩୬ ମିନିଟ୍ ଧରି ଚାଲିଥିବା ଏହି ମୁକାବିଲାରେ ସେ ୭-୬ (୫), ୫-୭, ୪-୬, ୬-୨, ୬-୧ ରେ ହାରିଯାଇଥିଲେ ।

ମାରିଆନୋ ନାଭୋନେଙ୍କ ବିଶ୍ୱ ର୍ୟାଙ୍କିଂ ୪୯ ରହିଥିବା ବେଳେ ନୋଭାକ୍ ଜୋକୋଭିଚ୍ ପଞ୍ଚମ ନମ୍ବରରେ ଅଛନ୍ତି । ଜୋକୋଭିଚ୍ ସମ୍ପୂର୍ଣ୍ଣ ମୁକାବିଲାରେ ନିଜ ଫିଟ୍‌ନେସ୍‌କୁ ନେଇ ସଂଘର୍ଷ କରୁଥିବା ନଜର ଆସିଥିଲା । ଏକ ସମୟରେ ତାଙ୍କ ସ୍ଥିତି ଏତେ ଖରାପ ହୋଇଯାଇଥିଲା ଯେ ତାଙ୍କୁ କୋର୍ଟ ଗୋଟିଏ କୋଣକୁ ଯାଇ ବାନ୍ତି ମଧ୍ୟ କରିବାକୁ ପଡ଼ିଥିଲା । ଏହା ସତ୍ତ୍ୱେ ସେ ନିଜକୁ ସମ୍ଭାଳିଥିଲେ ଏବଂ ତୃତୀୟ ସେଟ୍‌କୁ ୬-୪ ରେ ଜିତି ମ୍ୟାଚକୁ ନିଜ ଆଡ଼କୁ ଆଣିବାକୁ ଚେଷ୍ଟା କରିଥିଲେ । କିନ୍ତୁ ଚତୁର୍ଥ ସେଟ୍‌ରେ ତାଙ୍କର ଶକ୍ତି ଏବଂ ସର୍ଭିସ୍ ଉଭୟ ପ୍ରଭାବିତ ହୋଇଥିଲା ।

ଏଭଳି ସ୍ଥିତିରେ ମାରିଆନୋ ନାଭୋନେ କ୍ରମାଗତ ଭାବେ ଚାପ ପ୍ରୟୋଗ କରି ଚତୁର୍ଥ ସେଟ୍‌କୁ ୬-୨ରେ ଜିତି ନେଇଥିଲେ । ପଞ୍ଚମ ସେଟ୍‌ରେ ନୋଭାକ୍ ଜୋକୋଭିଚ୍‌ଙ୍କ ସ୍ଥିତି ଆହୁରି ବିଗିଡ଼ି ଯାଇଥିଲା । ସେ ନିଜର ପ୍ରଥମ ଗେମ୍ ଜିତିବାରେ ସଫଳ ହୋଇଥିଲେ, କିନ୍ତୁ ଏହାପରେ ସେ ପ୍ରବଳ ସଂଘର୍ଷ କରୁଥିବା ନଜର ଆସିଥିଲେ । ଏହି ଗେମ୍ ପରେ ଦର୍ଶକମାନେ ତାଙ୍କ ନାମ ନେଇ ଉତ୍ସାହିତ କରିବାରୁ ଜୋକୋଭିଚ୍ ଭାବବିହ୍ୱଳ ହୋଇ ଲୁହ ପୋଛୁଥିବାର ନଜର ଆସିଥିଲେ ।




ଏହି ପରାଜୟ ସହିତ ନୋଭାକ୍ ଜୋକୋଭିଚ୍‌ଙ୍କ ଏକ ଦୀର୍ଘ ଦିନର ଗ୍ରାଣ୍ଡ ସ୍ଲାମ୍ ରେକର୍ଡ ମଧ୍ୟ ଭାଙ୍ଗିଯାଇଛି । ସେ ୨୦୦୬ ଅଷ୍ଟ୍ରେଲିଆନ୍ ଓପନ୍ ପରଠାରୁ କୌଣସି ବି ବଡ଼ ଟୁର୍ଣ୍ଣାମେଣ୍ଟର ପ୍ରଥମ ରାଉଣ୍ଡରେ ହାରି ନଥିଲେ । ୟୁଏସ୍ ଓପନ୍‌ରେ ତାଙ୍କର ଏହି ପରାଜୟକୁ ଏଥିପାଇଁ ମଧ୍ୟ ବଡ଼ ବୋଲି କୁହାଯାଉଛି, କାରଣ ସେ ଏହି ଟୁର୍ଣ୍ଣାମେଣ୍ଟର ସବୁଠାରୁ ସଫଳ ଖେଳାଳିମାନଙ୍କ ମଧ୍ୟରେ ସାମିଲ ରହିଛନ୍ତି । ତେବେ ଏହି ମୁକାବିଲାରେ ତାଙ୍କର ପ୍ରଦର୍ଶନ ତାଙ୍କ ସ୍ତର ଅନୁଯାୟୀ ଦେଖିବାକୁ ମିଳି ନଥିଲା ।

ସର୍ବିଆର ଷ୍ଟାର୍ ଖେଳାଳି ନୋଭାକ୍ ଜୋକୋଭିଚ୍ ପୂର୍ବରୁ ହିଁ ସୂଚନା ଦେଇ ସାରିଛନ୍ତି ଯେ ବିଗତ କିଛି ବର୍ଷ ହେବ ଏକ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟା ତାଙ୍କୁ ଅସୁବିଧାରେ ପକାଉଛି । ସିନସିନାଟିରେ ସେ କହିଥିଲେ ଯେ ଗରମ ଏବଂ ଆଦ୍ରତାପୂର୍ଣ୍ଣ ପରିବେଶ ତାଙ୍କର ଏହି ସମସ୍ୟାକୁ ଆହୁରି ବଢ଼ାଇ ଦେଇଥାଏ । ୟୁଏସ୍ ଓପନ୍‌ର ଏହି ଦୀର୍ଘ ମୁକାବିଲାରେ ମଧ୍ୟ ଏହାର ପ୍ରଭାବ ସ୍ପଷ୍ଟ ଦେଖିବାକୁ ମିଳିଥିଲା ଏବଂ ପଞ୍ଚମ ସେଟ୍ ପର୍ଯ୍ୟନ୍ତ ସେ ନିଜର ଶାରୀରିକ କ୍ଷମତା ସହ ସଂଘର୍ଷ କରୁଥିବା ନଜର ଆସିଥିଲେ ।

ଅନ୍ୟପଟେ ମାରିଆନୋ ନାଭୋନେଙ୍କ ପାଇଁ ଏହି ବିଜୟ ତାଙ୍କ କ୍ୟାରିୟରର ସବୁଠାରୁ ବଡ଼ ସଫଳତା ମଧ୍ୟରୁ ଅନ୍ୟତମ । ଆର୍ଜେଣ୍ଟିନାର ଏହି ଖେଳାଳି ପ୍ରଥମ ଥର ପାଇଁ କୌଣସି ବର୍ତ୍ତମାନର ଟପ୍-୫ ଖେଳାଳିଙ୍କୁ ପରାସ୍ତ କରିଛନ୍ତି । ମୁକାବିଲା ପରେ ନାଭୋନେ ଏହି ବିଜୟକୁ 'ଏକ ସ୍ୱପ୍ନ ସତ ହେବା ଭଳି' ବୋଲି ବର୍ଣ୍ଣନା କରିଛନ୍ତି । ବର୍ତ୍ତମାନ ଦ୍ୱିତୀୟ ରାଉଣ୍ଡରେ ତାଙ୍କ ସାମ୍ନାରେ ମଧ୍ୟ ଏକ ବଡ଼ ଆହ୍ୱାନ ରହିବ । ଏଠାରେ ତାଙ୍କର ମୁକାବିଲା ଷ୍ଟାନିସଲାସ୍ ୱାୱ୍ରିଙ୍କା କିମ୍ବା ମାଟିଓ ବେରେଟିନିଙ୍କ ସହ ହୋଇପାରେ ।

# ଶ୍ରୀଲଙ୍କାରେ ହେବନି ଚାମ୍ପିଅନ୍ସ ଟ୍ରଫି : ଆୟୋଜନ ଅଧିକାର ଛଡ଼ାଇ ନେଲା ଆଇସିସି

**ନୂଆଦିଲ୍ଲୀ**

ଶ୍ରୀଲଙ୍କା କ୍ରିକେଟ୍ ବୋର୍ଡକୁ ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ଏକ ବଡ଼ ଝଟ୍‌କା ଦେଇଛି । ୨୦୨୭ରେ ପ୍ରଥମ ଥର ପାଇଁ ଅନୁଷ୍ଠିତ ହେବାକୁ ଥିବା ଆଇସିସି ମହିଳା ଚାମ୍ପିଅନ୍ସ ଟ୍ରଫିର ଆୟୋଜନ ବର୍ତ୍ତମାନ ଶ୍ରୀଲଙ୍କାରେ ହେବ ନାହିଁ । ଆଇସିସି ଶ୍ରୀଲଙ୍କା ବୋର୍ଡଠାରୁ ଏହି ଟୁର୍ଣ୍ଣାମେଣ୍ଟର ଆୟୋଜନ ଅଧିକାର ଛଡ଼ାଇ ନେଇଛି । ୬ଟି ଦଳ ମଧ୍ୟରେ ୧୪ରୁ ୨୮ ଫେବୃୟାରୀ ପର୍ଯ୍ୟନ୍ତ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟ ବର୍ତ୍ତମାନ ଅନ୍ୟ କୌଣସି ଦେଶରେ ଆୟୋଜନ କରାଯିବ । ଯଦିଓ ଏପର୍ଯ୍ୟନ୍ତ ନୂଆ ଆୟୋଜକ ଦେଶ ବିଷୟରେ ନିଷ୍ପତ୍ତି ନିଆଯାଇ ନାହିଁ । ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ ନିଜର ଆଗାମୀ ବୈଠକରେ ଏହା ଉପରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇପାରେ ବୋଲି ଅନୁମାନ କରାଯାଉଛି । ଶ୍ରୀଲଙ୍କା କ୍ରିକେଟ୍‌ରେ ଦୀର୍ଘ ସମୟ ଧରି ରାଜନୈତିକ ହସ୍ତକ୍ଷେପର କଥା ସାମ୍ନାକୁ ଆସିବାରେ ଲାଗିଛି । ଆଇସିସି ଏହି ମାମଲାରେ ସୁଧାର ଆଣିବା ପାଇଁ ମଧ୍ୟ କହିଆସିଛି, କିନ୍ତୁ ଏପର୍ଯ୍ୟନ୍ତ ଏହି ସମସ୍ୟାର ସମାଧାନ ହୋଇପାରିନାହିଁ । ଆଇସିସି ନିୟମ ଅନୁଯାୟୀ ପ୍ରତ୍ୟେକ କ୍ରିକେଟ୍ ବୋର୍ଡକୁ ରାଜନୈତିକ କିମ୍ବା ସରକାରୀ ହସ୍ତକ୍ଷେପ ବିନା ସ୍ୱାଧୀନ ଭାବେ କାର୍ଯ୍ୟ କରିବାକୁ ପଡ଼ିଥାଏ, କିନ୍ତୁ ଶ୍ରୀଲଙ୍କା କ୍ରିକେଟ୍ ଏପରି କରିପାରି ନାହିଁ । ଏହି କାରଣରୁ ଆଇସିସି ଏହି ଦେଶ ଠାରୁ ଚାମ୍ପିଅନ୍ସ ଟ୍ରଫିର ଆୟୋଜନ ଅଧିକାର ଛଡ଼ାଇ ନେଇଛି ।

# କୋଟପାଡ଼ରେ ସ୍ୱାୟତ୍ତ ଶାସନ ଦିବସ ପାଳିତ



**କୋଟପାଡ଼, ନ୍ୟୁଜ୍‌ବ୍ୟୁରୋ**

କୋଟପାଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ମହା ଆଡମ୍ବରରେ ପାଳିତ କରାଯାଇଛି । ଏହି ଅବସରରେ ପ୍ରାତଃ ସମୟରେ ରାମଧୁନ, ପ୍ରଭାତ ଫେରି ସାରି ପରିଷଦ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଜାତୀୟ ପତାକା ଉତ୍ତୋଳନ ପରିଷଦ ଅଧ୍ୟକ୍ଷ ଏମ. ଶଙ୍କର ରାଓଙ୍କ ଦ୍ୱାରା କରା ଯାଇଥିଲା । ପରିଷଦ କାର୍ଯ୍ୟାଳୟ କର୍ମଚାରୀ, ୱାର୍ଡ ସଭ୍ୟ/ସଭ୍ୟା, ସ୍ୱୟଂସହାୟକ ଗୋଷ୍ଠୀ, ସ୍ୱଚ୍ଛ ସାଥୀ ଏବଂ ବିଦ୍ୟାର୍ଥୀ ସହର ପରିକ୍ରମା କରିବା ସହିତ ଅଞ୍ଚଳରେ ସ୍ଥାପିତ ମହାପୁରୁଷ, ସ୍ୱାଧୀନତା ସଂଗ୍ରାମୀମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟ ଅର୍ପଣ କରାଯାଇଥିଲା । ଅନ୍ୟ ପକ୍ଷରେ ହାଟ ପଦାରେ ଦୋକାନ ଗୃହର ଶିଳାନ୍ୟାସ, ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ସମ୍ମୁଖରେ ପାର୍କିଂସ୍ଥଳ ଏବଂ ହାଇମେକ୍ସ ଲାଇଟ୍‌ର ଉଦ୍‌ଘାଟନ କରାଯାଇଛି । ହାଟପଦା ସ୍ଥିତ କଲ୍ୟାଣ ମଣ୍ଡପରେ ଆୟୋଜିତ କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି ।

**OFFICE OF THE NOTIFIED AREA COUNCIL, BANPUR** 13001/1708/2627
**E-PROCUREMENT NOTICE**
**Bid Reference No: E.O-N.A.C-BNR- 03/2026-27**
**Tender Call Notice No 1112 / Dt. 29. 08. 2026 /**

The Executive Officer on behalf of Banpur NAC invites percentage basis tender from the registered contractors in offline.

| | | |
|---|---|---|
| 1. Type of Works | : | Civil construction works as in the D.T.C.N |
| 2. Total No. of works | : | 25 Nos. |
| 3. Tender Amount Cost | : | As per DTCN |
| 4. Period of Completion | : | 60 days |
| 5. Date and time of availability of Bid Documents in the Office/Website. | : | From 10.00 A.M. of Dt. 02.09.2026 to 5.00 P.M. of Dt. 10.09.2026. |
| 6. Date and time for submission of Original documents in office | : | 11.09.2026 at 10 AM to 3.00 P.M. |
| 7. Date & Time of Opening of Tender | : | Dt 11.09.2026 at 4.00 P.M. |

Further amendments, corrigendum or other communication regarding this letter will be available only on https://www.banpurnac.in & e-Governance Manager, Khordha and will not be published in print media.

Sd/- Executive Officer
Banpur NAC

OIPR-13001/13177/1/26-27/0010

**OFFICE OF THE MUNICIPALITY: BHANJANAGAR,GANJAM** 13001/1709/2627
Dist: Ganjam, Odisha,PIN-761126
E-Mail:bhanjanagarn.hud@nic.in,Ph.No. 06821-241107.

Letter No: 2362 Dtd. 29.08.2026

**Tender Call Notice**

Bhanjanagar Municipality invites EOI from experienced, competent and eligible Agencies/ Suppliers/Bidders for **Supply of Sanitation Materials** of Bhanjanagar Municipality.

The Tender Schedules will be available at Sanitation Section of Municipality Bhanjanagr @ Rs 500/- (Rupees of Five Hundred) only from **Dt- 29.08.2026, 11.00A.M. to 3.00P.M. of 11.09.2026** (With in Office Hour) and the tender schedule received with in stipulated time period will be **open on same day i.e.11.09.2025 at 4.00 P.M.**. in presence of the respective quotationers and their authorized representatives.

Any other clarification regarding EOI may contact Sanitation Section of Municipality Bhanjanagar or Email:- **bhanjanagarn.hud@gmail.com**.

The authority reserves the right to accept, reject or cancel any or all the quotations without assigning any reason thereof.

Sd/- Executive Officer
Municipality,Bhanjanagar.

OIPR-13001/13144/1/26-27/0012

# ଆଇପିଏଲରୁ ହଟିପାରେ 'ଇମ୍ପାକ୍ଟ ପ୍ଲେୟାର' ନିୟମ

**ନୂଆଦିଲ୍ଲୀ**

ଇଣ୍ଡିଆନ୍ ପ୍ରିମିୟର ଲିଗ୍‌ରେ 'ଇମ୍ପାକ୍ଟ ପ୍ଲେୟାର' ନିୟମ ରହିବା ଉଚିତ ନା ହଟାଇ ଦେବା ଉଚିତ୍ ? ଏହାର ସମାଧାନ ଖୋଜିବା ଦିଗରେ ବିସିସିଆଇ ଏକ ବଡ଼ ପଦକ୍ଷେପ ନେଇଛି । ବିସିସିଆଇ ଇମ୍ପାକ୍ଟ ପ୍ଲେୟାର୍ ନିୟମକୁ ନେଇ ଆଇପିଏଲର ସମସ୍ତ ୧୦ଟି ଯାକ ଫ୍ରାଞ୍ଚାଇଜ୍‌ଠାରୁ ମତାମତ ମାଗିଛି । ଆଇପିଏଲ୍ ୨୦୨୭ ପୂର୍ବରୁ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ନେବା ପାଇଁ ଫ୍ରାଞ୍ଚାଇଜ୍ ଗୁଡ଼ିକୁ ଏହି ଇମ୍ପାକ୍ଟ ପ୍ଲେୟାର୍ ରୁଲ୍ ଉପରେ ନିଜର ମତ ରଖିବାକୁ ସୋମବାର ପର୍ଯ୍ୟନ୍ତ ସମୟ ଦିଆଯାଇଥିଲା । ରୋହିତ ଶର୍ମା, ହାର୍ଦ୍ଦିକ ପାଣ୍ଡ୍ୟା, ଅକ୍ଷର ପଟେଲ ଓ ଶୁବମନ ଗିଲ୍‌ଙ୍କ ଭଳି ଖେଳାଳିମାନେ ପୂର୍ବରୁ ଏହି ନିୟମକୁ ଖୋଲାଖୋଲି ଭାବେ ବିରୋଧ କରିଛନ୍ତି ।

ଆଇପିଏଲରେ 'ଇମ୍ପାକ୍ଟ ପ୍ଲେୟାର' ନିୟମ ୨୦୨୩ ସିଜନରୁ ଲାଗୁ କରାଯାଇଥିଲା । ଏହାର ଉଦ୍ଦେଶ୍ୟ ଥିଲା ଖେଳରେ ରଣନୀତିକୁ ଅଧିକ ମଜଭୁତ କରିବା ଏବଂ ରୋମାଞ୍ଚ ବଢ଼ାଇବା । ଏହି ନିୟମ ଅନୁଯାୟୀ ଦଳଗୁଡ଼ିକୁ ପ୍ଲେଇଂ ଇଲେଭେନ୍ ବ୍ୟତୀତ ପାଞ୍ଚ ଜଣ ବଦଳ ଖେଳାଳିଙ୍କ ନାମ ଦେବାକୁ ପଡ଼ିଥାଏ । ଇମ୍ପାକ୍ଟ ପ୍ଲେୟାର୍ ଦଳର ଆବଶ୍ୟକତା ଅନୁସାରେ ବ୍ୟାଟିଂ କିମ୍ବା ବୋଲିଂ କରିପାରିବେ । ଖେଳାଳି ଜଣକ ପାଳି ଆରମ୍ଭ ହେବା ପୂର୍ବରୁ କିମ୍ବା ପାଳି ଚାଲିଥିବା ସମୟରେ ମଧ୍ୟ ପଡ଼ିଆକୁ ଓହ୍ଲାଇ ପାରିବେ ।

ଏହି ନିୟମ ରୋମାଞ୍ଚ ତ ବଢ଼ାଇଲା, କିନ୍ତୁ ଏହାକୁ ନେଇ ସମାଲୋଚନା ମଧ୍ୟ କରାଯାଉଛି । ଅନେକ ଦିଗ୍ଗଜ ଏବଂ ବିଶେଷଜ୍ଞ କହିଛନ୍ତି ଯେ, ଏହା ବ୍ୟାଟ୍ ଏବଂ ବଲ୍ ମଧ୍ୟରେ ଥିବା ସନ୍ତୁଳନକୁ ବିଗାଡୁଛି ଏବଂ ଅଲରାଉଣ୍ଡରମାନଙ୍କ ବିକାଶରେ ବାଧା ସୃଷ୍ଟି କରୁଛି । ଗତ ସିଜନରେ ଅନେକ ହାଇ-ସ୍କୋରିଂ ମ୍ୟାଚ୍ ଦେଖିବାକୁ ମିଳିଥିଲା ଏବଂ ବୋଲର ମାନେ ସମ୍ପୂର୍ଣ୍ଣ ଅସହାୟ ନଜର ଆସିଥିଲେ ।

## କେନ୍ଦୁପତ୍ର ତୋଳାଳି, ବନ୍ଧେଇ ଶ୍ରମିକମାନଙ୍କ ୱେଲଫେୟାର୍ ବୋର୍ଡ ବୈଠକ

# ୭୩ ଜଣଙ୍କୁ ୨ ଲକ୍ଷ ଲେଖାଏଁ ମୃତ୍ୟୁକାଳିନ ସହାୟତା ପ୍ରଦାନ ନିଷ୍ପତ୍ତି

**ବରଗଡ଼, ନ୍ୟୁଜ୍‌ବ୍ୟୁରୋ**

ସୋମବାର ପଦ୍ମପୁର କେନ୍ଦୁଲିଫ୍ ଡିଭିଜନ କାର୍ଯ୍ୟାଳୟ ପରିସରରେ ଡିଏଫଓ ବିଭୁତି ଭୂଷଣ ବେହେରାଙ୍କ ଅଧ୍ୟକ୍ଷରେ ପଦ୍ମପୁର ଡିଭିଜନର କେନ୍ଦୁପତ୍ର ତୋଳାଳି,ବନ୍ଧେଇ ଶ୍ରମିକ ୱେଲଫେୟାର୍ ବୋର୍ଡର ବୈଠକ ଅନୁଷ୍ଠିତ ହୋଇଯାଇଛି । ପଦ୍ମପୁର ଡିଭିଜନରେ କାର୍ଯ୍ୟରତ କେନ୍ଦୁପତ୍ର ତୋଳାଳି, ବନ୍ଧେଇ ଶ୍ରମିକ ଓ ସିଜିନାଲ କର୍ମଚାରୀଙ୍କ ମୃତ୍ୟୁକାଳିନ ସହାୟତା ଯୋଗାଇ ଦେବାକୁ ୬୨ ଜଣ କେନ୍ଦୁପତ୍ର ତୋଳାଳି, ୭ ଜଣ ସିଜିନାଲ କର୍ମଚାରୀ,ଜଣ ବନ୍ଧେଇ ଶ୍ରମିକ ମାନଙ୍କ ପାଇଁ ପ୍ରତି ପରିବାରକୁ ୨ ଲକ୍ଷ ଟଙ୍କା ଲେଖାଁଏ ସହାୟତା ଦେବା ପାଇଁ ପ୍ରସ୍ତାବ ନିଆଯାଇଛି । ଏତଦ୍‌ବ୍ୟତୀତ ଓଡ଼ିଶାରେ କେନ୍ଦୁପତ୍ର ତୋଳାଳିମାନଙ୍କୁ ରାଜ୍ୟ ସରକାର ୬୪ କୋଟି ଟଙ୍କା ବୋନସ ପ୍ରଦାନ କରିଥିବାରୁ ଓଡ଼ିଶା ସରକାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ପ୍ରଦାନ କରାଯାଇଥିଲା । ପଦ୍ମପୁର ଡିଭିଜନର କେନ୍ଦୁପତ୍ର ତୋଳାଳି ମାନେ ବୋନସ ବାବଦକୁ ୧ କୋଟି ୪୦ ଲକ୍ଷ ଟଙ୍କା ପାଇଥିବା କଥା ଡିଏଫଓ ସୂଚନା ଦେଇ ଥିଲେ । ସମସ୍ତ ସରକାରୀ କର୍ମଚାରୀ ଓ ସିଜିନାଲ କର୍ମଚାରୀଙ୍କ ଉଦ୍ୟମରେ ପଦ୍ମପୁର ଡିଭିଜନର କେନ୍ଦୁପତ୍ରର ଗୋଟିଏ ଲଟ୍ କ୍ୱିଣ୍ଟାଲ ପ୍ରତି ୫୨ ହଜାର ୬୫୫ ଟଙ୍କାରେ ବିକ୍ରି ହୋଇଥିବାରୁ ଓ ଏହା ଓଡ଼ିଶାର ସର୍ବାଧିକ ଟଙ୍କା ହୋଇଥିବାରୁ ଡିଏଫଓ ଶ୍ରୀ ବେହେରା ସମସ୍ତଙ୍କୁ ସାଧୁବାଦ ଜଣାଇଥିଲେ । ଏହି ୱେଲଫେୟାର୍ ବୋର୍ଡ ବୈଠକରେ ଶ୍ରମିକ ନେତା ତଥା ବରଗଡ଼ ଲୋକସଭା ସାଂସଦ ପ୍ରଦୀପ ପୁରୋହିତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଅନ୍ୟ କମିଟି ସଦସ୍ୟମାନଙ୍କ ମଧ୍ୟରେ ଏସିଏଫ ଆତ୍ମରାମ ମହାନନ୍ଦ, ଏଡିଡବ୍ଲୁ ସଞ୍ଜୟ ଲେଙ୍କା, କେନ୍ଦୁପତ୍ର କର୍ମଚାରୀ ସଂଘର ପଦ୍ମପୁର ଡିଭିଜନ ସଂପାଦକ କୋକିଳ ସାହୁ ଉପସ୍ଥିତ ଥିଲେ ।



# ଧାମନଗର ଏନଏସି ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ରୋଗୀମାନଙ୍କୁ ଫଳ ବଣ୍ଟନ

**ଧାମନଗର, ନ୍ୟୁଜ୍‌ବ୍ୟୁରୋ**

ଧାମନଗର ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ-୨୦୨୬ ପାଳିତ ହୋଇଯାଇଛି । ଏହି ଅବସରରେ ଧାମନଗର ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ଅଧିବାସୀ ମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ଏହି ଅବସରରେ ଅଗଷ୍ଟ ୩୧ ତାରିଖ ସକାଳ ୫ଘଟିକା ସମୟରେ ରାମଧୁନ ପ୍ରଚାର ଓ ୬ଘଟିକାରେ ସହରାଞ୍ଚଳରେ ସ୍ଥାପନ ହୋଇଥିବା ମହାପୁରୁଷ ମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି । ସକାଳ ୭ଟା ୩୦ରେ ଉପାଧ୍ୟକ୍ଷ ଓସିମ ଏଜଦାନି କାଦିରୀ, ପାରିଷଦବୃନ୍ଦ, ଅଧିକାରୀ ଓ କର୍ମଚାରୀଙ୍କ ଉପସ୍ଥିତରେ ଅଧକ୍ଷା ନିବେଦିତା ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟାଳୟ ସମ୍ମୁଖରେ ପତାକା ଉତ୍ତୋଳନ କରି ଗଣତନ୍ତ୍ରରେ ସ୍ୱାୟତ୍ତ ଶାସନ ବ୍ୟବସ୍ଥାକୁ ସୁଦୃଢ଼ କରି ଲୋକଙ୍କ ପାଇଁ ଉତ୍ତମ ସେବା ଯୋଗାଇ ଦେବା,ସହରାଞ୍ଚଳର ଉନ୍ନତି ଓ ସୌନ୍ଦର୍ଯ୍ୟକରଣ କରିବା ପାଇଁ ଆମେ ସମସ୍ତେ ସଂକଳ୍ପ ନେବାକୁ ପଡିବ ବୋଲି ଅଧକ୍ଷା ବକ୍ତବ୍ୟ ରଖିଥିଲେ । ଏହି ପରିପ୍ରେକ୍ଷୀରେ ୯ ଘଟିକା ସମୟରେ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସାଧିନ ରୋଗୀ ମାନଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ, ଏନଏସି ଅଧିକାରୀ, ମନ୍ତ୍ରୀ ଏବଂ ସାଂସଦଙ୍କ ନଗର ପ୍ରତିନିଧି ପ୍ରମୁଖ ଉପସ୍ଥିତ ରହି ଫଳ ବଣ୍ଟନ କରିଥିଲେ । ୧୦ଟା ୩୦ରେ ଏନଏସି କଲ୍ୟାଣ ମଣ୍ଡପ ପରିସରରେ ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନାୟକଙ୍କ ସଂଚାଳନାରେ କୃଷି ଶିକ୍ଷା ସଦନ ଓ.ୟୁ.ଏ.ଟି.ଭୁବନେଶ୍ୱରରୁ ମୁଖ୍ୟମନ୍ତ୍ରୀଙ୍କ ସଭାର ସିଧାପ୍ରଶାରଣ ଦୂରଦର୍ଶନ ମାଧ୍ୟମରେ ଜନ ସାଧାରଣଙ୍କୁ ପ୍ରଦର୍ଶନ କରାଇବା ସହ ସହରାଞ୍ଚଳର ବିକାଶ ସମ୍ପର୍କରେ ସୂଚନା ଦେଇଥିଲେ । ଭଦ୍ରକ ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ୍ତ, ସମ୍ମାନିତ ଅତିଥି ଭାବେ ବିଧାୟକ ତଥା ମନ୍ତ୍ରୀଙ୍କ ନଗର ପ୍ରତିନିଧି କୈଳାସ ଚନ୍ଦ୍ର ମହାପାତ୍ର, ସାଂସଦଙ୍କ ନଗର ପ୍ରତିନିଧି ସରୋଜ କୁମାର ମହାପାତ୍ର ପ୍ରମୁଖ ଯୋଗ ଦେଇ ମେଡିକାଲ ବଜାର ନିକଟସ୍ଥ ଏକ ରୋଗୀ ମାନଙ୍କ ରାତ୍ରି ଯାପନ ନୂତନ ଗୃହକୁ ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ସଫେଇ କର୍ମଚାରୀମାନଙ୍କୁ ଉପକରଣ ବଣ୍ଟନ କରାଯାଇଥିଲା । ଏନଏସି କାର୍ଯ୍ୟାଳୟ ପକ୍ଷରୁ ମଣ୍ଡପ ପରିସରରେ ବଡ଼ାଖାନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।



32 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୦୧ ସେପ୍ଟେମ୍ବର ୨୦୨୬ ମଙ୍ଗଳବାର





# ମହଙ୍ଗା ମଧ୍ୟରେ ବଡ଼ ଆଶ୍ୱସ୍ତି: କମିଲା ଚିନି ଦର

**ନୂଆଦିଲ୍ଲୀ:** ବଢୁଥିବା ମହଙ୍ଗା ମଧ୍ୟରେ ଚିନି ଦରକୁ ନେଇ ଚିନ୍ତିତ ଥିବା ଲୋକଙ୍କ ପାଇଁ ଆସିଛି ଆଶ୍ୱସ୍ତିର ଖବର। ମିଲ୍‌ରୁ ବାହାରୁଥିବା ଚିନିର ଦାମ ଅର୍ଥାତ୍ ଏକ୍ସ-ମିଲ ମୂଲ୍ୟରେ ପ୍ରାୟ ୩୦ ପ୍ରତିଶତ ହ୍ରାସ ଦେଖିବାକୁ ମିଳିଛି। ଏହା ପରେ ଚିନିର ମୂଲ୍ୟ ପ୍ରାୟ ୪୭ ଟଙ୍କା ପ୍ରତି କିଲୋ ହୋଇଛି। ତେବେ ଏହି ଦାମ ହ୍ରାସର ଲାଭ ତୁରନ୍ତ ସାଧାରଣ ଗ୍ରାହକଙ୍କୁ ମିଳିବ ନାହିଁ। ଖୁଚୁରା ବଜାରରେ ଏହାର ପ୍ରଭାବ ଦେଖାଦେବାକୁ ପ୍ରାୟ ୧୦ ଦିନ ସମୟ ଲାଗିପାରେ ବୋଲି କୁହାଯାଉଛି। ଚିନି ଦାମ ହଠାତ୍ କମିବା ପଛରେ ସରକାରଙ୍କ ଏକ ବଡ଼ ନିଷ୍ପତ୍ତି ରହିଛି। ସରକାର ରପ୍ତାନି ପାଇଁ ପ୍ରସ୍ତୁତ କରାଯାଇଥିବା ରିଫାଇନ୍ଡ ଚିନିକୁ ଦେଶର ଘରୋଇ ବଜାରରେ ବିକ୍ରି କରିବାକୁ ଅନୁମତି ଦେଇଛନ୍ତି। ଏହା ଫଳରେ ଆଗାମୀ କିଛି ମାସ ମଧ୍ୟରେ ପ୍ରାୟ ୩ରୁ ୩.୫ ଲକ୍ଷ ଟନ ଚିନି ଦେଶୀ ବଜାରକୁ ଆସିବାର ଆଶା ରହିଛି। ବଜାରରେ ଯୋଗାଣ ବଢ଼ିଲେ ଚିନିର ଦାମ ଆହୁରି କମିବାର ସମ୍ଭାବନା ରହିଛି। ମିଲରୁ ବାହାରୁଥିବା ଚିନିର ଦାମ କମିଥିଲେ ମଧ୍ୟ ଦୋକାନରେ ଏହାର ପ୍ରଭାବ ପଡ଼ିବାକୁ କିଛି ସମୟ ଲାଗିପାରେ। ଉପଲବ୍ଧ ସୂଚନା ଅନୁସାରେ, ଗ୍ରାହକମାନେ ପ୍ରାୟ ୧୦ ଦିନ ମଧ୍ୟରେ ଖୁଚୁରା ଦୋକାନରେ ଦାମ କମିବାର ପ୍ରଭାବ ଦେଖିପାରନ୍ତି।

# ନିଶାମୁକ୍ତ ସମାଜ ଗଠନ ପାଇଁ ଛାତ୍ରୀମାନଙ୍କ ପଦଯାତ୍ରା ଓ ପଥପ୍ରାନ୍ତ ନାଟକ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ନିଶାମୁକ୍ତ ସମାଜ ଗଠନ ଓ ଯୁବପିଢ଼ି ମଧ୍ୟରେ ନିଶାଦ୍ରବ୍ୟର କୁପ୍ରଭାବ ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ନଳିନୀ ଦେବୀ ଶିକ୍ଷକ ଶିକ୍ଷା ମହିଳା ମହାବିଦ୍ୟାଳୟ ପକ୍ଷରୁ ଏକ ସଚେତନତାମୂଳକ ପଦଯାତ୍ରା ଓ ପଥପ୍ରାନ୍ତ ନାଟକ ଆୟୋଜିତ ହୋଇଥିଲା ।
ମହାବିଦ୍ୟାଳୟର ଅଧକ୍ଷା ପ୍ରଫେସର ସବିତା ନାୟକଙ୍କ ଅଧକ୍ଷତାରେ ଆୟୋଜିତ ଏହି ପଦଯାତ୍ରାରେ ପ୍ରାୟ ୨୦୦ ଜଣ ଗୁରୁଛାତ୍ରୀ ଉତ୍ସାହର ସହ ଅଂଶଗ୍ରହଣ କରି ବିଭିନ୍ନ ସଚେତନତାମୂଳକ ସ୍ଲୋଗାନ ଦେଇ ନିଶା ବିରୋଧୀ ବାର୍ତ୍ତାକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇଥିଲେ । ସହକାରୀ ପ୍ରଫେସର ସୂର୍ଯ୍ୟକାନ୍ତ ପାଣିଗ୍ରାହୀ ଓ ରାଜେଶ କୁମାର ପଣ୍ଡାଙ୍କ ନିର୍ଦ୍ଦେଶନାରେ ଛାତ୍ରୀମାନେ ନାଟକ ମାଧ୍ୟମରେ ନିଶାସେବନର ସାମାଜିକ, ଶାରୀରିକ ଓ ପାରିବାରିକ କୁପ୍ରଭାବକୁ ଉପସ୍ଥାପନ କରିବା ସହିତ ନିଶାଠାରୁ ଦୂରେଇ ଏକ ସୁସ୍ଥ ଓ ସଚେତନ ଜୀବନ ଆପଣାଇବା ପାଇଁ ଆହ୍ୱାନ ଜଣାଇଥିଲେ। ୟୁନିଟ -୩ର ଲେବର କଲୋନୀରେ ପ୍ରଦର୍ଶିତ ଏହି ନାଟକଟି ଉପସ୍ଥିତ ଜନସାଧାରଣଙ୍କ ମଧ୍ୟରେ ନିଶା ବିରୋଧୀ ସଚେତନତାର ଏକ ଶକ୍ତିଶାଳୀ ବାର୍ତ୍ତା ପହଞ୍ଚାଇଥିଲା । କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧକ୍ଷାଙ୍କ ସମେତ ସମସ୍ତ ସହଯୋଗୀ ଓ ସହକାରୀ ପ୍ରଫେସର, ଅନ୍ୟାନ୍ୟ କର୍ମଚାରୀ ଏବଂ ଛାତ୍ରୀମାନେ ସକ୍ରିୟ ଭାବେ ଯୋଗଦେଇଥିଲେ। ଏଥିସହିତ, ଗୋଷ୍ଠୀର କର୍ପୋରେଟର ଶ୍ରୀମତୀ ରଞ୍ଜୁଲତା ରାୟଙ୍କ ସମେତ ବହୁ ସଂଖ୍ୟକ ଗୋଷ୍ଠୀ ସଦସ୍ୟଙ୍କ ଉପସ୍ଥିତି ଓ ସହଭାଗିତା କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲା ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ମୋଦୀ-ପୁଟିନ ...

ସହଯୋଗ ମାଧ୍ୟମରେ ସମସ୍ୟାର ସମାଧାନ ହେବା ଆବଶ୍ୟକ। ଆମେରିକା-ଇରାନ ମଧ୍ୟରେ ଚାଲିଥିବା ସାମରିକ ସଂଘର୍ଷ ଏବଂ ପଶ୍ଚିମ ଏସିଆରେ ବଢୁଥିବା ଉତ୍ତେଜନା ମଧ୍ୟରେ ଏହି ବୈଠକ ହୋଇଥିଲା। ଭାରତ ପକ୍ଷରୁ ସମସ୍ୟାର ସମାଧାନ ପାଇଁ ଆଲୋଚନା ଓ କୂଟନୈତିକ ମାର୍ଗ ଉପରେ ଗୁରୁତ୍ୱ ଦିଆଯାଇଛି। ହର୍ମୁଜ୍ ପ୍ରଣାଳୀର ଗୁରୁତ୍ୱ ଦୃଷ୍ଟିରୁ ପଶ୍ଚିମ ଏସିଆର ସ୍ଥିରତା ଭାରତ ପାଇଁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ମୋଦୀ ସୋମବାର ଆର୍ମେନିଆ ପ୍ରଧାନମନ୍ତ୍ରୀ ନିକୋଲ ପାଶିନ୍ୟାନଙ୍କ ସହ ମଧ୍ୟ ଦ୍ୱିପାକ୍ଷିକ ବୈଠକ କରିଥିଲେ। ଦୁଇ ନେତା ପ୍ରତିରକ୍ଷା, ଅର୍ଥନୀତି, ଫାର୍ମା, ବିଜ୍ଞାନ ଓ ପ୍ରଯୁକ୍ତି, ସଂସ୍କୃତି ଓ ଶିକ୍ଷା କ୍ଷେତ୍ରରେ ସହଯୋଗ ବଢ଼ାଇବା ନେଇ ଆଲୋଚନା କରିଥିଲେ।

## ୨୮ଟି ନୂଆ...

ଆଣିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେବା ସହିତ ପ୍ରତ୍ୟେକ ସହରକୁ ଓଡିଶାର ଅର୍ଥନୈତିକ ବିକାଶର ଶକ୍ତିଶାଳୀ ଇଞ୍ଜିନ ଭାବେ ଗଢି ତୋଳିବା ପାଇଁ ଆହ୍ୱାନ କରିଥିଲେ।

ସହରାଞ୍ଚଳର ନିର୍ବାଚିତ ପ୍ରତିନିଧିମାନଙ୍କୁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଲୋକଙ୍କ ଆଶା, ଆକାଂକ୍ଷା ଓ ଅବଶ୍ୟକତାକୁ କେନ୍ଦ୍ରରେ ରଖି ଆମେ କାମ କରୁଛୁ। ତେଣୁ, ଲୋକଙ୍କ ସହିତ ରହି, ଲୋକଙ୍କ ସମସ୍ୟାକୁ ଶୁଣି ଅଧିକାରୀମାନଙ୍କ ସହିତ ସମନ୍ୱୟ ରକ୍ଷା କରି କାମ କରିବା ପାଇଁ ସେ ଆହ୍ୱାନ କରିଥିଲେ।

ସ୍ୱାୟତ୍ତ ଶାସନ ଦିବସ ଅବସରରେ ପୌର ସଂସ୍ଥା ଗୁଡିକର ଦକ୍ଷତା ବୃଦ୍ଧି ପାଇଁ ଆଜି ଓଡିଶା ଅର୍ବାନ ଏକାଡେମୀ ସହିତ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ, ଇଣ୍ଡିଆନ ସ୍କୁଲ ଅଫ୍ ବିଜିନେସ୍ ଏବଂ ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଅର୍ବାନ ଆଫାୟାର୍ସର ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ଏଥି ସହିତ କୁଟ୍ ଓ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ମଧ୍ୟରେ ବୁଝାମଣା ପତ୍ର ମଧ୍ୟ ସ୍ୱାକ୍ଷରିତ ହୋଇଛି। ଆହୁରି ମଧ୍ୟ ୧୧୫ଟି ପୌର ସଂସ୍ଥାରେ ଓସ୍ୱାନ ଭିଡିଓ କନଫେରନ୍ସିଂ ସୁବିଧା ଏବଂ 'ପ୍ରଧାନମନ୍ତ୍ରୀ ଆବାସ ଯୋଜନା- ବନ୍ଧୁ', ଓଡିଶା ଯାତ୍ରୀ ଏସ୍.ଓ.ଏସ୍. ଆପ୍ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଶୁଭାରମ୍ଭ ହୋଇଛି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଉପସ୍ଥିତ ପୌର ସଂସ୍ଥା ଗୁଡିକର କର୍ମଚାରୀ, ସ୍ୱଚ୍ଛ ସାଥୀ, ଜଳ ସାଥୀ, ପରିମଳ କର୍ମୀ ଏବଂ କୁଟ୍ କର୍ମଚାରୀମାନଙ୍କୁ ନିଷ୍ଠାପର କାର୍ଯ୍ୟ ପାଇଁ ଧନ୍ୟବାଦ ଓ ଅଭିନନ୍ଦନ ଜଣାଇଥିଲେ। ମୁଖ୍ୟମନ୍ତ୍ରୀ ଫୁଲବାଣୀ ପୌର ପରିଷଦର ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀ ରୁନୁ ପ୍ରଧାନଙ୍କ ସହିତ ଘର ନିର୍ମାଣ ସମ୍ପର୍କରେ ଆଲୋଚନା କରି ଧାର୍ଯ୍ୟ ସମୟସୀମା ଭିତରେ ଘର ସମ୍ପୂର୍ଣ୍ଣ କରିଥିବାରୁ ପ୍ରଶଂସା କରିଥିଲେ।

ଏହି ଅବସରରେ ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର ସ୍ୱାୟତ୍ତ ଶାସନ ଦିବସର ଶୁଭେଚ୍ଛା ଜଣାଇ କହିଥିଲେ ଯେ, ଆମ ସରକାର ଦାୟିତ୍ୱ ନେବା ପରେ ୨୮ଟି ନୂତନ ବିଜ୍ଞାପିତ ଅଞ୍ଚଳ ପରିଷଦ, ୭ଟି ନୂତନ ପୌର ପରିଷଦ ଗଠନ ସହିତ ପୁରୀକୁ ମହାନଗର ନିଗମର ମାନ୍ୟତା ପ୍ରଦାନ କରାଯାଇଛି। ଆମେ କେବଳ ରାଜ୍ୟର ବଡ ସହର ନୁହେଁ, ଛୋଟ ଛୋଟ ଏନଏସି ଓ ମ୍ୟୁନିସିପାଲିଟି ଅଞ୍ଚଳ ଗୁଡିକର ସହରୀୟ ଭିତ୍ତିଭୂମି ବିକାଶକୁ ମଧ୍ୟ ସମାନ ଗୁରୁତ୍ୱ ଦେଉଛୁ ବୋଲି କହି ସ୍ୱଚ୍ଛ ଓଡିଶା, ନିଶାମୁକ୍ତ ଓଡିଶା ଗଠନ ପାଇଁ ସମସ୍ତଙ୍କୁ ଆହ୍ୱାନ କରିଥିଲେ।

ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ ସ୍ୱାୟତ୍ତ ଶାସନ ଦିବସର ଶୁଭେଚ୍ଛା ଜଣାଇ ଭୁବନେଶ୍ୱରକୁ ଶିକ୍ଷା, ସ୍ୱାସ୍ଥ୍ୟ ଓ ଜୀବିକା ଅର୍ଜନ କ୍ଷେତ୍ରରେ ଏକ ଶ୍ରେଷ୍ଠ ସହର ଭାବେ ଗଢି ତୋଳିବା ପାଇଁ ଆହ୍ୱାନ ଦେଇଥିଲେ।

ଭୁବନେଶ୍ୱର ମହାନଗର ନିଗମର ମେୟର ସୁଲୋଚନା ଦାସ କହିଥିଲେ ଯେ, ସହରାଞ୍ଚଳବାସୀଙ୍କ ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନା ପ୍ରଣୟନ କରାଯାଇଛି। ସହରାଞ୍ଚଳବାସୀଙ୍କ ସହଯୋଗରେ ହିଁ ସହରାଞ୍ଚଳର ବିକାଶ ସମ୍ଭବ ହେବ ବୋଲି ସେ କହିଥିଲେ।

ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଥିଲେ ଯେ, ୨୦୩୬ ସୁଦ୍ଧା ରାଜ୍ୟରେ ସହରୀକରଣ ୪୦ ପ୍ରତିଶତ ଓ ୨୦୪୭ ସୁଦ୍ଧା ୬୦ ପ୍ରତିଶତ କରିବା ପାଇଁ ଆମର ଲକ୍ଷ୍ୟ ରହିଛି।

କାର୍ଯ୍ୟକ୍ରମରେ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢୀ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ପୌର ପ୍ରଶାସନର ନିର୍ଦ୍ଦେଶକ ଅରିନ୍ଦମ୍ ଡାକୁଆ ଧନ୍ୟବାଦ ଦେଇଥିଲେ।

# ଏସ୍‌ବିଆଇ ଜେନେରାଲ୍ ଇନସ୍ୟୁରାନ୍ସର ୨୦୨୬-୨୭ ଆର୍ଥିକ ବର୍ଷରେ ଜିଡିପିଆଇରେ ୧୦.୯% ବୃଦ୍ଧି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ଦେଶର ଅଗ୍ରଣୀ ସାଧାରଣ ବୀମା କମ୍ପାନି ଏସବିଆଇ ଜେନେରାଲ୍ ଇନସ୍ୟୁରାନ୍ସ ୨୦୨୬-୨୭ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ଅଭିବୃଦ୍ଧି ଧାରା ବଜାୟ ରଖିଛି। ବିବିଧ ପୋର୍ଟଫୋଲିଓ, ଶୃଙ୍ଖଳିତ କାର୍ଯ୍ୟକାରିତା ଓ ଏକ ଦୃଢ଼ ପୁଞ୍ଜି ସ୍ଥିତି ଜରିଆରେ ପୟମୁଖ ବର୍ଗରେ କମ୍ପାନି ଏହାର ବ୍ୟବସାୟକୁ ସୁଦୃଢ଼ କରିବା ଜାରି ରଖିଛି। ମୋଟ୍ ପ୍ରତ୍ୟେକ୍ଷ ପ୍ରିମିୟମ (ଜିଡିପିଆଇ) ଆୟ ବାର୍ଷିକ ୧୦.୯ ପ୍ରତିଶତ ବୃଦ୍ଧି ପାଇ ୩୫୦୬ କୋଟି ଟଙ୍କା ହୋଇଛି। ଉଭୟ ଖୁଚୁରା ଓ ବାଣିଜ୍ୟିକ କ୍ଷେତ୍ରରୁ ଦୃଢ଼ ଅବଦାନ ସହିତ ବ୍ୟବସାୟ ପୋର୍ଟଫୋଲିଓରେ ଏସବିଆଇ ଜେନେରାଲ୍ ଇନସ୍ୟୁରାନ୍ସ ବ୍ୟାପକତା ଗଠନ କରିବା ଜାରି ରଖିଛି। ଏହି ତ୍ରୈମାସିକରେ ସ୍ୱାସ୍ଥ୍ୟ ୪୯.୯ ପ୍ରତିଶତ ଓ ପିଏ ୨୬.୩ ପ୍ରତିଶତ ବଢ଼ିଛି ଏବଂ ଇଞ୍ଜିନିୟରିଂ ଓ ମେରାଇନ କାର୍ଗୋ ୯୫.୪ ପ୍ରତିଶତ ଓ ୧୬.୮ ପ୍ରତିଶତ ବୃଦ୍ଧି ପାଇଛି। ବିଭିନ୍ନ କ୍ଷେତ୍ରରେ ବ୍ୟାପକ ପ୍ରଦର୍ଶନ ଉଭୟ ଖୁଚୁରା ଓ ବାଣିଜ୍ୟିକ ବ୍ୟବସାୟରେ ବ୍ୟାପକତା ଗଠନ କରିବା ଉପରେ କମ୍ପାନିର ଗୁରୁତ୍ୱକୁ ଜଣାଉଛି। ବ୍ୟବସାୟ ସମ୍ପ୍ରସାରଣ ଓ ଆର୍ଥିକ ଶୃଙ୍ଖଳା ମଧ୍ୟରେ ସଠିକ୍ ସନ୍ତୁଳନ ବଜାୟ ରଖି କମ୍ପାନି ଏହାର ପ୍ରଦର୍ଶନ ଜାରି ରଖିଛି। ଏସବିଆଇ ଜେନେରାଲ ଇନସ୍ୟୁରାନ୍ସର ବ୍ୟାପକ ଆୟ ୫୭୩ କୋଟି ଟଙ୍କା ଓ ଟିପସ ପରବର୍ତ୍ତୀ ଲାଭ (ପିଏଟି) ୪୨୬ କୋଟି ଟଙ୍କା ରହିଛି। ପ୍ରଥମ ତ୍ରୈମାସିକରେ ଏସବିଆଇ ଜେନେରାଲ ଇନସ୍ୟୁରାନ୍ସର ସଲଭେନ୍ସି ଅନୁପାତ ୨.୦ ଗୁଣା ଓ ମିଳିତ ପରିଚାଳନା ଅନୁପାତ (ସିଓଆର୍) ୯୬.୧୮ ପ୍ରତିଶତ ରହିଛି ଯାହା ଦୃଢ଼ ପୁଞ୍ଜି ସ୍ଥିତିକୁ ଦର୍ଶାଉଛି ଓ କମ୍ପାନିର ଅଭିବୃଦ୍ଧି ଆକାଂକ୍ଷା ପାଇଁ ଦୃଢ଼ ମୂଳଦୁଆ ପ୍ରଦାନ କରୁଛି। ନୂତନ ଭାବେ ଗ୍ରହଣୀୟ ହୋଇଥିବା ଇଣ୍ଡ୍ ଏଏସ୍ ଫ୍ରେମ୍‌ୱର୍କ ଅଧୀନରେ ଏସବିଆଇ ଜେନେରାଲ ଇନସ୍ୟୁରାନ୍ସ ଏହାର ଆର୍ଥିକ ଫଳାଫଳ ଘୋଷଣା କରିଛି।

ଏସବିଆଇ ଜେନେରାଲ ଇନସ୍ୟୁରାନ୍ସର ଏମଡି ଓ ସିଇଓ ଶ୍ରୀ ନବୀନ ଚନ୍ଦ୍ର ଝା କହିଛନ୍ତି ଯେ, "ସବୁ ପ୍ରମୁଖ ମାନଦଣ୍ଡରେ ନିରନ୍ତର ଅଭିବୃଦ୍ଧି ସହ ୨୦୨୬-୨୭ ଆର୍ଥିକ ବର୍ଷକୁ ଆମେ ଦୃଢ଼ ଭାବେ ଆରମ୍ଭ କରିଛୁ। ଆମେ ଦୃଢ଼ ମୁଳଦୁଆ ଗଠନ କରିଛୁ ଓ ବର୍ଷତମାମ ସେହି ଅଭିବୃଦ୍ଧି ଧାରା ବଜାୟ ରଖିବାକୁ ଆଶା ରଖିଛୁ। ୨୦୨୬-୨୭ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ଆମର ଜିଡିପିଆଇ ୩୫୦୬ କୋଟାଇ ଟଙ୍କା ଓ ବ୍ୟାପକ ଆୟ ୫୭୩ କୋଟି ଟଙ୍କା ରହିଛି ଯାହା ଗ୍ରାହକ ବିଶ୍ୱାସ ଓ ଦ୍ରୁତ କାର୍ଯ୍ୟକ୍ଷମତା ସହିତ ସନ୍ତୁଳିତ ଅଭିବୃଦ୍ଧି ଓ ଲାଭ ଉପରେ ଆମର ଗୁରୁତ୍ୱକୁ ପ୍ରତିଫଳିତ କରୁଛି। ଆମ ଦକ୍ଷତାକୁ ଆହୁରି ସୁଦୃଢ଼ କରିବା ଓ ଆମ ଗ୍ରାହକମାନଙ୍କ ପାଇଁ ଯାହା ଗୁରୁତ୍ୱ ରଖୁଛି ତାହାକୁ ସୁରକ୍ଷିତ ରଖିବା ପାଇଁ ଆମ ପ୍ରତିଶ୍ରୁତି ପାଳନ କରିବାକୁ ଆମେ ପ୍ରତିବଦ୍ଧ ରହିଛୁ।''

ଏସବିଆଇ ଜେନେରାଲ୍ ଇନସ୍ୟୁରାନ୍ସର ସିଏଫ୍ଓ ଶ୍ରୀ ଜିତେନ୍ଦ୍ର ଆତ୍ରା କହିଛନ୍ତି ଯେ, "ସାଧାରଣ ବୀମା କମ୍ପାନି ମଧ୍ୟରେ ଇଣ୍ଡ୍ ଏଏସ୍ ଫ୍ରେମ୍‌ୱର୍କକୁ ଗ୍ରହଣ କରିବାରେ ଆମେ ପ୍ରଥମ ଯାହା ଆମ ଆର୍ଥିକ ରିପୋର୍ଟିଂ ଯାତ୍ରାରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟକୁ ଦର୍ଶାଉଛି ଏବଂ ତାହା ଆମ ଅଂଶୀଦାରମାନଙ୍କ ପାଇଁ ସ୍ୱଚ୍ଛତା ଓ ତୁଳନାରେ ଆହୁରି ଉନ୍ନତି ଆଣିପାରିବ। ୨୦୨୬-୨୭ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ଆମେ ଦୃଢ଼ ୧୭.୪ ପ୍ରତିଶତର ବ୍ୟାପକ ଅଭିବୃଦ୍ଧି ହାସଲ କରିଥିବା ବେଳେ ବ୍ୟାପକ ଭାବେ ଆର୍ଥିକ ଶୃଙ୍ଖଳାକୁ ବଜାୟ ରଖିବା ଉପରେ ଆମେ ଗୁରୁତ୍ୱାରୋପ କରୁଛୁ। ୨.୦ ଗୁଣାର ସଲଭେନ୍ସି ଅନୁପାତ ସହିତ ନିରନ୍ତର ଅଭିବୃଦ୍ଧିକୁ ବଜାୟ ରଖିବା ସହିତ ଆର୍ଥିକ ଦୃଢ଼ତା ଓ ଶୃଙ୍ଖଳା ବଜାୟ ରଖିଛୁ।'' ୨୦୨୬-୨୭ ଆର୍ଥିକ ବର୍ଷ ଜାରି ରହିଥିବା ବେଳେ କମ୍ପାନି ଶୃଙ୍ଖଳାକୁ ବଜାୟ ରଖିବା, ଅଣ୍ଡରରାଇଟିଂକୁ ସୁଦୃଢ଼ କରିବା ଏବଂ ପରିଚାଳନା ଦକ୍ଷତାକୁ ବଢ଼ାଇବା ଉପରେ ଏହାର ଧ୍ୟାନ ବଜାୟ ରଖିଛି। ଏକ ବର୍ଦ୍ଧିତ ଓ ବିବିଧ ପୋର୍ଟଫୋଲିଓ, ଦୃଢ଼ ପୁଞ୍ଜି ସ୍ଥିତି ଏବଂ ପ୍ରଯୁକ୍ତି ଓ ବିତରଣରେ ନିରନ୍ତର ନିବେଶ ସହିତ ଏସବିଆଇ ଜେନେରାଲ ଇନସ୍ୟୁରାନ୍ସ ଏହି ଧାରାକୁ ନିରନ୍ତର ବଜାୟ ରଖିବା, ବୀମା ସାନ୍ଦ୍ରତା ବଢ଼ାଇବା ଏବଂ ଭାରତରେ ଉଦୀୟମାନ ସାଧାରଣ ବୀମା ଦୃଶ୍ୟପଟ୍ଟକୁ ସୁଦୃଢ଼ କରିବା ପାଇଁ ଭଲ ସ୍ଥିତିରେ ରହିଛି।

# ଆଇପିଏସ୍ ଅଧିକାରୀ ସଫିନ୍ ଅହମ୍ମଦ କେ.ଙ୍କ ଅକାଳ ବିୟୋଗରେ ମୁଖ୍ୟମନ୍ତ୍ରୀ ଓ ନବୀନଙ୍କ ଶୋକ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଆଇପିଏସ ଅଧିକାରୀ ଶେଫିନ୍ ଅହମ୍ମଦ କେ ଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୋକ ପ୍ରକାଶ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆଇପିଏସ ଅଧିକାରୀ ସିଆଇଡି, ସିବିର ଆଇଜି ଅଫ୍ ପୋଲିସ୍‌ଶ୍ରୀ ଶେଫିନ୍ ଅହମ୍ମଦ କେ.ଙ୍କ ଅକାଳ ବିୟୋଗରେ ମୁଁ ଗଭୀର ଭାବେ ମର୍ମାହତ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟ ତଥା ଓଡ଼ିଶା ପୋଲିସ୍‌ପ୍ରତି ତାଙ୍କର ନିଷ୍ଠାପୂର୍ଣ୍ଣ ସେବା ସର୍ବଦା ସ୍ମରଣୀୟ ହୋଇ ରହିବ। ତାଙ୍କ ପରିବାର, ସହକର୍ମୀ ଏବଂ ପ୍ରିୟଜନଙ୍କ ପ୍ରତି ମୋର ହୃଦୟରୁ ସମବେଦନା। ଈଶ୍ୱର ତାଙ୍କ ଆତ୍ମାକୁ ଶାନ୍ତି ପ୍ରଦାନ କରନ୍ତୁ।
ସେହିପରି ଅସୁସ୍ଥତା ଯୋଗୁଁ ଓଡ଼ିଶା କ୍ୟାଡର ଆଇପିଏସ୍ ଅଧିକାରୀ ସଫିନ୍ ଅହମ୍ମଦ କେ.ଙ୍କ ଅକାଳ ବିୟୋଗରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି। ଏକ ଶୋକ ବାର୍ତ୍ତାରେ ନବୀନ କହିଛନ୍ତି ଓଡ଼ିଶା ପୋଲିସ ପ୍ରତି ତାଙ୍କର ସମର୍ପଣ ଏବଂ ଜଣେ ଅଧିକାରୀ ଭାବରେ ତାଙ୍କର ଆନ୍ତରିକତା ସର୍ବଦା ମନେ ରହିବ। ଏହି ଦୁଃଖଦ କ୍ଷତି ପାଇଁ ତାଙ୍କ ପରିବାର ଏବଂ ବନ୍ଧୁମାନଙ୍କ ପ୍ରତି ମୋର ଗଭୀର ସମବେଦନା ରହିଛି ।

# ଆୟଠାରୁ ଅଧିକ ସମ୍ପତ୍ତି ମାମଲାରେ ପୂର୍ବତନ ମୃତ୍ତିକା ସଂରକ୍ଷଣ ଅଧିକାରୀ ଦୋଷୀ ସାବ୍ୟସ୍ତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଦୁର୍ନୀତି ବିରୋଧୀ ଅଭିଯାନରେ ଓଡ଼ିଶା ଭିଜିଲାନ୍ସକୁ ଏକ ବଡ଼ ସଫଳତା ମିଳିଛି। ବୌଦ୍ଧ ଜିଲ୍ଲା ପୁରୁଣାକଟକର ପୂର୍ବତନ ମୃତ୍ତିକା ସଂରକ୍ଷଣ ଅଧିକାରୀ କାର୍ତ୍ତିକେଶ୍ୱର ସାହୁଙ୍କୁ ଆୟ ବହିର୍ଭୁତ ସମ୍ପତ୍ତି ଠୁଳ କରିବା ମାମଲାରେ ଦୋଷୀ ସାବ୍ୟସ୍ତ କରାଯାଇଛି। ଓଡ଼ିଶା ଭିଜିଲାନ୍ସର ସୂଚନା ଅନୁଯାୟୀ, ଅବସରପ୍ରାପ୍ତ ଅଧିକାରୀ ସାହୁଙ୍କ ବିରୋଧରେ ତାଙ୍କ ଜଣାଶୁଣା ଆୟର ଉତ୍ସଠାରୁ ଅଧିକ ସମ୍ପତ୍ତି ରଖିଥିବା ଅଭିଯୋଗରେ ଦୁର୍ନୀତି ନିବାରଣ ଆଇନ, ୧୯୮୮ର ଧାରା ୧୩(୨) ସହ ଧାରା ୧୩(୧)(ଇ) ଅନୁଯାୟୀ ମାମଲା ରୁଜୁ କରାଯାଇ ଚାର୍ଜସିଟ୍ ଦାଖଲ କରାଯାଇଥିଲା। ମାମଲାର ଶୁଣାଣି ପରେ ଫୁଲବାଣୀର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ୩୧ ଅଗଷ୍ଟ ୨୦୨୬ରେ କାର୍ତ୍ତିକେଶ୍ୱର ସାହୁଙ୍କୁ ଦୋଷୀ ସାବ୍ୟସ୍ତ କରି ଏକ ବର୍ଷ କଠୋର କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ଅଦାଲତ ତାଙ୍କ ଉପରେ ୫୦ ହଜାର ଟଙ୍କା ଜରିମାନା ମଧ୍ୟ ଲାଗୁ କରିଛନ୍ତି।

# ଆଦିତ୍ୟ ଆଲୁମିନିୟମ ପକ୍ଷରୁ ଜାତୀୟ କ୍ରୀଡ଼ା ଦିବସ ପାଳନ ଅବସରରେ ଇଣ୍ଟର ସ୍କୁଲ୍ ବାଳିକା ଫୁଟବଲ୍ ଟୁର୍ଣ୍ଣାମେଣ୍ଟ



**ସମ୍ବଲପୁର ନ୍ୟୁଜ୍ ବ୍ୟୁରୋ**

ଆଦିତ୍ୟ ଆଲୁମିନିୟମ, ଲପଙ୍ଗା ତାର ଗୋଷ୍ଠୀ ଉନ୍ନୟନ କାର୍ଯ୍ୟକ୍ରମ ପ୍ରକଳ୍ପ 'ଲକ୍ଷ୍ୟ' ଅଧୀନରେ ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଥିଲା। ଏହି ଅବସରରେ ଆଦିତ୍ୟ ଆଲୁମିନିୟମ୍, ଲପଙ୍ଗା ପକ୍ଷରୁ ଲୁଧାପାଲି ଖେଳ ପଡ଼ିଆରେ ଇଣ୍ଟର ସ୍କୁଲ ବାଳିକା ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୮ଟି ବିଦ୍ୟାଳୟର ଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ଅଂଶ ଗ୍ରହଣ କରିଥିବା ବିଦ୍ୟାଳୟ ଗୁଡ଼ିକ ହେଲା ସରକାରୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟ, ଲପଙ୍ଗା, ସରକାରୀ ଉଚ୍ଚବିଦ୍ୟାଳୟ, ଲହମଣି, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ରେଙ୍ଗାଲି, ସରକାରୀ ଉନ୍ନତ ଉଚ୍ଚ ବିଦ୍ୟାଳୟ ଗୁଲାମାଲ୍, ସରକାରୀ ଉଚ୍ଚ ବିଦ୍ୟାଳୟ, କତରବଗା ଏବଂ ପିଏମ୍ ନିୟୁ ରମ୍ପେଲା ଉଚ୍ଚ ବିଦ୍ୟାଳୟ ରେଙ୍ଗାଲି, ଆର୍ ସି ନଗର ଉଚ୍ଚବିଦ୍ୟାଳୟ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ରେଙ୍ଗାଲି, ବାଳିକା ଦଳ ଅଂଶଗ୍ରହଣ କରିଥିଲେ।
ଟୁର୍ଣ୍ଣାମେଣ୍ଟର ଫାଇନାଲ୍ ମ୍ୟାଚ୍‌ରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ,ଲପଙ୍ଗା ଓ ଆଦିତ୍ୟ ଉଦୟ ସ୍ପୋର୍ଟସ୍ କ୍ଲବ, ଲପଙ୍ଗା ମଧ୍ୟରେ ରୋମାଞ୍ଚକର ମୁକାବିଲା ହୋଇଥିଲା। ଏଥିରେ ଆଦିତ୍ୟ ଉଦୟ ସ୍ପୋର୍ଟସ୍ କ୍ଲବ୍ ଲପଙ୍ଗା ଦଳ ଏକମାତ୍ର ଗୋଲ୍‌ରେ ୧-୦ ବ୍ୟବଧାନରେ ବିଜୟୀ ହୋଇ ଚାମ୍ପିୟନ୍ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ୍ ଶିକ୍ଷା କାର୍ଯ୍ୟାଳୟର କିରାଣୀ ତଥା ଭଲିବଲ୍ ଜାତୀୟ ସ୍ତରର ରେଫରୀ ସନ୍ତୋଷ ପଧାନ ଏବଂ ବ୍ୟାଡମିଣ୍ଟନ୍ ରାଜ୍ୟସ୍ତରୀୟ ରେଫରୀ ବାବୁଲୁ ପଧାନ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ଆଦିତ୍ୟ ଆଲୁମିନିୟମ୍, ଲପଙ୍ଗାର ସିଆସର୍ ରବି ନିୱାସ ଏବଂ ସିଏସଆର୍ ବିଭାଗର ସଦସ୍ୟମାନେ ଉପସ୍ଥିତ ରହି ଆୟୋଜନକୁ ସଫଳ କରିଥିଲେ। ମ୍ୟାଚ୍ ପରିଚାଳନାରେ ବର୍ଣ୍ଣି ଓରାମ, ଆଦିତ୍ୟ ଓରାମ, ଓ ଅଲେଖ ଓରାମମ୍ୟାଚ୍ ଅଫିସିଆଲ୍ ଭାବେ ଦାୟିତ୍ୱ ନିର୍ବାହ କରିବା ସହିତ ଶ୍ରୀ ଜଗଦୀଶ ଧାରା ବିବରଣୀ ଦାୟିତ୍ୱ ତୁଲାଇଥିଲେ । ଆର୍ ଆର୍ କଲୋନୀର ଆନନ୍ଦ ଓରାମ ଏଥିରେ ସହଯୋଗ କରିଥିଲେ । ଏହି ଟୁର୍ଣ୍ଣାମେଣ୍ଟ ମାଧ୍ୟମରେ ଅଞ୍ଚଳର ବାଳିକାମାନଙ୍କ ମଧ୍ୟରେ ଫୁଟବଲ୍ ପ୍ରତି ଆଗ୍ରହ ବୃଦ୍ଧି ସହିତ ଖେଳ ପ୍ରତିଭାର ବିକାଶ ଓ ମହିଳା ସଶକ୍ତିକରଣକୁ ଉତ୍ସାହିତ କରାଯାଇଛି। ଆଦିତ୍ୟ ଆଲୁମିନିୟମ ଲପଙ୍ଗା ପକ୍ଷରୁ ହେଉଥିବା ଏପରି ଜନହିତକ କାର୍ଯ୍ୟ ପାଇଁ ସ୍ଥାନୀୟ ଅଧିବାସୀ ବହୁତ୍ ପ୍ରଶଂସା କରିଥିଲେ।

# ମହିଳାଙ୍କୁ ସୁରକ୍ଷା ପ୍ରଦାନ କ୍ଷେତ୍ରରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ: ବିଜେଡି

**ଭୁବନେଶ୍ୱର , ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ମହିଳାମାନଙ୍କୁ ସୁରକ୍ଷା ପ୍ରଦାନରେ ରାଜ୍ୟ ବିଜେପି ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି ଅଭିଯୋଗ କରି ବିଜୁ ଜନତା ଦଳ ଆଜି ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି ।
ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ, ବିଜୁ ଜନତା ଦଳର ସାଧାରଣ ସମ୍ପାଦିକା ଶ୍ରୀମତୀ ଗୀତା ବସ୍ତିଆ ଓ ଜଗତସିଂହପୁର ଜିଲ୍ଲା ମହିଳା ସଭାପତି ଶ୍ରୀମତୀ ଲୋରା ମହାପାତ୍ର ରାଜ୍ୟରେ ମହିଳା ସୁରକ୍ଷା ବିପର୍ଯ୍ୟସ୍ତ ହୋଇ ପଡିଛି ବୋଲି ଅଭିଯୋଗ କରିଥିଲେ । ଶ୍ରୀମତୀ ଗୀତା ବସ୍ତିଆ କହିଥିଲେ, ରାଜ୍ୟରେ ମହିଳାମାନଙ୍କର ସୁରକ୍ଷା ଆଜି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସାମାଜିକ ଗଣମାଧ୍ୟମରେ ନିଜ ମତ ରଖିବାରେ ସକ୍ରିୟ ଥିବା ଶ୍ରାବଣୀ ପ୍ରିୟଦର୍ଶିନୀଙ୍କୁ ଦୁଇ ଜଣ ଅସାମାଜିକ ବ୍ୟକ୍ତି ନିୟମିତ ଭାବେ ଗାଳିଗୁଲଜ କରୁଛନ୍ତି ଓ ଅଶାଳୀନ ମନ୍ତବ୍ୟ ଦେଇଛନ୍ତି । ସାମାଜିକ ଗଣମାଧ୍ୟମରେ ତାଙ୍କର ଚରିତ୍ର ସଂହାର କରୁଥିବା ଯୁବକମାନଙ୍କ ବିରୋଧରେ ଶ୍ରାବଣୀ ଏକ ଏଫ୍‌ଆଇଆର୍ ଦେଇଛନ୍ତି । କିନ୍ତୁ, ଦୁଇ ମାସ ବିତି ଯାଇଥିଲେ ସୁଦ୍ଧା ତାଙ୍କୁ ନ୍ୟାୟ ଦିଆଯାଇ ନାହିଁ । ଶ୍ରାବଣୀ ବର୍ତ୍ତମାନ ଗୋଟିଏ ମାନହାନୀ ମାମଲା କରିଛନ୍ତି। କିନ୍ତୁ, ଏଥିରେ ମଧ୍ୟ ତାଙ୍କୁ କୌଣସି ସୁଫଳ ମିଳିପାରି ନାହିଁ। ଶ୍ରୀମତୀ ଲୋରା ମହାପାତ୍ର କହିଥିଲେ, ଦୁଃଖ ଓ ପରିତାପର ବିଷୟ ଯେ ରାଜ୍ୟରେ ମହିଳାମାନଙ୍କ ଅଧିକାରକୁ ଚାପି ଦିଆଯାଉଛି । ଶ୍ରାବଣୀ ଜଣେ ଉଚ୍ଚଶିକ୍ଷିତା ମହିଳା ହୋଇଥିବା ବେଳେ ତାଙ୍କ ବିରୋଧରେ ଦୁଇ ଜଣ ଯୁବକ ଅଶାଳୀନ ମନ୍ତବ୍ୟ ଦେଇ ତାଙ୍କ ଚରିତ୍ର ସଂହାର କରି ଚାଲିଛନ୍ତି । ସେ ଏଫ୍‌ଆଇଆର୍ ଦେଇଛନ୍ତି, କିନ୍ତୁ ପୋଲିସ୍ କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନାହିଁ । କାହା ଚାପରେ ପୋଲିସ ନିରବ ରହିଛି । ରାଜ୍ୟ ବିଜେପି ସରକାର ମହିଳା ମାନଙ୍କୁ ସୁରକ୍ଷା ପ୍ରଦାନ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ମହିଳାଙ୍କ ବାକ ସ୍ୱାଧୀନତା ଯଦି ନରହିବ ତାହେଲେ ମହିଳା ମାନେ ସଶକ୍ତ ହେବେ କିପରି ? ବିଜେପି ନାରୀ ବନ୍ଦନା କଥା କହୁଛି । ଏହା କଣ ତାଙ୍କର ନାରୀ ଶକ୍ତି ବନ୍ଦନା । ରାଜ୍ୟରେ ମହିଳାଙ୍କ ବିରୋଧରେ ଅପରାଧ ଅହେତୁକ ବୃଦ୍ଧି ପାଇଛି । ବିଜେପି କ୍ଷମତାକୁ ଆସିବା ପରେ, ଗତ ଦୁଇ ବର୍ଷରେ ରାଜ୍ୟରେ ୪୧,୦୦୦ରୁ ଉଦ୍ଧ୍ୱର୍ ମହିଳା ନିର୍ଯାତନା ଓ ବିଭିନ୍ନ ଅପରାଧର ଶିକାର ହୋଇଛନ୍ତି । ରାଜ୍ୟ ସରକାର ତୁରନ୍ତ ଶ୍ରାବଣୀଙ୍କୁ ନ୍ୟାୟ ପ୍ରଦାନ କରନ୍ତୁ ।

# ରାଉରକେଲା ମହାନଗର ନିଗମରେ ସ୍ୱାୟତ୍ତ ଶାସନ ଦିବସ ପାଳିତ



**ରାଉରକେଲା, ନ୍ୟୁଜ୍ ବ୍ୟୁରୋ**

ଗତ ୩୧ ତାରିଖ ରାଉରକେଲା ମହାନଗର ନିଗମ ତରଫରୁ ସ୍ୱାୟତ୍ତ ଶାସନ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ଆରଏମସି ତରଫରୁ ବିଭିନ୍ନ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଥିଲା। ରାଉରକେଲା ମହାନଗର ନିଗମ ଆୟୁକ୍ତ ସୁଶ୍ରୀ ଦୀନା ଦସ୍ତଗୀର୍ ସ୍ଥାନୀୟ ମଧୁସୂଦନ ମାର୍ଗ ଠାରେ ଥିବା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ରାଉରକେଲା ମହାନଗର ନିଗମ କାର୍ଯ୍ୟାଳୟ ପରିସରରେ ଜାତୀୟ ପତାକା ଉତ୍ତୋଳନ କରାଯିବା ସହ ସମବେତ କର୍ମଚାରୀ ଓ ଅଧିକାରୀମାନେ ଜାତୀୟ ସଙ୍ଗୀତ ଗାନ କରିଥିଲେ। ସ୍ୱାୟତ୍ତ ଶାସନ ଦିବସକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଏକ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ମାନ୍ୟବର ବିଧାୟକ ରାଉରକେଲା ଶ୍ରୀଯୁକ୍ତ ସାରଦା ପ୍ରସାଦ ନାୟକ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଏକ ସୁସ୍ଥ ଓ ସ୍ୱଚ୍ଛ ରାଉରକେଲା ଗଠନ ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ଏଥିରେ ମହାନଗର ନିଗମର କର୍ମଚାରୀମାନେ ସେମାନଙ୍କ ପ୍ରତିଭା ପ୍ରଦର୍ଶନ ପୂର୍ବକ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିଥିଲେ। ଏହି ଅବସରରେ ରାଜ୍ୟ ସ୍ତରୀୟ ସ୍ୱାୟତ୍ତ ଶାସନ ଦିବସ ସମାରୋହର ସିଧାପ୍ରସାରଣ କରାଯାଇଥିଲା। ସ୍ୱାୟତ୍ତ ଶାସନ ଦିବସ ଅବ୍ୟବହିତ ପୂର୍ବରୁ ରାଉରକେଲା ମହାନଗର ନିଗମ ତରଫରୁ ବିବିଧ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଥିଲା। ମହାନଗର ନିଗମର କର୍ମଚାରୀ ମାନଙ୍କ ମଧ୍ୟରେ କ୍ରିକେଟ, ଫୁଟବଲ୍, ଚେସ୍, ଲୁଡୁ, କବାଡ଼ି, ରଙ୍ଗୋଲି, ଗୁପଚୁପ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ସମାରୋହରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରାଉରକେଲା ମହାନଗର ନିଗମ ଯୁଗ୍ମ ଆୟୁକ୍ତ ଶ୍ରୀମତୀ ପଲ୍ଲବୀ ନାୟକ, ଉପ ପୌରାୟୁକ୍ତ ଶ୍ରୀମତୀ ଅନୀତା ନାଏକ, ଉପ ପୌରାୟୁକ୍ତ ଶ୍ରୀଯୁକ୍ତ ତରୁଣ କାନ୍ତ, ଉପ ପୌରାୟୁକ୍ତ ଶ୍ରୀଯୁକ୍ତ ବିଶ୍ୱରଞ୍ଜନ ମଲ୍ଲିକ, ସହକାରୀ ଆୟୁକ୍ତ ଅଜିତ କୁମାର ପଟ୍ଟନାୟକଙ୍କ ସହ ଆରଏମସିର ଅଧିକାରୀ ଓ କର୍ମଚାରୀଙ୍କ ସହ ସ୍ୱଚ୍ଛସାଥୀ, ସ୍ୱଚ୍ଛ ସୁପରଭାଇଜର, ସଫେଇ କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ।

# ବରିଷ୍ଠ ଆଇପିଏସ୍ ଅଧିକାରୀ ସେଫିନ ଅହମ୍ମଦ କେ.ଙ୍କ ବିୟୋଗରେ ଓଡ଼ିଶା ପୋଲିସର ଶୋକ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବରିଷ୍ଠ ଆଇପିଏସ୍ ଅଧିକାରୀ ତଥା ଆଇଜିପି (କ୍ରାଇମବ୍ରାଞ୍ଚ) ସେଫିନ ଅହମ୍ମଦ କେ.ଙ୍କ ଅକାଳ ବିୟୋଗରେ ଓଡ଼ିଶା ପୋଲିସ ମହଲରେ ଗଭୀର ଶୋକର ଛାୟା ଖେଳିଯାଇଛି। ତାଙ୍କ ବିୟୋଗରେ ଆଇପିଏସ ସଂଘର ସଭ୍ୟ/ ସଭ୍ୟାମାନେ ଗଭୀର ମର୍ମାହତ ହୋଇଛନ୍ତି। ଏହି ଅବସରରେ ସୋମବାର ଅପରାହ୍ନରେ ଭୁବନେଶ୍ୱରସ୍ଥିତ ପୋଲିସ ଭବନଠାରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ରଙ୍କ ଅଧକ୍ଷତାରେ ଏକ ଶୋକସଭା ଆୟୋଜନ କରାଯାଇ ସ୍ୱର୍ଗତଃ ସେଫିନଙ୍କ ସ୍ମୃତିଚାରଣ କରାଯାଇଥିଲା। ଏହି ଅବସରରେ ସ୍ୱର୍ଗତଃ ସେଫିନଙ୍କ ଫଟୋଚିତ୍ରରେ ପୁଷ୍ପାର୍ଘ୍ୟ ଅର୍ପଣ କରାଯିବା ସହ ତାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ନିରବ ପ୍ରାର୍ଥନା କରାଯାଇଥିଲା। ଏଥିସହ ସଂଘ ପକ୍ଷରୁ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ଗଭୀର ସମବେଦନା ଜ୍ଞାପନ କରାଯାଇଥିଲା। ଶୋକ ସଭାକୁ ସମ୍ବୋଧନ କରି ଡିଜିପି ଶ୍ରୀ ମିଶ୍ର କହିଥିଲେ ଯେ, ସ୍ୱର୍ଗତ ସେଫିନ ଅହମ୍ମଦ ଜଣେ ଦକ୍ଷ, କର୍ମଠ ଏବଂ ସମର୍ପିତ ଆଇ.ପି.ଏସ୍ ଅଧିକାରୀ ଭାବେ ସୁନାମ ଅର୍ଜନ କରିଥିଲେ। ନିଜ ଦୀର୍ଘ ଚାକିରି ଜୀବନରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ରହି ସେ ଦକ୍ଷତାର ସହିତ କାର୍ଯ୍ୟ ନିର୍ବାହ କରି ଓଡିଶା ପୋଲିସର ମର୍ଯ୍ୟାଦା ତଥା ସୁନାମ ବଢ଼ାଇଥିଲେ। ତାଙ୍କ ବିୟୋଗ ସମାଜ ଏବଂ ପୋଲିସ ବିଭାଗ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ସେ କହିଥିଲେ। ସ୍ୱର୍ଗତ ସଫିନ ଅହମ୍ମଦଙ୍କ ସହ ଜଡିତ କିଛି ଅଭୁଲା ସ୍ମୃତିକୁ ମଧ୍ୟ ସେ ସ୍ମରଣ କରିବା ସହ ତାଙ୍କର ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇଥିଲେ ।



# ଯାତ୍ରୀଙ୍କ ସୁବିଧା ପାଇଁ ଏକାଧିକ ଟ୍ରେନରେ ଅତିରିକ୍ତ କୋଚ୍ ସଂଯୋଗ କଲା ପୂର୍ବତଟ ରେଳପଥ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଯାତ୍ରୀଙ୍କ ସମ୍ଭାବ୍ୟ ଅତିରିକ୍ତ ଭିଡ଼କୁ ଦୃଷ୍ଟିରେ ରଖି ପୂର୍ବତଟ ରେଳପଥ ପକ୍ଷରୁ ଏକାଧିକ ଟ୍ରେନରେ ସାମୟିକ ଭାବେ ଅତିରିକ୍ତ କୋଚ୍ ସଂଯୋଗ କରାଯାଉଛି। ଏହା ଦ୍ୱାରା ଯାତ୍ରୀଙ୍କ ପାଇଁ ଅତିରିକ୍ତ ଆସନ/ଶଯ୍ୟା ଉପଲବ୍ଧ ହେବା ସହ ଅଧିକ ସୁଗମ ଓ ଆରାମଦାୟକ ଯାତ୍ରା ସୁନିଶ୍ଚିତ କରିବାରେ ସହାୟତା ମିଳିବ।
ଏହି କ୍ରମରେ, ଟ୍ରେନ୍ ନମ୍ବର ୧୮୪୬୩ ଭୁବନେଶ୍ୱର-କେଏସଆର ବେଙ୍ଗାଲୁରୁ ପ୍ରଶାନ୍ତି ଏକ୍ସପ୍ରେସରେ ସେପ୍ଟେମ୍ବର ୧ରୁ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ଏବଂ ଟ୍ରେନ୍ ନମ୍ବର ୧୮୪୬୪ କେଏସଆର ବେଙ୍ଗାଲୁରୁ-ଭୁବନେଶ୍ୱରରେ ସେପ୍ଟେମ୍ବର ୨ରୁ ଅକ୍ଟୋବର ୧ ପର୍ଯ୍ୟନ୍ତ ଗୋଟିଏ ଲେଖାଏଁ ଥାର୍ଡ ଏସି କୋଚ୍ ସଂଯୋଗ କରାଯିବ।
ସେହିପରି, ଟ୍ରେନ୍ ନମ୍ବର ୧୨୮୧୯ ଭୁବନେଶ୍ୱର-ଆନନ୍ଦ ବିହାର ଟର୍ମିନାଲ ଓଡ଼ିଶା ସମ୍ପର୍କ କ୍ରାନ୍ତି ଏକ୍ସପ୍ରେସରେ ସେପ୍ଟେମ୍ବର ୨ରୁ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ଏବଂ ଟ୍ରେନ୍ ନମ୍ବର ୧୨୮୨୦ ଆନନ୍ଦ ବିହାର ଟର୍ମିନାଲ-ଭୁବନେଶ୍ୱରରେ ସେପ୍ଟେମ୍ବର ୪ରୁ ଅକ୍ଟୋବର ୨ପର୍ଯ୍ୟନ୍ତ ଗୋଟିଏ ଲେଖାଏଁ ଥାର୍ଡ ଏସି କୋଚ୍ ସଂଯୋଗ କରାଯିବ।
ଏହା ବ୍ୟତୀତ, ଟ୍ରେନ୍ ନମ୍ବର ୨୨୮୭୯ ଭୁବନେଶ୍ୱର-ତିରୁପତିରେ ସେପ୍ଟେମ୍ବର ୫ରୁ ସେପ୍ଟେମ୍ବର ୨୬, ପର୍ଯ୍ୟନ୍ତ ଏବଂ ଟ୍ରେନ୍ ନମ୍ବର ୨୨୮୮୦ ତିରୁପତି-ଭୁବନେଶ୍ୱରରେ ସେପ୍ଟେମ୍ବର ୬ରୁ ସେପ୍ଟେମ୍ବର ୨୭, ପର୍ଯ୍ୟନ୍ତ ଗୋଟିଏ ଲେଖାଏଁ ଥାର୍ଡ ଏସି କୋଚ୍ ସଂଯୋଗ କରାଯିବ।
ଆଂଚଳିକ ଟ୍ରେନଗୁଡ଼ିକରେ ବଢୁଥିବା ଯାତ୍ରୀ ଚାହିଦାକୁ ଦୃଷ୍ଟିରେ ରଖି ଟ୍ରେନ୍ ନମ୍ବର ୧୮୩୦୧ ସମ୍ବଲପୁର-ରାୟଗଡ଼ା ଏବଂ ୧୮୩୦୨ ରାୟଗଡ଼ା-ସମ୍ବଲପୁରରେ ସେପ୍ଟେମ୍ବର ୧ରୁ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ଗୋଟିଏ ଲେଖାଏଁ ଏସି ଚେୟାର କାର୍ କୋଚ୍ ସଂଯୋଗ କରାଯିବ।
ସେହିପରି, ଟ୍ରେନ୍ ନମ୍ବର ୧୮୪୪୭ ଭୁବନେଶ୍ୱର-ଜଗଦଲପୁର ହୀରାଖଣ୍ଡ ଏକ୍ସପ୍ରେସରେ ସେପ୍ଟେମ୍ବର ୧ରୁ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ଏବଂ ଟ୍ରେନ୍ ନମ୍ବର ୧୮୪୪୮ ଜଗଦଲପୁର-ଭୁବନେଶ୍ୱରରେ ସେପ୍ଟେମ୍ବର ୨ରୁ ଅକ୍ଟୋବର ୧ ପର୍ଯ୍ୟନ୍ତ ଗୋଟିଏ ଲେଖାଏଁ ଥାର୍ଡ ଏସି କୋଚ୍ ସଂଯୋଗ କରାଯିବ।
ଆହୁରି, ଟ୍ରେନ୍ ନମ୍ବର ୧୮୪୧୭ ପୁରୀ-ଗୁଣୁପୁର ଏକ୍ସପ୍ରେସରେ ସେପ୍ଟେମ୍ବର ୧ରୁ ସେପ୍ଟେମ୍ବର ୩୦, ପର୍ଯ୍ୟନ୍ତ ଏବଂ ଟ୍ରେନ୍ ନମ୍ବର ୧୮୪୧୮ ଗୁଣୁପୁର-ପୁରୀ ଏକ୍ସପ୍ରେସରେ ସେପ୍ଟେମ୍ବର ୨ରୁ ଅକ୍ଟୋବର ୧ ପର୍ଯ୍ୟନ୍ତ ଗୋଟିଏ ଲେଖାଏଁ ଏସି ଚେୟାର କାର୍ କୋଚ୍ ସଂଯୋଗ କରାଯିବ।ଟ୍ରେନ୍ ନମ୍ବର ୨୦୮୩୨ ସମ୍ବଲପୁର-ଶାଲିମାର ମହିମା ଗୋସାଇଁ ଏକ୍ସପ୍ରେସରେ ସେପ୍ଟେମ୍ବର ୧ରୁ ସେପ୍ଟେମ୍ବର ୨୯ ପର୍ଯ୍ୟନ୍ତ ଏବଂ ଟ୍ରେନ୍ ନମ୍ବର ୨୦୮୩୧ ଶାଲିମାର-ସମ୍ବଲପୁରରେ ସେପ୍ଟେମ୍ବର ୨ରୁ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ଗୋଟିଏ ଲେଖାଏଁ ସ୍ଲିପର କ୍ଲାସ୍ କୋଚ୍ ସଂଯୋଗ କରାଯିବ।
ସେହିପରି, ଟ୍ରେନ୍ ନମ୍ବର ୨୦୪୭୧ ଶ୍ରୀଗଙ୍ଗାନଗର-ପୁରୀ ଏକ୍ସପ୍ରେସରେ ସେପ୍ଟେମ୍ବର ୬ରୁ ସେପ୍ଟେମ୍ବର ୨୭ ପର୍ଯ୍ୟନ୍ତ ଏବଂ ଟ୍ରେନ୍ ନମ୍ବର ୨୦୪୭୨ ପୁରୀ-ଶ୍ରୀଗଙ୍ଗାନଗର ଏକ୍ସପ୍ରେସରେ ସେପ୍ଟେମ୍ବର ୯ରୁ ସେପ୍ଟେମ୍ବର ୩୦ପର୍ଯ୍ୟନ୍ତ ଗୋଟିଏ ଲେଖାଏଁ ଥାର୍ଡ ଏସି କୋଚ୍ ସଂଯୋଗ କରାଯିବ।
ଏହା ସହିତ, ଟ୍ରେନ୍ ନମ୍ବର ୧୨୮୯୩ ଭୁବନେଶ୍ୱର-ପୁରୁଣାକଟକରେ ସେପ୍ଟେମ୍ବର ୧ରୁ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ଏବଂ ଟ୍ରେନ୍ ନମ୍ବର ୧୨୮୯୪ ପୁରୁଣାକଟକ-ଭୁବନେଶ୍ୱରରେ ସେପ୍ଟେମ୍ବର ୨ରୁ ଅକ୍ଟୋବର ୧ ପର୍ଯ୍ୟନ୍ତ ଦୁଇଟି ଅଣସଂରକ୍ଷିତ ସାଧାରଣ କୋଚ୍ ସଂଯୋଗ କରାଯିବ।

ଭୁବନେଶ୍ୱର, ୦୧ ସେପ୍ଟେମ୍ବର, ମଙ୍ଗଳବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

# ଶ୍ରୀମନ୍ଦିର ନାଟ ମଣ୍ଡପ ହେଲା ସମ୍ପୂର୍ଣ୍ଣ ଶୀତତାପ ନିୟନ୍ତ୍ରିତ

**ପୁରୀ, ୩୧ ।୮ ନ୍ୟୁଜ ବ୍ୟୁରୋ**

ଶ୍ରୀମନ୍ଦିର ନାଟମଣ୍ଡପ ସମ୍ପୂର୍ଣ୍ଣ ଶୀତତାପ ନିୟନ୍ତ୍ରିତ ହୋଇଛି । ଗତ ଏକମାସ ଧରି ନାଟମଣ୍ଡପରେ ଲାଗିଥିବା ଶୀତତାପ ନିୟନ୍ତ୍ରିତ ବ୍ୟବସ୍ଥା ପରୀକ୍ଷାମୂଳକ ଭାବେ କାର୍ଯ୍ୟକାରୀ କରାଯାଇଥିଲା । ସୋମବାରଠାରୁ ଶ୍ରୀମନ୍ଦିର ନାଟମଣ୍ଡପରେ ସମ୍ପୂର୍ଣ୍ଣ ଭାବେ ଶୀତତାପ ନିୟନ୍ତ୍ରିତ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରାଯାଇଛି । ଏହାଦ୍ୱାରା ନାଟମଣ୍ଡପରେ ପ୍ରବଳ ଗରମ ଓ ଗୁଳୁଗୁଳିରୁ ଭକ୍ତମାନେ ଆରାମ ପାଇବେ । ଶ୍ରୀମନ୍ଦିର ପ୍ରଶାସନର ଏଭଳି ପଦକ୍ଷେପକୁ ଉଭୟ ଭକ୍ତ ଓ ସେବାୟତ ସ୍ୱାଗତ କରିଛନ୍ତି । ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିରକୁ ଆସୁଥିବା ଭକ୍ତମାନେ ଏବେ ସମ୍ପୂର୍ଣ୍ଣ ଶୀତତାପ ନିୟନ୍ତ୍ରିତ ବ୍ୟବସ୍ଥାରେ ଶ୍ରୀମନ୍ଦିର ଭିତରେ ମହାପ୍ରଭୁଙ୍କ ଦର୍ଶନ କରିବେ । ଶ୍ରୀମନ୍ଦିର ନାଟମଣ୍ଡପକୁ ସମ୍ପୂର୍ଣ୍ଣ ଶୀତତାପ ନିୟନ୍ତ୍ରିତ କରାଯାଇଛି । ଗତ ଏକମାସ ଧରି



ଶୀତତାପ ନିୟନ୍ତ୍ରିତ ବ୍ୟବସ୍ଥା ପରୀକ୍ଷାମୂଳକ ଭାବେ କରାଯାଇଥିବା ବେଳେ ସୋମବାରଠାରୁ ପୂର୍ଣ୍ଣ ରୂପରେ ଶୀତତାପ ନିୟନ୍ତ୍ରିତ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରାଯାଇଛି । ଏଣିକି ଭକ୍ତମାନେ ନାଟମଣ୍ଡପରେ ପ୍ରବଳ ଗରମ ଓ ଗୁଳୁଗୁଳିର ସମ୍ମୁଖୀନ ହେବେ ନାହିଁ । ପ୍ରବଳ ଗୁଳୁଗୁଳି ଯୋଗୁଁ ଅନେକ ସମୟରେ ଭକ୍ତମାନେ ଅଣନିଃଶ୍ୱାସୀ ହୋଇ ଅସୁସ୍ଥ ହୋଇ ପଡୁଥିବାବେଳେ ଅନେକ ଭକ୍ତ ପ୍ରବଳ ଗରମ ଓ ଗୁଳୁଗୁଳି ଯୋଗୁଁ ଶ୍ରୀମନ୍ଦିର ଭିତରେ ବାନ୍ତି କରିଦିଅନ୍ତି । ଏହାଦ୍ୱାରା ଅନେକ ସମୟରେ ମହାପ୍ରଭୁଙ୍କ ନୀତି କାନ୍ତିରେ ବାଧା ସୃଷ୍ଟି ହୋଇଥାଏ । ଏହି ସମସ୍ୟାର ସମାଧାନ ପାଇଁ ଏଏସ୍ଆଇର ସହଯୋଗରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଶ୍ରୀମନ୍ଦିର ନାଟମଣ୍ଡପକୁ ସମ୍ପୂର୍ଣ୍ଣ ଭାବରେ ଶୀତତାପ ନିୟନ୍ତ୍ରିତ କରାଯାଇଛି । ଅନ୍ୟପକ୍ଷରେ ଶ୍ରୀମନ୍ଦିର ନାଟମଣ୍ଡପ ଭିତରେ ଧାଡ଼ି ଦର୍ଶନ ବ୍ୟବସ୍ଥା କରାଗଲେ ଭକ୍ତମାନେ ସୁବିଧାରେ ମହାପ୍ରଭୁଙ୍କ ଦର୍ଶନ ପାଇ ପାରିବେ ବୋଲି ଭକ୍ତମାନେ କହିଛନ୍ତି । ଏଣୁ ସରକାର ଯଥାଶୀଘ୍ର ଶ୍ରୀମନ୍ଦିର ନାଟମଣ୍ଡପରେ ଧାଡ଼ି ଦର୍ଶନ ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ଭକ୍ତ ଅନୁରୋଧ କରିଛନ୍ତି । ସେପଟେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ କହିଛନ୍ତି ନାଟମଣ୍ଡପକୁ ସମ୍ପୂର୍ଣ୍ଣ ଶୀତତାପ ନିୟନ୍ତ୍ରିତ କରାଯାଇଥିବାରୁ ଭକ୍ତମାନେ ଅତି ସୁନ୍ଦର ଭାବେ ମହାପ୍ରଭୁଙ୍କ ଦର୍ଶନ ପାଇପାରିବେ । ଶୃଙ୍ଖଳିତ ଦର୍ଶନ ପାଇଁ ଆଗାମୀ ଦିନରେ ରାଜ୍ୟ ସରକାର ଧାଡ଼ି ଦର୍ଶନ ବ୍ୟବସ୍ଥା ନାଟମଣ୍ଡପରେ କାର୍ଯ୍ୟକାରୀ କରିବେ ବୋଲି କହିଛନ୍ତି ମୁଖ୍ୟ ପ୍ରଶାସକ ।



ଅସୁରେଶ୍ୱର ଛକରେ କର୍ମବୀର ଗୌରୀଶଙ୍କର ରାୟ ତୋରଣ । (ଫଟୋ : ସମ୍ବାଦ କଳିକା)

# କମିଶନରେଟ ପୁଲିସର ଚେତାବନୀ, ଜୋରଜବରଦସ୍ତି ଚାନ୍ଦା ଆଦାୟ କଲେ ବନ୍ଧା ହେବେ




**ଭୁବନେଶ୍ୱର, ୩୧ ।୮ ନ୍ୟୁଜ ବ୍ୟୁରୋ**

ପାର୍ବଣ ଋତୁ ଆସିଲେ ରାସ୍ତାଘାଟରେ ଦେଖାଯାଏ ଚାନ୍ଦା ଆଦାୟର ଦୃଶ୍ୟ । ହେଲେ ଏଣିକି ଚାନ୍ଦା ନାଁରେ ଦାଦାଗିରି ଚଳିବନି । ଜୋରଜବରଦସ୍ତି ଚାନ୍ଦା ମାଗିଲେ ବନ୍ଧା ହେବେ । ପୁଲିସର କଡ଼ା ଚେତାବନୀ ପରେ ଏବେ ଜବରଦସ୍ତି ଚାନ୍ଦା ନେଉଥିବା ଲୋକଙ୍କ ଉପରେ ପୋଲିସର ରହିବ ନଜର । ରାଜଧାନୀବାସୀଙ୍କ ଅଭିଯୋଗ ପାଇଁ ଜାରି ହେବ ଟୋଲ ଫ୍ରି ନମ୍ବର । ଏହାସହ ୧୧୨ରେ କଲ୍ କରି ମଧ୍ୟ ଲୋକେ ପୁଲିସକୁ ଜଣାଇପାରିବେ । ରାସ୍ତାକଡ଼ରେ ଟେଣ୍ଟ ଲଗାଇ ଚାନ୍ଦା ଆଦାୟ ହେଉ କି, ଦୋକାନୀଙ୍କ ହାତରେ ରସିଦ ବହି ଧରାଇ ଟଙ୍କା ମାଗିବା ଏମିତି ଅଭିଯୋଗ ପ୍ରତିବର୍ଷ ଆସିଥାଏ । ଏପରିକି ରାସ୍ତା ମଝିରେ ଗାଡ଼ି ଅଟକାଇ ଚାନ୍ଦା ଆଦାୟ କରାଯାଉଥିବା ନେଇ ମଧ୍ୟ ଅଭିଯୋଗ ରହିଛି । କେହି ଖୁସିରେ ଚାନ୍ଦା ଦିଅନ୍ତି । ଆଉ କେହି ବିବାଦରୁ ବଞ୍ଚିବା ପାଇଁ ବାଧ୍ୟ ହୋଇ ଟଙ୍କା ଦିଅନ୍ତି । କିନ୍ତୁ ଏଣିକି ଚାନ୍ଦା ନାଁରେ ଦାଦାଗିରି କରୁଥିବା ଲୋକଙ୍କ ପାଇଁ ବଢ଼ିବ ଅଡୁଆ । ଧମକ ଦେଇ, ଭୟଭୀତ କରି କିମ୍ବା ଜୋରଜବରଦସ୍ତି କରି ଚାନ୍ଦା ଆଦାୟ ନେଇ ଅଭିଯୋଗ ମିଳିଲେ କମିଶନରେଟ୍ ପୁଲିସ ନେବ କଡ଼ା ଆଇନଗତ କାର୍ଯ୍ୟାନୁଷ୍ଠାନ । ପାର୍ବଣର ଖୁସି ଭିତରେ ଯେପରି କେହି ଚାନ୍ଦା ନାଁରେ ହଇରାଣ ନ ହୁଅନ୍ତି, ସେଥିପାଇଁ ବିଭିନ୍ନ ସ୍ଥାନ ଉପରେ ପୁଲିସର ନଜର ରହିବ । ଚାନ୍ଦା ଆଦାୟ ବେଳେ ଆଇନଶୃଙ୍ଖଳା ଭଙ୍ଗ ହେଲେ ତୁରନ୍ତ ନିଆଯିବ କାର୍ଯ୍ୟାନୁଷ୍ଠାନ । ପୁଲିସର ଏହି ପଦକ୍ଷେପକୁ ସ୍ୱାଗତ କରିଛନ୍ତି ବିଭିନ୍ନ ପୂଜା ମଣ୍ଡପ କର୍ମକର୍ତ୍ତା । ପ୍ରତିବର୍ଷ ସରକାର ଓ କମିଶନରେଟ୍ ପୁଲିସ ପକ୍ଷରୁ ଜାରି ହେଉଥିବା ଗାଇଡ୍ ଲାଇନ୍ ପୂଜା କମିଟିଗୁଡ଼ିକ ପାଳନ କରିଥାନ୍ତି ବୋଲି କହିଛନ୍ତି । ଚାନ୍ଦା ଆଦାୟଠାରୁ ଆରମ୍ଭ କରି ଟ୍ରାଫିକ୍ ନିୟନ୍ତ୍ରଣ, ସୁରକ୍ଷା ବ୍ୟବସ୍ଥା ଏବଂ ପ୍ରତ୍ୟେକ କ୍ଷେତ୍ରରେ ନିୟମ ମାନିବାକୁ ସଦସ୍ୟମାନଙ୍କୁ ମଧ୍ୟ ଅନୁରୋଧ କରାଯିବ । କୌଣସି ଗୋଟିଏ ଘଟଣା ପାଇଁ ସମଗ୍ର ପୂଜା କମିଟି ବଦନାମ ହେବା ଉଚିତ୍ ନୁହେଁ । ତେଣୁ ପ୍ରତ୍ୟେକ ପୂଜା କମିଟିର ଦାୟିତ୍ୱରେ ଥିବା ସଦସ୍ୟମାନେ ଅଧିକ ସଚେତନ ରହି ନିଜ ଅଞ୍ଚଳରେ ନିୟମକୁ କଡ଼ାକଡ଼ି ପାଳନ କରିବାକୁ ଅନୁରୋଧ କରାଯାଇଛି ।

## ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୩୧/୦୮/୨୦୨୬
୪.୫୫.୮୩୨/- ଟଙ୍କା
ସୁନା:- ଶୂନ୍ୟ
ରୂପା:-ଶୂନ୍ୟ

## ନାଲ୍‌କୋର ୪୫ତମ ବାର୍ଷିକ ସାଧାରଣ ବୈଠକ : ଆର୍ଥିକ ବର୍ଷ ୨୦୨୫-୨୬ରେ ରେକର୍ଡ ପ୍ରଦର୍ଶନ

# ମହତ୍ତ୍ୱାକାଂକ୍ଷୀ ସମ୍ପ୍ରସାରଣ ଏବଂ ଭବିଷ୍ୟତର ଅଭିବୃଦ୍ଧି ଯୋଜନାକୁ ଆଗେଇ ନେବ : ସିଏମ୍‌ଡି

**ଭୁବନେଶ୍ୱର, ୩୧/୦୮ ନ୍ୟୁଜ ବ୍ୟୁରୋ**




ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧିନସ୍ଥ ନବରତ୍ନ ଲୋକ ଉଦ୍ୟୋଗ ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ (ନାଲ୍‌କୋ)ର ୪୫ ତମ ବାର୍ଷିକ ସାଧାରଣ ବୈଠକ ଭିଡ଼ିଓ କନଫରେନସିଂ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି । ନାଲ୍‌କୋ ସିଏମଡି ବ୍ରିଜେନ୍ଦ୍ର ପ୍ରତାପ ସିଂ ଏହି ବୈଠକରେ ଅଧକ୍ଷତା କରିଥିଲେ । ବୈଠକରେ କମ୍ପାନୀର ନିର୍ଦ୍ଦେଶକଗଣ, ନିର୍ଦ୍ଦେଶକ (ସ୍ୱାଧୀନ), ମୁଖ୍ୟ ସତର୍କତା ଅଧିକାରୀ, ଖଣି ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀ ଏବଂ କମ୍ପାନୀ ସଚିବ ପ୍ରମୁଖ ମଧ୍ୟ ଉପସ୍ଥିତ ଥିଲେ । ସେୟାରଧାରକମାନଙ୍କୁ ସମ୍ବୋଧିତ କରିବା ଅବସରରେ ସିଏମଡି ବ୍ରିଜେନ୍ଦ୍ର ପ୍ରତାପ ସିଂ, କମ୍ପାନୀର ଆର୍ଥିକ ବର୍ଷ ୨୦୨୫-୨୬ର ରେକର୍ଡ ପ୍ରଦର୍ଶନ ସମ୍ବନ୍ଧରେ ଆଲୋକପାତ କରିଥିଲେ । ସେ କହିଥିଲେ ଯେ, ଏହି ସଫଳତା ନାଲ୍‌କୋର ସ୍ଥିର ପ୍ରଦର୍ଶନ, ରଣନୈତିକ ଦୂରଦୃଷ୍ଟି ଏବଂ କାର୍ଯ୍ୟକ୍ଷମ ଉତ୍କର୍ଷତାକୁ ପ୍ରତିଫଳିତ କରୁଛି । ଭାରତର ଆଲୁମିନିୟମ ମୂଲ୍ୟ ଶୃଙ୍ଖଳାକୁ ସୁଦୃଢ଼ କରିବା ଏବଂ ଆତ୍ମନିର୍ଭର ଭାରତ ତଥା ବିକଶିତ ଭାରତ ଗଠନ ଦିଗରେ ମଧ୍ୟ କମ୍ପାନୀର ଯୋଗଦାନକୁ ସେ ଦୃଢ଼ତାର ସହ ସମର୍ଥନ କରିଥିଲେ । ଆର୍ଥିକ ବର୍ଷ ୨୦୨୫-୨୬ରେ କମ୍ପାନୀ ବ୍ୟବସାୟର ପ୍ରମୁଖ କ୍ଷେତ୍ର ଗୁଡ଼ିକରେ ସର୍ବୋଚ୍ଚ ପ୍ରଦର୍ଶନ ହାସଲ କରିଛି । ଏହି କାର୍ଯ୍ୟକ୍ଷମ ଉତ୍କର୍ଷତା ରେକର୍ଡ ଆର୍ଥିକ ଫଳାଫଳରେ ମଧ୍ୟ ପରିଲକ୍ଷିତ ହୋଇଛି । କମ୍ପାନୀ ଏହାର ସର୍ବକାଳୀନ ସର୍ବାଧିକ ପରିମାଣର ବ୍ୟବସାୟ, ଟିକସ ପୂର୍ବରୁ ଲାଭ ଏବଂ ନିଟ ଲାଭ ହାସଲ କରିଛି । ଘରୋଇ ଆଲୁମିନା ଏବଂ ଆଲୁମିନିୟମ ଧାତୁ ମଧ୍ୟ ସର୍ବାଧିକ ବିକ୍ରୟ ହୋଇଛି । ଏହି ସଫଳତାଗୁଡ଼ିକ ନାଲ୍‌କୋର ଦୃଢ଼ ମୌଳିକତା, ଦକ୍ଷ କାର୍ଯ୍ୟକ୍ଷମତା ଏବଂ ଏକ ଗତିଶୀଳ ବ୍ୟବସାୟିକ ପରିବେଶରେ ସ୍ଥାୟୀ ମୂଲ୍ୟ ପ୍ରଦାନ କରିବାର କ୍ଷମତାକୁ ଗୁରୁତ୍ୱାରୋପ କରେ । ସେୟାରଧାରକମାନଙ୍କ ପାଇଁ ସ୍ଥାୟୀ ମୂଲ୍ୟ ସୃଷ୍ଟି କରିବା ଉଦ୍ଦେଶ୍ୟରେ କମ୍ପାନୀ ୨୦୨୫-୨୬ ଆର୍ଥିକ ବର୍ଷରେ ତିନୋଟି ପର୍ଯ୍ୟାୟରେ ପ୍ରତି ଇକ୍ୱିଟି ସେୟାର ପିଛା ୧୦.୫୦ ଟଙ୍କାର ମଧ୍ୟବର୍ତ୍ତୀକାଳୀନ ଲାଭାଂଶ ପ୍ରଦାନ କରିଛି, ଯାହାର ପରିମାଣ ୧,୯୨୮.୪୬ କୋଟି । ଏଥି ସହ ୪୫ତମ ବାର୍ଷିକ ସାଧାରଣ ବୈଠକରେ ସେୟାରଧାରକମାନେ ପ୍ରତି ଇକ୍ୱିଟି ସେୟାର ପିଛା ୧ ଟଙ୍କାର ଚୂଡ଼ାନ୍ତ ଲାଭାଂଶକୁ ମଧ୍ୟ ଅନୁମୋଦନ କରିଛନ୍ତି, ଯାହାର ପରିମାଣ ୧୮୩.୬୬ କୋଟି । ଏହି ଅବସରରେ ସିଏମଡି ଶ୍ରୀ ସିଂହ କହିଛନ୍ତି ଯେ, ଭାରତରେ ଆଲୁମିନିୟମର ଚାହିଦା ଅନୁକୂଳ ରହିଛି ଏବଂ ଏହା ଏକ ଦୃଢ଼ ଅଭିବୃଦ୍ଧି ଧାରାରେ ବଜାୟ ରହିବ ବୋଲି ଆଶା କରାଯାଉଛି । ନାଲ୍‌କୋର ଅଭିବୃଦ୍ଧି ଯୋଜନା ଏବଂ ଦୀର୍ଘକାଳୀନ ରଣନୈତିକ ପ୍ରାଥମିକତା ଉପରେ ଗୁରୁତ୍ୱାରୋପ କରି ଶ୍ରୀ ସିଂହ ଦାମନଜୋଡିରେ ଆଲୁମିନା ରିଫାଇନାରୀର ପଞ୍ଚମ ଷ୍ଟ୍ରିମ୍ ସମ୍ପ୍ରସାରଣ, ପୋଟାଙ୍ଗି ବକ୍ସାଇଟ୍ ଖଣିର ବିକାଶ, କ୍ୟାପ୍ଟିଭ୍ କୋଇଲା କ୍ଷମତା ବୃଦ୍ଧି ଏବଂ ଅନୁଗୋଳରେ ଆଲୁମିନିୟମ ସ୍ମେଲ୍ଟର ଏବଂ କ୍ୟାପ୍ଟିଭ୍ ପାୱାର ପ୍ଲାଣ୍ଟର ପ୍ରସ୍ତାବିତ ସମ୍ପ୍ରସାରଣ ଦିଗରେ କମ୍ପାନୀ କାର୍ଯ୍ୟ କରୁଛି ବୋଲି ସେ ଆଲୋକପାତ କରିଥିଲେ । ସେ କମ୍ପାନୀର ପ୍ରତିଯୋଗିତାମୂଳକତାକୁ ସୁଦୃଢ଼ କରିବା, କାର୍ଯ୍ୟକ୍ଷମ ସ୍ଥିରତା ବୃଦ୍ଧି କରିବା ଏବଂ ସ୍ଥାୟୀ ଦୀର୍ଘକାଳୀନ ମୂଲ୍ୟ ସୃଷ୍ଟି କରିବା ସହ କ୍ରିଟିକାଲ ମିନେରାଲ, ସମ୍ପଦ ଏବଂ ଶକ୍ତି ସୁରକ୍ଷା, ଚକ୍ରାକାର ଅର୍ଥନୀତି, ଡିଜିଟାଲ୍ ରୂପାନ୍ତରଣ ଏବଂ ଅକ୍ଷୟ ଶକ୍ତି କ୍ଷେତ୍ରରେ ନାଲ୍‌କୋର ରଣନୈତିକ ପଦକ୍ଷେପ ଉପରେ ମଧ୍ୟ ଆଲୋକପାତ କରିଥିଲେ । ଶ୍ରୀ ସିଂହ ଭାରତ ସରକାରଙ୍କୁ, ବିଶେଷକରି ଖଣି ମନ୍ତ୍ରଣାଳୟର ନିରନ୍ତର ମାର୍ଗଦର୍ଶନ ଏବଂ ସମର୍ଥନ ପାଇଁ କୃତଜ୍ଞତା ପ୍ରକାଶ କରିଥିଲେ । ଏଥି ସହ ସେ କମ୍ପାନୀର କାର୍ଯ୍ୟ, ଅଭିବୃଦ୍ଧି ଯାତ୍ରାକୁ ସହଜ କରିବାରେ ଓଡ଼ିଶା ସରକାର ଏବଂ ସ୍ଥାନୀୟ ପ୍ରଶାସନ ଦ୍ୱାରା ପ୍ରଦାନ କରାଯାଇଥିବା ସହଯୋଗ ନିମନ୍ତେ ମଧ୍ୟ କୃତଜ୍ଞତା ଜ୍ଞାପନ କରିଥିଲେ । କମ୍ପାନୀର ପରିପାର୍ଶ୍ୱିକ କ୍ଷେତ୍ରଗୁଡ଼ିକରେ ବାସ କରୁଥିବା ସମ୍ପ୍ରଦାୟମାନଙ୍କର ସହଯୋଗ କମ୍ପାନୀର ପ୍ରଗତି ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ଶ୍ରୀ ସିଂହ କହିଥିଲେ । ସେ ନାଲ୍‌କୋର କର୍ମଚାରୀ, ଚୁକ୍ତିଭିତ୍ତିକ କର୍ମଚାରୀ, ସେୟାର ଧାରକ, ନିବେଶକ, ଗ୍ରାହକ, ଯୋଗାଣକାରୀ, ବ୍ୟବସାୟ ସହଯୋଗୀ, ପରାମର୍ଶଦାତା ଏବଂ ଯୁଗ୍ମ ଉଦ୍ୟୋଗ ଅଂଶୀଦାରମାନଙ୍କୁ ସେମାନଙ୍କର ନିରନ୍ତର ବିଶ୍ୱାସ ଏବଂ ସମର୍ଥନ ପାଇଁ ଧନ୍ୟବାଦ ଜଣାଇଥିଲେ । '୨୦୨୫-୨୬ ଆର୍ଥିକ ବର୍ଷର ରେକର୍ଡ ପ୍ରଦର୍ଶନ ଏକ ସାମୂହିକ ସଫଳତା । ନାଲ୍‌କୋ ଦ୍ୱାରା ହାସଲ କରାଯାଇଥିବା ପ୍ରତ୍ୟେକ ମାଇଲଖୁଣ୍ଟ ପଛରେ ଏହାର ଅଂଶୀଦାରଙ୍କ ପ୍ରତିବଦ୍ଧତା, କ୍ଷମତା ଏବଂ ସାମୂହିକ ମନୋଭାବ ରହିଛି ବୋଲି ଶ୍ରୀ ସିଂହ ମତବ୍ୟକ୍ତ କରିଥିଲେ ।'

## ବଡ଼ଧରଣର ଲୁଟ୍ ଘଟଣାର ପର୍ଦ୍ଦାଫାଶ

# ସୁନା-ହୀରା ଅଳଙ୍କାର ଚୋରି ଘଟଣାରେ ଲେଡି ଲୁଟେରା ଗିରଫ

**ଭୁବନେଶ୍ୱର ୩୧ ।୦୮ ନ୍ୟୁଜ ବ୍ୟୁରୋ**



ବଡ଼ଧରଣର ଲୁଟ୍ ଘଟଣାର ପର୍ଦ୍ଦାଫାଶ କରିଛି ପୋଲିସ । ଚନ୍ଦ୍ରଶେଖରପୁରରେ ଘରୁ ସୁନା ରୂପା ଓ ହୀରା ଅଳଙ୍କାର ଚୋରି ଘଟଣାର ପର୍ଦ୍ଦାଫାଶ ହୋଇଛି । ନବଜାତକ ଶିଶୁର ଦେଖାଶୁଣା ପାଇଁ ଘରେ ନିୟୋଜିତ ହୋଇଥିବା ଆଟେଣ୍ଡାଣ୍ଟ ହିଁ ଚୋରି କରିଥିଲା । ଅଭିଯୋଗ ପରେ ଚନ୍ଦ୍ରଶେଖରପୁର ଥାନା ପୋଲିସ ତଦନ୍ତ କରିଥିଲା । ଅଭିଯୋଗକାରୀଙ୍କ ନବଜାତକ ଶିଶୁକୁ ଦେଖାଶୁଣା ପାଇଁ ଏକ ଏଜେନ୍ସି ଜରିଆରେ ପ୍ରିୟଙ୍କା ରାଉଳକୁ ରଖାଯାଇଥିଲା । ମାତ୍ର ୧୦ ଦିନ ଧରି ସେ ଘରେ କାମ କରିଥିଲା । ଗତ ୨୬ତାରିଖରେ ଚୋରି କରି ଆଉ କାମକୁ ଫେରିନଥିଲା । ଆଉ ଗୋଟିଏ ଘରେ ଚୋରି ପାଇଁ ଡେରା ପକାଇବା ବେଳେ ତାକୁ ମାଡ଼ି ବସିଥିଲା ପୋଲିସ । ଅଭିଯୋଗକାରୀଙ୍କ ଘରୁ ୨୫ଲକ୍ଷ ଟଙ୍କାର ସୁନା ଅଳଙ୍କାର, ୨୦୦ଗ୍ରାମ୍ ରୂପା, ନଗଦ ୬୦୦୦ ଟଙ୍କା, ସ୍ମାର୍ଟ ୱାଚ, ମୋବାଇଲ ଫୋନ, ୮ଟି ଦାମୀ ଶାଢ଼ୀ, ୪ଟି ହୀରା ମୁଦି ସମେତ ଦାମୀ ବାସନକୁସନ ଚୋରି କରିନେଇଥିଲା ପ୍ରିୟଙ୍କା । ପରେ ସିସିଟିଭି ଫୁଟେଜ୍ ଯାଞ୍ଚ ଓ ସ୍ଥାନୀୟ ଲୋକଙ୍କୁ ପଚରାଉଚରା କରି ପ୍ରିୟଙ୍କା ପାଖରେ ପହଞ୍ଚିଥିଲା ଚନ୍ଦ୍ରଶେଖରପୁର ଥାନା ପୋଲିସ । ଶେଷରେ ଯାଞ୍ଚ ବେଳେ ବାର୍‌କୋଡ ଲାଗିଥିବା ରୂପା ମୁଦି ଧରାଇଦେଲା ପ୍ରିୟଙ୍କାକୁ । ପୋଲିସ ପଚରାଉଚରା କରିବା ପରେ ସେ ଚୋରି କରିଥିବା ସ୍ୱୀକାର କରିଥିଲା । ପୋଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଛି ।




## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା ରବିବାସରୀୟ କଳିକା ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ । ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କସ୍ଥ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# ସିଜେପି ଶୋଭାଯାତ୍ରା ନିଷିଦ୍ଧ କରିବାକୁ ମନାକଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୩୧/୦୮**



ସେପ୍ଟେମ୍ବର ୫ ତାରିଖରେ ହେବାକୁ ଥିବା ଇଣ୍ଡିଆ ଗେଟ୍‌ରୁ ଦିଲ୍ଲୀ ପୋଲିସ ମୁଖ୍ୟାଳୟ ପର୍ଯ୍ୟନ୍ତ କକ୍ରୋଚ୍ ଜନତା ପାର୍ଟି (ସିଜେପି)ର ପ୍ରତିବାଦ ଶୋଭାଯାତ୍ରାକୁ ନିଷିଦ୍ଧ କରିବାକୁ ସୋମବାର ସୁପ୍ରିମକୋର୍ଟ ମନା କରିଦେଇଛନ୍ତି ଏବଂ ବିଶ୍ୱାସ ପ୍ରକାଶ କରିଛନ୍ତି ଯେ, ପ୍ରତିବାଦ ଶାନ୍ତିପୂର୍ଣ୍ଣ ଓ ଆଇନଗତ ରହିବ । 'ବର୍ତ୍ତମାନ, କିଛି ଭୁଲ ଘଟିବ ବୋଲି ଅନୁମାନ କରିବା ପାଇଁ କୌଣସି ବାଧ୍ୟତାମୂଳକ ପରିସ୍ଥିତି ନାହିଁ...,' ବୋଲି ମଧ୍ୟ ସୁପ୍ରିମକୋର୍ଟ ମତ ଦେଇଛନ୍ତି । ଭାରତର ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତ ଓ ବିଚାରପତି ଜୟମାଲ୍ୟ ବାଗଚି ଏବଂ ଭି ମୋହନାଙ୍କ ଦ୍ୱାରା ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଥିଲେ ।

ଜଣେ ଆବେଦନକାରୀଙ୍କ ପ୍ରତିନିଧିତ୍ୱ କରୁଥିବା ଓକିଲ ରିଜୱାନ ଅହମ୍ମଦ ଯୁକ୍ତି ଦେଇଥିଲେ, 'ଦାବି କ'ଣ, ଏହା ଆବଶ୍ୟକ କି ? ପୋଲିସ ଏଫଆଇଆରରେ ନାମିତ ଲୋକଙ୍କୁ ଗିରଫ କରିବା ପାଇଁ ଚଢ଼ଉ କରୁଛି । ଉତ୍ତର ହେଉଛି ନା । ତେଣୁ, କକ୍ରୋଚ୍ ଜନତା ପାର୍ଟି ଯାହା ମାଗୁଛି ତାହା ସେମାନଙ୍କ ପାଇଁ ଉପଯୋଗୀ ହୋଇପାରେ... କିନ୍ତୁ ସେମାନେ କ'ଣ ବ୍ରିକ୍ସ ଶିଖର ସମ୍ମିଳନୀ ଶେଷ ହେବା ପାଇଁ ୧୦ ଦିନ ଅପେକ୍ଷା କରି ସରକାରଙ୍କୁ ଆବେଦନ କରିପାରିବେ ନାହିଁ ?' ଯଦି ସରକାର ଅନୁମତି ନଦିଅନ୍ତି, ତେବେ ସେମାନେ ତତ୍କାଳ ଉଲ୍ଲେଖ ପାଇଁ ସୁପ୍ରିମକୋର୍ଟକୁ ଆସିପାରିବେ...' ସିଜେଆଇ ବ୍ୟାଖ୍ୟା କରିଥିଲେ ଯେ, ଏଥିରେ ଦୁଇଟି ପ୍ରସଙ୍ଗ ଜଡ଼ିତ: ପ୍ରଥମ, ଆଇନ ଓ ଶୃଙ୍ଖଳା ଏବଂ ଦ୍ୱିତୀୟ ଏହା ଏକ ନୀତିଗତ ପ୍ରସଙ୍ଗ ।' ସିଜେଆଇ କହିଛନ୍ତି ଯେ କୋର୍ଟ ବର୍ତ୍ତମାନ ଧରି ନେଉଛନ୍ତି ଯେ ସମସ୍ତେ ଦାୟିତ୍ୱପୂର୍ଣ୍ଣ, ଶାନ୍ତିପୂର୍ଣ୍ଣ ଏବଂ ଆଇନଗତ ଭାବେ କାର୍ଯ୍ୟ କରିବେ ଏବଂ ଆଚରଣ କରିବେ । ସିଜେଆଇ କହିଛନ୍ତି, 'ବର୍ତ୍ତମାନ, କିଛି ଭୁଲ ଘଟିବ ବୋଲି ବିଶ୍ୱାସ କରିବା ପାଇଁ କୌଣସି ବାଧ୍ୟତାମୂଳକ ପରିସ୍ଥିତି ନାହିଁ...' ଅହମ୍ମଦ କହିଛନ୍ତି, 'ଅନ୍ତର୍ଜାତୀୟ ଗଣମାଧ୍ୟମ ଏଠାରେ ଅଛି... ଏବଂ ଅଭିଜ୍ଞତାରୁ, ମୁଁ ଭାବୁଛି... ଈଶ୍ୱର ନକରନ୍ତୁ ଯେ ଆଉ ଏକ ଘଟଣା ଘଟୁ - ସିଜେପି ଯୋଗୁଁ ନୁହେଁ ବରଂ ହୁଏତ କିଛି ଦୁଷ୍ଟ ଉପାଦାନ ଯୋଗୁଁ...' ସେ ଏହି ମାମଲାରେ ନୋଟିସ୍ ଜାରି କରିବାକୁ ଏବଂ ସେପ୍ଟେମ୍ବର ୩ କିମ୍ବା ୪ ତାରିଖରେ ଶୁଣାଣି ସ୍ଥିର କରିବାକୁ ଖଣ୍ଡପୀଠକୁ ଅନୁରୋଧ କରିଥିଲେ । ଖଣ୍ଡପୀଠ କହିଛନ୍ତି ଯେ, ଏହି ମାମଲା ଶେଷରେ ପୋଲିସ କର୍ତ୍ତୃପକ୍ଷଙ୍କ ଉପରେ ନିର୍ଭର କରେ ଏବଂ ଆବେଦନକୁ ମୁଖ୍ୟ ମାମଲା ସହିତ ଟ୍ୟାଗ୍ କରୁଛି । ଅହମ୍ମଦ କହିଛନ୍ତି ଯେ, ଏହି ଗୋଷ୍ଠୀ ଏପରି କାର୍ଯ୍ୟ କରୁଛି, ଯେପରି ବିଏନ୍‌ଏସ୍‌ଏସ୍ ସେମାନଙ୍କ ଉପରେ ଲାଗୁ ହେବ ନାହିଁ ଏବଂ ସେ ଜୋର ଦେଇ କହିଛନ୍ତି ଯେ, ସେମାନଙ୍କୁ ପାଖରେ ଥିବା ସମ୍ପୃକ୍ତ ପୋଲିସ ଷ୍ଟେସନରୁ ଅନୁମତି ନେବାକୁ ପଡ଼ିବ । ଖଣ୍ଡପୀଠ ଅବସରପ୍ରାପ୍ତ ଦିଲ୍ଲୀ ପୋଲିସ ଅଧିକାରୀ ରାଜେନ୍ଦ୍ର ସିଂହଙ୍କ ଦ୍ୱାରା ଦାଖଲ କରାଯାଇଥିବା ଏକ ଆବେଦନର ଶୁଣାଣି କରୁଥିଲେ, ଯେଉଁ ମାମଲା ରିଜୱାନ ଅହମ୍ମଦ ପ୍ରତିନିଧିତ୍ୱ କରିଥିଲେ । ଆବେଦନରେ ଜୁଲାଇ ୨୦ ତାରିଖରେ ଜନ୍ତର ମନ୍ତରରେ ସିଜେପିର ପ୍ରତିବାଦ ସମୟରେ ଆହତ ପୋଲିସ କର୍ମଚାରୀଙ୍କ ପାଇଁ କ୍ଷତିପୂରଣ ଏବଂ ଦାୟୀ ବୋଲି ଅଭିଯୋଗ ହୋଇଥିବା ଲୋକଙ୍କଠାରୁ ସରକାରୀ ସମ୍ପତ୍ତିର କ୍ଷତି ଆଦାୟ ପାଇଁ ଦାବି କରାଯାଇଥିଲା । ଆବେଦନକାରୀ ସଂସଦ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସରକାରୀ ପ୍ରତିଷ୍ଠାନ ନିକଟରେ ପ୍ରତିବାଦକୁ ନିୟନ୍ତ୍ରଣ କରିବା ପାଇଁ ଏକ ଢାଞ୍ଚା ମଧ୍ୟ ଦାବି କରିଥିଲେ, ଯେଉଁଥିରେ କୌଣସି ପ୍ରତିବାଦ ନାହିଁ କିମ୍ବା ସୁରକ୍ଷା କ୍ଷେତ୍ର ସ୍ଥାପନ କରିବା ଅନ୍ତର୍ଭୁକ୍ତ । ଆବେଦନରେ ଜୁଲାଇ ୨୦ ତାରିଖରେ ଜନ୍ତର ମନ୍ତରରେ ପ୍ରତିବାଦ ସମୟରେ ଆହତ ପୋଲିସ କର୍ମଚାରୀଙ୍କ ପାଇଁ କ୍ଷତିପୂରଣ ଏବଂ ଦାୟୀ ଲୋକଙ୍କଠାରୁ ସରକାରୀ ସମ୍ପତ୍ତିର କ୍ଷତି ଆଦାୟ ପାଇଁ ଦାବି କରାଯାଇଥିଲା ।

## ପ୍ରକାଶ ଅପେକ୍ଷାରେ ...

### ମାସିକ ଗଳ୍ପ ପତ୍ରିକା "କଥାକଳିକା"ର ସେପ୍ଟେମ୍ବର-୨୦୨୬ ସଂଖ୍ୟା




### ଏଥର ସଂଖ୍ୟାରେ...

**ସ୍ମରଣୀୟ କଥା :** ବାସନ୍ତୀ ମହାନ୍ତି
**ସମକାଳର କଥା :** ଚନ୍ଦ୍ରକଳା ନାୟକ, ପ୍ରଭାତ ସିହ୍ନା, ପ୍ରସନ୍ନ କୁମାର ମିଶ୍ର, ଆନନ୍ଦ କୁମାର ମାଇତି, ହଂସନାଥ ମୁଦୁଲି, ଚକ୍ରଧର ସାହୁ, ବୀରେଶ୍ୱର ମହାନ୍ତି, କବିତା ମିଶ୍ର ।
**ସାକ୍ଷାତକାର:** କଥାକାର ରାଜେନ୍ଦ୍ର ରାଉଳ
**ପୁସ୍ତକ ସମୀକ୍ଷା :** ଲୋକେ କହୁଛନ୍ତି (ଗାଳ୍ପିକ ଗଙ୍ଗାଧର ବିଶ୍ୱାଳ)
**ଅନ୍ୟଭାଷାର କଥା :** ଚିତ୍ତ ରଂଜନ ପଟ୍ଟନାୟକ
**ଯୁବମାନସର କଥା :** ସରିତା ସିଂହ ମହାନ୍ତି, ବିପ୍ଳବବିକାଶ ବେହେରା, ନିର୍ମଳ କୁମାର, ରଜନୀ କାନ୍ତ ମିଶ୍ର, ଛବିରାଣୀ ପତି ।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

**ଯୋଗାଯୋଗ କରନ୍ତୁ**
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪) ୨୫୪୧୪୪୮, ୨୫୪୫୦୪୬,
ଫାକ୍ସ: ୨୫୪୫୬୭୮
E-mail: kathakalika@gmail.com

ପୃଷ୍ଠା-୬୮/ ମୂଲ୍ୟ ୩୦ ଟଙ୍କା ମାତ୍ର
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ । କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/-
(୨ଟି ବିଶେଷ ସଂଖ୍ୟା ସହ)